

ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
- ଡାୟୋଜିନିସ୍



## ସଂକ୍ଷେପରେ...

### ହାବିଲଦାର, କନଷ୍ଟେବଲ ସଂଘ ନିର୍ବାଚନ

ବରଗଡ଼ ଅଫିସ୍,୧୬।୨

ବରଗଡ଼ ଜିଲା ପୋଲିସ ହାବିଲଦାର, କନଷ୍ଟେବଲ ସଂଘର ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଶୀଲ କୁମାର ଦାଶ ସଭାପତି, ଅଜିତ କୁମାର ପ୍ରଧାନ ଉପସଭାପତି, କମଳାକାନ୍ତ ଗଡ଼ତିଆ ସମ୍ପାଦକ, କୁଳେଶ୍ୱର ମାଝି କୋଷାଧ୍ୟକ୍ଷ ଏବଂ ନୟନ କୁମାର ବାଗ ଓ ରଞ୍ଜିତ କର୍ମୀ ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି । ଏହା ସହିତ ସୁଶୀଲ କୁମାର ସେଠ, ଦଳଗଞ୍ଜନ ସାହୁ, କିର୍ତ୍ତି ସୋରେନ, କାର୍ତ୍ତିକ ଭୁଏ ଏବଂ ମଧୁସୂଦନ ନାଏକ କାର୍ଯ୍ୟକାରୀ କମିଟି ସଭ୍ୟ ନିର୍ବାଚିତ ହୋଇଥିବା ସୂଚନା ମିଳିଛି ।

### ନୂଆପଡା କପ୍: ଖଇରପାଲି ଚାମ୍ପିୟନ

ପଦ୍ମପୁର, ୧୬।୨ (ଡି.ଏନ.ଏ)

ପଦ୍ମପୁର ବଡପଡାଠାରେ ନୂଆପଡା ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଅଷ୍ଟମ ନୂଆପଡା କପ୍ ଉଦଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସମୁଦାୟ ୩୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଲୋହାରପାଲି ଓ ଖଲିଆପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲୋହାରପାଲି ଦଳ ଟସ୍ ଜିଣି ପ୍ରଥମେ ବୋଲିଂ କରିଥିଲା । ଖଲିଆପାଲି ଦଳ ୧୦ ଓଭର ବିନିମୟରେ ୧୦୮ ରନ କରି ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ଶିକ୍ଷକ ନରେନ୍ଦ୍ର ପଧାନ, ଶିକ୍ଷକ କିଶୋର ପାତ୍ର ଓ ମିନକେତନ ସାହୁ ଯୋଗଦେଇ ବିଜେତା ଖଇରପାଲି ଦଳକୁ ଟ୍ରଫି ସହ ୧୮ ହଜାର ଟଙ୍କା ନଗଦ ପୁରସ୍କାର ରାଶି ଓ ଉପବିଜେତା ଲୋହାରପାଲି ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ନଗଦ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସୁବାଷ ବରିହା ଓ ସୁରଜ ଭୋଇ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଆକାଶ ସାହୁ, କମଳ ସାହୁ, ସନାତନ ସାହୁ ଓ ବରୁଣ ସାହୁ ଖେଳ ପରିଚାଳନା କରିଥିଲେ। ରାଜେଶ ପଟେଲ ଓ ଆଭାସ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

### ୨୦ରୁ ରୁଦ୍ର ମହାଯଜ୍ଞ, ବିଶ୍ୱାତ୍ମ ଚେତନା ମହାସମ୍ମେଳନ

ବରଗଡ଼ ଅଫିସ୍,୧୬।୨

ବରଗଡ଼ ନିଗମାନନ୍ଦ ବିହାରସ୍ଥିତ ଆନନ୍ଦକାନନ ଆଶ୍ରମରେ ଆସନ୍ତା ୨୦ତାରିଖରୁ ଶ୍ରୀ ଶ୍ରୀ ରୁଦ୍ର ମହାଯଜ୍ଞ ଏବଂ ବିଶ୍ୱାତ୍ମ ଚେତନା ମହାସମ୍ମେଳନ ଆରମ୍ଭ ହେବ। ଏହା ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଶନିବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ ସତ୍ୟବେଦାନନ୍ଦ ସରସ୍ୱତୀ ଉକ୍ତ କାର୍ଯ୍ୟକ୍ରମର ରୂପରେଖ ଉପରେ ସୂଚନା ପ୍ରଦାନ କରିଥିଲେ । ଏଥିରେ ରାଜ୍ୟ ତଥା ଛତିଶଗଡ଼, ମଧ୍ୟପ୍ରଦେଶ ଆଦି ଅଞ୍ଚଳର ବହୁସଂଖ୍ୟକ ସାଧୁସନ୍ଥ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିତ୍ୟ ଚୈତନ୍ୟ ମହାରାଜ, ସୁରେନ୍ଦ୍ର କୁମାର ବାରିକ, ସୁରେଶ୍ୱର ଶତପଥୀ, ଶ୍ୟାମସୁନ୍ଦର ଅଗ୍ରୱାଲ, ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅନିଶ୍ଚିତତାରେ ଶିକ୍ଷାର୍ଥୀଙ୍କ ଭବିଷ୍ୟତ

## ବିଜେପୁର କଲେଜରେ ଅଧ୍ୟାପକ, କର୍ମଚାରୀ ଅଭାବ

ବିଜେପୁର, ୧୬।୨ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ମହାବିଦ୍ୟାଳୟରେ ଦୀର୍ଘଦିନ ହେଲା ଅଧ୍ୟାପକ, କର୍ମଚାରୀ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଫଳରେ ଶିକ୍ଷାର୍ଥୀ, ଅଭିଭାବକ, ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ସୂଚନା ମୁତାବକ, ବିଜେପୁର ମହାବିଦ୍ୟାଳୟ ଏକ ଅନୁଦାନ ପ୍ରାପ୍ତ ସରକାରୀ ସମ୍ମିଶ୍ରିତ ମହାବିଦ୍ୟାଳୟ । ଏଠାରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗ ରହିଛି । ଏଠାକାର ଓଡିଆ, ଇତିହାସ ଓ ରାଜନୀତି ବିଜ୍ଞାନ ବିଷୟରେ ୩, ଇଂରାଜୀ ଶିକ୍ଷା, ଅର୍ଥନୀତି ବିଭାଗରେ ୨, ସଂସ୍କୃତ ବିଭାଗରେ ଗୋଟିଏ ସରକାରୀ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ରହିଛି। ସେହିପରି ଅଣଶୈକ୍ଷିକ କର୍ମଚାରୀଙ୍କ ମଧ୍ୟରେ ଲାଇବ୍ରେରୀ ବିଭାଗରେ ୨, ଗୋଟିଏ କ୍ରୀଡା ଶିକ୍ଷକ, ୩ ପିଅନ ପଦବୀ ରହିଛି । ୨୦୧୮ରେ ଇତିହାସ ଅଧ୍ୟାପକ ଘନଶ୍ୟାମ ସାହୁ, ଅଧ୍ୟକ୍ଷ ଦାୟିତ୍ୱରେ ରହିଥିବା ରାଜନୀତି ବିଜ୍ଞାନ ଅଧ୍ୟାପକ ଅକ୍ଷୟ କୁମାର ଯୋଶୀ ଏପ୍ରିଲ ୨୦୧୯ରୁ ଅବସରଗ୍ରହଣ କରିବା ପରେ ସମ୍ପୃକ୍ତ ଅଧ୍ୟାପକ ପଦବୀ ଖାଲି ପଡିଛି। ୨୦୧୮ ଡିସେମ୍ବରରୁ ଓଡିଆ ବିଭାଗ ଅଧ୍ୟାପକ ଡ. ବବ୍ରୁବାହନ ମହାପାତ୍ର ପଦୋନ୍ନତି ପାଇ ବାରିପଦା ବିଶ୍ୱବିଦ୍ୟାଳୟକୁ ଯିବା ଦିନଠାରୁ ଏହି ପଦବୀ ଖାଲି ରହିଛି। ସେହିପରି ଲାଇବ୍ରେରିଆନ ଅଭୟ କୁମାର ସାହୁ ଓ ପିଅନ ସୁରେଶ ମେହେର ଅବସରଗ୍ରହଣ କରିବା ଦିନରୁ ଦୀର୍ଘଦିନ ହେଲା ସେହି ପଦବୀ ଶୂନ୍ୟ ରହିଛି । ଓଡିଆ, ଇତିହାସ ଓ ରାଜନୀତି ବିଜ୍ଞାନ ଅଧ୍ୟାପକ ପଦବୀ ଖାଲି ରହିଥିବାରୁ ଶିକ୍ଷାଦାନରେ ଘୋର ପ୍ରତିବନ୍ଧକ ସୃଷ୍ଟି ହେଉଛି । ସେହିପରି ସୁଦକ୍ଷ, ଅନୁଭୂତି ସମ୍ପନ୍ନ ଅଧ୍ୟାପକଙ୍କ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି । ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ପ୍ରଧାନଙ୍କୁ ଖାଲି ପଡିଥିବା ଅଧ୍ୟାପକ, କର୍ମଚାରୀ ପଦବୀ ପୂରଣ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଥିଲେ ।



ବିଜେପୁର ମହାବିଦ୍ୟାଳୟ ।

# ମାଟ୍ରିକ ପରୀକ୍ଷା ପରିଚାଳନା ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍,୧୬।୨

ଆସନ୍ତା ଫେବୃୟାରୀ ୧୯ତାରିଖରୁ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ), ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବୋର୍ଡ଼ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷାର ସୁପରିଚାଳନା ପାଇଁ ଶନିବାର ସ୍ଥାନୀୟ ଜର୍ଜ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରୀକ୍ଷା ପରିଚାଳନା ଉପରେ ଆଲୋଚନା ହୋଇଥିଲା। ଜିଲାର ୮୮ଟି ପରୀକ୍ଷାକେନ୍ଦ୍ରରେ ଏଥର ୧୭ହଜାର ୩୩୩ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏଥିପାଇଁ ୧୨ଟି ନୋଡ଼ାଲ ସେଣ୍ଟରରେ ପ୍ରତ୍ୟେକ ଦିନ ସକାଳ ୬ଟାରୁ ପୂର୍ବାହ୍ଣ ସାଢ଼େ ୮ଟା ମଧ୍ୟରେ ପ୍ରଶ୍ନପତ୍ର ବଣ୍ଟନର ବ୍ୟବସ୍ଥା କରାଯାଇ ଥିବାବେଳେ ପ୍ରତି ବ୍ଲକରେ ୨ଟି ଲେଖାଏଁ ଅର୍ଥାତ ଜିଲାର ୧୨ଟି ବ୍ଲକ ପାଇଁ ମୋଟ୍ ୨୪ଟି ଡେସପାଟ୍ ଟିମ ଗଠନ କରାଯାଇଥିବା ନେଇ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ସୂଚନା ଦେଇଥିଲେ ।

ଆସନ୍ତା ବୋର୍ଡ଼ ପରୀକ୍ଷାକୁ ସ୍ୱଚ୍ଛ, ଅବାଧ ଭାବେ ପରିଚାଳନା କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲା ଶିକ୍ଷାଧିକାରୀ କଚ୍ଛପ ପରାମର୍ଶ ଦେଇଥିଲେ। ଏହି ଅବସରରେ ମାଷ୍ଟର ଟ୍ରେନର ଭାବେ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ, ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଜ୍ୟୋତିକାନ୍ତ ସାହୁ, ସୋହେଲା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦ, ପଦ୍ମପୁର ଆର.ବି ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ ଭୋଇ ପ୍ରମୁଖ ଯୋଗଦେଇ ପରୀକ୍ଷା ପରିଚାଳନା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ । ପରୀକ୍ଷା କେନ୍ଦ୍ରରେ ମୋବାଇଲ ଫୋନ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ଥିବା ସୂଚନା ଦିଆଯାଇଥିଲା ।



ମାଟ୍ରିକ ପରୀକ୍ଷା ପରିଚାଳନା ପ୍ରସ୍ତୁତି ବୈଠକରେ ଡିଇଓ ଏବଂ ଅନ୍ୟମାନେ।

# ଗ୍ରାମବାସୀଙ୍କ ହାତକୁ ଆସିଲା ଜଗନ୍ନାଥଙ୍କ ଜମି


ଗ୍ରାମବାସୀ ଉଦେପୁର ସ୍ଥିତ ଜଗନ୍ନାଥଙ୍କ ଜମିକୁ ନିଜ ଦଖଲକୁ ନେବା ପରେ ପହ୍ଲା ରୋଉଛନ୍ତି ।

ଅତାବିରା, ୧୬।୨ (ଡି.ଏନ.ଏ)

ବରଗଡ଼ ଜିଲା ଭେଡେନ ବ୍ଲକ ଉଦେପୁର ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରର ଜମିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ଦୀର୍ଘବର୍ଷ ହେଲା ଜବରଦଖଲ କରି ରଖିଥିଲେ। ତେବେ ଗ୍ରାମବାସୀ ଏକାଠି ହୋଇ ରବିବାର ଉକ୍ତ ଜମିକୁ ଜବରଦଖଲ ମୁକ୍ତ କରିଛନ୍ତି।

ସୂଚନା ଅନୁସାରେ, ଉଦେପୁର ଜଗନ୍ନାଥ ମନ୍ଦିର ନାମରେ ଉକ୍ତ ଗାଁରେ ୪.୭୨ ଏକର ଜମି ରହିଛି। ଏହି ଜମିକୁ ଉକ୍ତ ଗାଁର କେତେକ ବ୍ୟକ୍ତି ଦୀର୍ଘଦିନ ହେଲା ଜବରଦଖଲ କରି ରଖିଥିଲେ। ଦେଶଭଟିଲି ଆର୍‌ଆଇ ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ ଚିହ୍ନଟ କରିବା ପରେ ମନ୍ଦିର ଟ୍ରଷ୍ଟବୋର୍ଡ ଜମି ଜବରଦଖଲ ମୁକ୍ତ ପାଇଁ ପୋଲିସ ପ୍ରଶାସନକୁ ଅବଗତ କରିଥିଲେ। ତେବେ ପୋଲିସ ପ୍ରଶାସନ ଏହି ସମସ୍ୟାର ସମାଧାନ କରି ନ ପାରିଥିବାରୁ ଗ୍ରାମବାସୀ ଓ ଜବରଦଖଲକାରୀଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଟ୍ରଷ୍ଟବୋର୍ଡ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଜାନୁୟାରୀ ମାସରେ ଏ ନେଇ ଏକ ବୈଠକ କରାଯାଇ ଜଗନ୍ନାଥଙ୍କ ନାମରେ ଥିବା ଜମିକୁ ସୁନା ପୋଢ଼ ନାମକ ଜଣେ ବ୍ୟକ୍ତିଙ୍କୁ ନିଲାମରେ ଦେଇଥିଲେ। ହେଲେ ପୂର୍ବରୁ ଜବରଦଖଲ କରି ଆସୁଥିବା ପ୍ରଭାବଶାଳୀ ବ୍ୟକ୍ତି ଗ୍ରାମବାସୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପରେ ଜମିକୁ ନିଲାମ କରାଯାଇପାରି ନ ଥିଲା। ତେବେ ରବିବାର ସକାଳେ ଗ୍ରାମର ମହିଳାପୁରୁଷ ଏକଜୁଟ ହୋଇ ଜଗନ୍ନାଥ ଓ ଲକ୍ଷ୍ମୀନାରାୟଣ ମହାପ୍ରଭୁଙ୍କ ନାମରେ ଥିବା ୪ ଏକର ୭୨ ଡେସିମିଲ ଜମିକୁ ଦଖଲ କରି ପହ୍ଲା ରୋଇଛନ୍ତି। ଫଳରେ ଗାଁରେ ଉଭୟ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏ ନେଇ ରୁଷୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତଙ୍କୁ ପଚରାଯିବାରୁ ଉଭୟ ପକ୍ଷଙ୍କୁ ଡକାଇ ସମାଧାନ କରିବାକୁ ଚେଷ୍ଟା ଚାଲିଛି ବୋଲି କହିଥିଲେ ।

## ଭେଡେନ ବ୍ଲକ

### ୧୩୯୧ ଛାତ୍ରୀଛାତ୍ର ଦେବେ ମାଟ୍ରିକ ପରୀକ୍ଷା

ଭେଡ଼େନ,୧୬।୨(ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ହାଇସ୍କୁଲର ୧୩୯୧ ଜଣ ଛାତ୍ରୀଛାତ୍ର ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଦେବେ । ଏଥିପାଇଁ ବ୍ଲକର ୭ଟି ହାଇସ୍କୁଲରେ ପରୀକ୍ଷାକେନ୍ଦ୍ର କରାଯାଇଛି। ଭେଡ଼େନ ବିଇଓ ଅଫିସ ସୂତ୍ରରୁ ପ୍ରାପ୍ତ ତଥ୍ୟ ଅନୁସାରେ, ଭେଡ଼େନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲରେ ୧୭୧ ଜଣ, ଝରାପାଲି ବାମଦେବ ପାଢ଼ୀ ହାଇସ୍କୁଲରେ ୧୯୯, ବରପଦର ହାଇସ୍କୁଲରେ ୧୬୮, ତାଲମେଣ୍ଡା ହାଇସ୍କୁଲରେ ୧୭୪, ସାଲନା ହାଇସ୍କୁଲ କେନ୍ଦ୍ରରେ ୧୬୨, ସିଆଲଖଣ୍ଡହଥା ହାଇସ୍କୁଲରେ ୧୭୫ ଜଣ ଏବଂ ରେମଣ୍ଡା ସରକାରୀ ହାଇସ୍କୁଲରେ ୨୮୬ ଜଣ ନିୟମିତ ପରିକ୍ଷାର୍ଥୀ ପରୀକ୍ଷା ଦେବେ। ଏହାସହ ସଂସ୍କୃତ ମଧ୍ୟମା ପରୀକ୍ଷାରେ ୫୬ ଜଣ ଛାତ୍ରୀଛାତ୍ର ଭେଡ଼େନ ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେବେ । ଗତବର୍ଷ ହୋଇଥିବା ଚିଟିଣ୍ଡା ଏବଂ ରୁଷୁଡ଼ାରେ ଚଳିତ ବର୍ଷ ପରୀକ୍ଷା କେନ୍ଦ୍ର ହୋଇନାହିଁ। ତେବେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଭେଡ଼େନ ହାଇସ୍କୁଲ, ତାଲମେଣ୍ଡା ହାଇସ୍କୁଲ ଏବଂ ସିଆଲଖଣ୍ଡହଥା ହାଇସ୍କୁଲ କେନ୍ଦ୍ରରେ ସିସିଟିଭି ଲାଗିଥିବା ଜଣାପଡ଼ିଛି। ସେହିପରି ପରୀକ୍ଷା ପାଇଁ ପୋଲିସପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

# ଧର୍ମ ମାନବକୁ ଏକତା ରଜ୍ଜୁରେ ବାନ୍ଧେ

## ତ୍ରିଦିବସୀୟ ଯୋଗ ଶିବିର ଉଦ୍‌ଯାପିତ

ବିଜେପୁର, ୧୬।୨ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଏନଏସି ସଦର ମହକୁମା ସ୍ଥିତ ଆନନ୍ଦ ମାର୍ଗ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଲିଥିବା ତ୍ରିଦିବସୀୟ ଯୋଗ ଶିବିର ଓ ଆଲୋଚନାଚକ୍ର ରବିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ କେନ୍ଦ୍ରୀୟ ପ୍ରଶିକ୍ଷକ ଆଚାର୍ଯ୍ୟ ସତ୍ୟଶ୍ରୟାନନ୍ଦ ଅବଧୂତ ମୁଖ୍ୟଅତିଥି, ଆଚାର୍ଯ୍ୟ ନବରୁଣାନନ୍ଦ ଅବଧୂତ, ଅବଧୂତିକା ଆନନ୍ଦ ଦ୍ୟୋତନା ଆଚାର୍ଯ୍ୟ, ଆନନ୍ଦ ଅଦ୍ୱେୟା ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଧର୍ମ ମାନବକୁ ଏକତା ରଜ୍ଜୁରେ ବାନ୍ଧେ। ହେଲେ ଏବେ ଧର୍ମ ନାମରେ ବିଭେଦ ସୃଷ୍ଟି ହେଉଥିବାରୁ ସମାଜରେ ଅରାଜକତା ଦେଖାଦେଉଛି। ସୁତରାଂ ସଭିଏଁ ମାନବୀୟ ଚେତନାକୁ ଜାଗ୍ରତ କଲେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ଅତିଥିଗଣ ମତପୋଷଣ କରିଥିଲେ। ଆଚାର୍ଯ୍ୟ ସିଦ୍ଧ ବିଦ୍ୟାନନ୍ଦ ଅବଧୂତ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଶନିବାର ସନ୍ଧ୍ୟାରେ ଶିବିରାର୍ଥୀମାନଙ୍କୁ ନେଇ ଏକ ସଚେତନତା ଆଧ୍ୟାତ୍ମିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବସ୍‌ଷ୍ଟାଣ୍ଡରେ ଆନନ୍ଦ ମାର୍ଗ ଦର୍ଶନ ଉପରେ ଏକ ତତ୍ତ୍ୱସଭା ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ପ୍ରତିଦିନ ପ୍ରତ୍ୟୁଷରୁ ସିଦ୍ଧ ଅଷ୍ଟାକ୍ଷରୀ ମନ୍ତ୍ରରେ ପ୍ରଭାତ ଫେରି ହୋଇଥିଲା। ପରେ ସକାଳ ୫ରୁ ୮ଟା ଯାଏ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଶତାଧିକ ଶିବିରାର୍ଥୀ ସାମିଲ ହୋଇଥିଲେ। ଆନନ୍ଦ ମାର୍ଗ ପ୍ରଚାରକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଲୀପ କୁମାର ପଣ୍ଡା, ଭୁକ୍ତି ପ୍ରଧାନ, ଜନାର୍ଦ୍ଦନ ଡନସନା, ମୀନକେତନ ପଧାନ, ଅଶୋକ ମେହେର, ଶରତ ଚନ୍ଦ୍ର ସେଠ, ଆଚାର୍ଯ୍ୟ କୃଷ୍ଣଶ୍ରୟାନନ୍ଦ ଅବଧୂତ, ଆନନ୍ଦଲିନା ଅବଧୂତିକା, ସୁମା ମେହେର, ଜାନକୀ ଡନସନା ପ୍ରମୁଖ ସହଯୋଗ କରିଥିଲେ ।



ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକବୃନ୍ଦ ।

# ବରପାଲି ସହରରେ ବଢୁଛି ଘୁଷୁରି ଉପଦ୍ରବ

ବରପାଲି, ୧୬।୨ (ଡି.ଏନ.ଏ)

ବରପାଲି ଏନଏସି ଓ ବସ୍ତି ଅଞ୍ଚଳରେ ବୁଲା ଘୁଷୁରୀ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହା ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳାଇ ଦେଇଛି । ଏନଏସିର ୧୧ ୱାର୍ଡ ବିଶିଷ୍ଟ ସହର ହାଟ ବଜାରରେ ଦିନରାତି ଶହ ଶହ ଘୁଷୁରୀ ଘୁରି ବୁଲୁଛନ୍ତି। ଏମାନଙ୍କ ଯୋଗୁ କିଏ ବାଇକରୁ ତ କିଏ ସାଇକେଲରୁ ପଡି ଆହତ ହେଉଛନ୍ତି। ପ୍ରକାଶଯୋଗ୍ୟ ଯେ, ନିକଟରେ ବରପାଲି ସହରର ଜଣେ ବ୍ୟକ୍ତି ସିନେମା ହଲ ନିକଟରେ ଘୁଷୁରୀ ଧକ୍କାରେ ବାଇକରୁ ପଡି ଗୁରୁତର ଆହତ ହୋଇଛନ୍ତି। କେବଳ ସେତିକି ନୁହେଁ ରାସ୍ତାକଡରେ ପଡିଥିବା ମଇଳା ଆବର୍ଜନାକୁ ଇତସ୍ତତ ବିଛାଇ ଦେବାରୁ ଲୋକଙ୍କ ଯିବା ଆସିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏ ଦିଗରେ ଏନଏସି କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।


ବରପାଲି ସହର ରାସ୍ତା କଡ ଆବର୍ଜନାକୁ ଘୁଷୁରିପଲ ଖେଳାଇ ଦେଉଛନ୍ତି ।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା


ଆୟୋଜକଙ୍କ ଗହଣରେ ଛାତ୍ରୀଛାତ୍ରବୃନ୍ଦ ।

ବରଗଡ଼ ଅଫିସ୍,୧୬।୨

ବରଗଡ଼ ହାଟପଦାସ୍ଥିତ ଜୟଶ୍ରୀ କ୍ଲବ ପରିସରରେ ରବିବାର ଏକତା ପ୍ରତିବେଶୀ ମହିଳା ସମିତି ପକ୍ଷରୁ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ଗଣିତ ଦୌଡ଼, ରାଇମ୍‌ସ, ଅଭିନୟ, ଗଣିତ, ତର୍କ, ହସ୍ତାକ୍ଷର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷା ଝରଣା ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ନନ୍ଦକିଶୋର ବେହେରା, ଆଶୁତୋଷ ଛତର, ସୁରେନ୍ଦ୍ର କୁମାର ତାଣ୍ଡି ପ୍ରମୁଖ ବିଚାରକ ଭାବେ ଯୋଗଦାନ କରିଥିଲେ। ଅଚ୍ୟୁତ ସର, ବାଳମୁକୁନ୍ଦ ଜଗଦଲ୍ଲା, ବିମଳ କିଶୋର ନାଗ, ଅଭିମନ୍ୟୁ ଭୋସାଗର, ସବିତା, ଭୋସାଗର, ଚମ୍ପା ଭୋସାଗର, କ୍ଷୀରେଶ୍ୱରୀ ଦୀପ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। କ୍ଷୀରୋଦ୍ରୀ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ: ଦେଉଳି ଚାମ୍ପିୟନ

ପାଇକମାଳ, ୧୬।୨ (ଡି.ଏନ.ଏ)

ପାଇକମାଳ ବ୍ଲକ କୋକନରା ମାନସିଂ ଦାଉ ଖେଳ ପଡିଆରେ ସିଂହବାହିନୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୨୦ତମ ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ଘୁଚାପାଲି ଓ ଦେଉଳି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଜରିଆରେ ଦେଉଳି ୪-୨ ଗୋଲରେ ବିଜୟୀ ହୋଇଥିଲା। ଏଥିରେ ମୋଟ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ। ପାଇକମାଳ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ପ୍ରଥମ ସେମିଫାଇନାଲ ଛେଡଗାଁ ଓ ଘୁଚାପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଜରିଆରେ ୪-୨ ଗୋଲରେ ଘୁଚାପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ନକଟାସାର ଓ ଦେଉଳି ମଧ୍ୟରେ ଅନୁଷ୍ଠିତ ହୋଇ ୨-୦ ଗୋଲରେ ଦେଉଳି ବିଜୟୀ ହୋଇଥିଲା। ଦୀପକ ରାଜହଂସ, ନାଗ ଦାନି, ଢୁଲୁ ବହିଦାର, ଭବାନୀ ମାଝୀ ଖେଳ ପରିଚାଳନା କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ଭଜରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ରାଉତ, ଡା. ଶ୍ରୀକାନ୍ତ ରାଉତ, କୁସୁମ ରାଓ, ଡୋଲାମଣି ମାହାର, ତପନ ବଢ଼େଇ, ନାନକି ସାହୁ, ନାରାୟଣ ସିଂଦେଓ, ଟିକେଲାଲ ମାହାର, ସୁରଥ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନଙ୍କ ଦ୍ୱାରା ବିଜୟୀ ଦେଉଳି ଓ ଉପବିଜୟୀ ଘୁଚାପାଲି ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। କୃପା ସିଂଦେଓ, ପଞ୍ଚୁଦେବ ରାଉତ, ଦିବ୍ୟକାନ୍ତ ସିଂଦେଓ, କମଳ ସିଂଦେଓ, ଦୁର୍ଯ୍ୟୋଧନ ନାୟକ, ଗୋପାଳ ସିଂଦେଓ, ଯୋଗେନ୍ଦ୍ର ସିଂଦେଓ, ହରେକୃଷ୍ଣ ବଢ଼େଇ, ପ୍ରଶାନ୍ତ ସିଂଦେଓ, ଶ୍ୟାମସୁନ୍ଦର ମାହାର ପ୍ରମୁଖ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୭ ଫେବୃୟାରୀ ୨୦୨୦



## ସଂକ୍ଷେପରେ

### ପୋଲିସର ଚଢ଼ାଉ: ୨ ଗିରଫ

ସୁନ୍ଦରଗଡ଼,୧୬।୨(ଡି.ଏନ୍.ଏ.): ସଦର ଥାନା ପୋଲିସ ରବିବାର ବିଭିନ୍ନ ସ୍ଥାନରେ ଚଢାଉ କରି ୨୦ଲିଟର ଦେଶୀମଦ ଜବତ କରିଥିଲା। ଏପରି କି ପୋଲିସ ଚୋରା ମଦ କାରବାର ସମ୍ପୃକ୍ତ ୨ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନେ ହେଲେ ବାରଗାଡର ଋଷି ପିଙ୍ଗ(୩୦) ଓ ଶ୍ରୁତବ ତାଜନ(୪୦)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### କଂସର ଗ୍ରାମରେ ଧର୍ମରକ୍ଷା ଯଜ୍ଞ

ସୁନ୍ଦରଗଡ଼,୧୬ ।୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ କୁଣ୍ଡେଇଡିହା ପଞ୍ଚାୟତ ଅଧୀନ ବଣପାହାଡ ଘେରା କଂସର ଗ୍ରାମରେ ବିଶ୍ୱ କଲ୍ୟାଣ ଧର୍ମରକ୍ଷା ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ମେଡିକାଲ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ସଂଗଠନର କାର୍ଯ୍ୟକର୍ତ୍ତା ଶାନ୍ତନୁ କୁସୁମ ଓ ଅନ୍ୟମାନେ ଯୋଗଦେଇ ହିନ୍ଦୁ ସମାଜ ଓ ସଂସ୍କୃତିର ସୁରକ୍ଷା ପାଇଁ ଯଜ୍ଞର ଆୟୋଜନ ହୋଇଥିବା କହିଥିଲେ। ଆଧ୍ୟାତ୍ମିକତାକୁ ଛାଡି ସୁସ୍ଥ ସମାଜର ପରିକଳ୍ପନା ଅସମ୍ଭବ ବୋଲି ମତପ୍ରକାଶ ପାଇଥିଲା।

### ଭାଜପା ବୁଥସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

ଲହୁଣୀପଡା,୧୬।୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ବ୍ଲକ ହଳଦୀକୁଦର ଶିଶୁ ମନ୍ଦିରରେ ଭାଜପା ଖୁଣ୍ଟୁଗାଁ ମଣ୍ଡଳ ବୁଥସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟୁଗାଁ ମଣ୍ଡଳ ସଭାପତି ଗଙ୍ଗାଧର ମାହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ମଦନମୋହନ ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୁଗଳକିଶୋର ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ସମ୍ମିଳନୀରେ ସିଏଏ, ଏନ୍‌ଆର୍‌ସି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷେ ବିରୋଧ ସିଏଏ, ଏନ୍‌ଆର୍‌ସିକୁ ନେଇ ଲୋକମାନଙ୍କୁ ବିଭ୍ରାନ୍ତି କରୁଛି। କର୍ମକର୍ତ୍ତା ଲୋକଙ୍କ ପାଖରେ ପହଞ୍ଚି ସିଏଏ, ଏନ୍‌ଆର୍‌ସି ବିଷୟରେ ଲୋକଙ୍କୁ ବୁଝାଇବାକୁ ସମ୍ମିଳନୀରେ ଅବଗତ କରାଯାଇଥିଲା। ମଣ୍ଡଳର ୨୦୮ଜଣ ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରିବା ପାଇଁ ଆଲୋଚନା ହୋଇଥିଲା। ମଣ୍ଡଳର ପ୍ରତ୍ୟେକ କର୍ମକର୍ତ୍ତା ଲୋକଙ୍କ ସେବାରେ ବ୍ରତୀ ହେବେ ବୋଲି ନିଷ୍ପତ୍ତି ହୋଇଥିଲା। ସମ୍ମିଳନୀରେ ପୂର୍ବତନ ମଣ୍ଡଳ ସାଧାରଣ ସମ୍ପାଦକ ଲୋକନାଥ ବାରିକ, ବରିଷ୍ଠ ଭାଜପା ନେତା ରୋହିନୁ ନାୟକ, ନିରାକାର ନାୟକ, ଚୁଡାମଣି ମହାପାତ୍ର, ପୂର୍ବତନ ସଭାପତି ପ୍ରଦୀପ ସ୍ୱାଇଁ, ଡମ୍ବରୁଧର ମାହାନ୍ତ, ଭୁବନେଶ୍ୱର ସ୍ୱାଇଁ, ବିହାରୀ ମହାନ୍ତଙ୍କ ସହ ଭାଜପା କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ବର୍ଷକରେ ୧୮୩ ପରିବାରଙ୍କୁ ୧୦୦ ଦିନର କାମ

■ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା
■ ବ୍ଲକରେ ଥମୁନି ଦାଦନ ସମସ୍ୟା

ନୂଆଗାଁ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା

ନୂଆଗାଁ,୧୬।୨(ଡି.ଏନ.ଏ.)

ଗ୍ରାମାଞ୍ଚଳର ବିକାଶ ତଥା ଲୋକଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବା ନେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପ୍ରଣୟନ କରାଯାଇଛି। ଯୋଜନା ମାଧ୍ୟମରେ ପ୍ରତିବର୍ଷ ବ୍ଲକସ୍ତରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ସରକାରଙ୍କ ଏହି ଯୋଜନାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ପ୍ରମାଣିତ ହୋଇଛି ସୁନ୍ଦରଗଡ଼ ଜିଲା ଆଦିବାସୀ ବହୁଳ ନୂଆଗାଁ ବ୍ଲକରେ। କାମଧନ୍ଦା ନ ପାଇ ଶ୍ରମିକମାନେ ଦଲାଲଙ୍କ ମାଧ୍ୟମରେ ରାଜ୍ୟ ବାହାରକୁ ଚାଲାଣ ହେଉଛନ୍ତି। ପ୍ରତିବର୍ଷ ହଜାର ହଜାର ଶ୍ରମିକ କାମ ଅନ୍ୱେଷଣରେ ଗୁଜରାଟ, ପଞ୍ଜାବ, ସୁରଟ, ଦିଲ୍ଲୀ, ପଶ୍ଚିମବଙ୍ଗ ଆଦି ଭଳି ଅଞ୍ଚଳକୁ ଯାଉଛନ୍ତି । ସେଠାରେ ଶ୍ରମିକମାନେ କମ୍ ମଜୁରୀରେ ଦିନକୁ ୧୨ରୁ ୧୪ ଘଣ୍ଟା କାମ କରୁଛନ୍ତି। ଏପରି କି ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ସୂଚନା ଯୋଗ୍ୟ, ନୂଆଗାଁ ବ୍ଲକ ଅଧୀନ ସୋରଡା ଗ୍ରାମ ପୋଖରାଟୋଲୀ ବସ୍ତିର ବାଲକା ଡୁରୀଙ୍କ ଏକମାତ୍ର ନାବାଳକ ପୁଅ ସୁନୀଲ ଡୁରୀ, ଝାଡୁ ମୁଣ୍ଡା ଓ ରଞ୍ଜିତ ବଡାଇକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ସେମାନଙ୍କ ମୃତ୍ୟୁ ଘଟିଥିଲା। ସେହିପରି ହାତୀବାରି ଥାନା ଅନ୍ତର୍ଗତ ଘୋଘିଆ ରଙ୍ଗାମାଟି ଅଞ୍ଚଳରେ ରହୁଥିବା ଦାଦନ ଦଲାଲ କିଶୋନ ଖଟେଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। କିଶୋନଙ୍କ ପ୍ରକୃତ ଘର ରାଜସ୍ଥାନ ଅଞ୍ଚଳରେ ହୋଇଥିଲେ ମଧ୍ୟ ଶ୍ରମିକ ଚାଲାଣ ନେଇ ସେ ନୂଆଗାଁ ବ୍ଲକର ପ୍ରାୟ ପଞ୍ଚାୟତର ଦଲାଲଙ୍କ ସହ ତାଙ୍କର ସମ୍ପର୍କ ରହିଥିଲା। ଏପରି କି ସେ ପରିବାର ସହ ରଙ୍ଗାମାଟିରେ ରହୁଥିଲେ। ଏଥିରୁ ସ୍ପଷ୍ଟ ଯେ, ନୂଆଗାଁ ବ୍ଲକରରେ ଶ୍ରମିକ ଚାଲାଣ ଚେର ବାହାର ରାଜ୍ୟକୁ ରହିଛି।

ଅନ୍ୟପକ୍ଷେ ୨୦୧୮-୧୯ ଆର୍ଥିକ ବର୍ଷରେ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ନୂଆଗାଁ ବ୍ଲକରେ ୨୪, ୫୦୯ ପରିବାର ଜବକାର୍ଡ ପାଇଁ ନାମ ରେଜିଷ୍ଟ୍ରେଶନ କରିଥିଲେ। ସେହିପରି ୨୦୧୯-୨୦ରେ ଏହି ସଂଖ୍ୟା ୨୬, ୮୪୯ରେ ପହଞ୍ଚିଲା। ଅର୍ଥାତ ଚଳିତ ବର୍ଷ ୨୩୪୦ଜଣ ଜବକାର୍ଡଧାରୀ ନାମ ରେଜିଷ୍ଟ୍ରେଶନ କରିଛନ୍ତି । ଗତବର୍ଷ ୧୭୨ଟି ପରିବାରଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଥିବା ବେଳେ ଚଳିତ ବର୍ଷ ୧୮୩ ପରିବାରକୁ ୧୦୦ ଦିନ କାର୍ଯ୍ୟ ଯୋଗାଇ ଦିଆଯାଇଥିବା ଜଣାପଡିଛି । ନୂଆଗାଁ ବ୍ଲକର ବଡ ଯୋଜଦା ପଞ୍ଚାୟତରେ ସର୍ବାଧିକ ୨୪ଟି ପରିବାରକୁ ୧୦୦ ଦିନର କାର୍ଯ୍ୟ ମିଳିଥିବା ବେଳେ ସୋରଡା ପଞ୍ଚାୟତରେ ୨୩ଟି ପରିବାରକୁ ୧୦୦ ଦିନ କାର୍ଯ୍ୟ ମିଳିଛି । ସେହିପରି ଅନ୍ୟ ୧୫ଟି ପଞ୍ଚାୟତରେ ୫ରୁ ୧୦ଟି ପରିବାରକୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ବେଳେ ଚିତାପେଡି, ହାତିବାରୀ, ମେନମେନା ଆଦି ପଞ୍ଚାୟତରେ କୌଣସି ପରିବାରକୁ ଶହେ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇ ନାହିଁ । ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ସରକାର ୧୦କୋଟି ୮୫ ଲକ୍ଷ ଖର୍ଚ୍ଚ କରିଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷ ଫେବୃୟାରୀ ୧୬ ସୁଦ୍ଧା ୧୧ କୋଟି ୨୧ ଲକ୍ଷ ୫୧ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡିଛି। ହେଲେ ଲୋକଙ୍କୁ କାମ ମିଳି ପାରୁ ନାହିଁ। ଫଳରେ ଅଞ୍ଚଳରେ ଦିନକୁ ଦିନ ଦାଦନ ସମସ୍ୟା ବଢିବାରେ ଲାଗିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ଫୁଟବଲ ଟୁର୍ନାମେଣ୍ଟ : ଲେଲେପଡ଼ା ଚାମ୍ପିୟନ

ବଡଗାଁ,୧୬।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଧୀନ ବରଙ୍ଗାକଛାର ପଞ୍ଚାୟତ ବାଙ୍କିବାହାଲ ଗ୍ରାମରେ ସ୍ଥାନୀୟ ଶିବାଜୀ ଯୁଥ କ୍ଲବ ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୩୦ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଲେଲେପଡ଼ା ଏବଂ କୁତ୍ରା ବ୍ଲକର ଗଙ୍ଗାଜଳ ମଧ୍ୟରେ ହୋଇଥିଲା। ଲେଲେପଡା ୧-୦ ଗୋଲରେ ଗଙ୍ଗାଜଳକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଖାସି ସହିତ ଟ୍ରଫି ଏବଂ ରନର୍ସ ଅଫ ଦଳକୁ ଖାସି ସହିତ କପ୍ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଗେତୁବାଲ ଓ ଚତୁର୍ଥ ସ୍ଥାନ ପାଇଥିବା ସବ୍‌ଡେଗା ବ୍ଲକର କଲାଘାଟି ଦଳକୁ ପୁରସ୍କୃତ କରିଥିଲେ। ରମେଶ ଚନ୍ଦ୍ର ମାଝି, ଗଙ୍ଗାଧର ପ୍ରଧାନ, ରୋଶନ ସାଙ୍ଗା ଖେଳ ପରିଚାଳନା କରିଥିବା ବେଳେ ଆୟୋଜକ ଶିବାଜୀ ଯୁଥ କ୍ଲବର ସୁଜିତ ଯଯୋ, ପୀତାମ୍ବର ସାହୁ, ବିକାଶ ହେମ୍ବ୍ରମ, ଗଣେଶ୍ୱର ସାହୁ, ନିରଞ୍ଜନ ନାଏକ ସହଯୋଗ କରିଥିଲେ ।

## ବୋଲବମ୍ ସେବା ସଂଘ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ଲହୁଣୀପଡ଼ା,୧୬।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ବୋଲବମ୍ ସେବା ସଂଘ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଉରକେଲା ଆଞ୍ଚଳିକ ପରିବହନ ବିଭାଗର ଇନ୍ସପେକ୍ଟର ସୁମନ୍ତ ସେଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଙ୍କି ରେଞ୍ଜର ଅଜୟ ଖେସ, ସାମାଜିକ କର୍ମୀ ସୁଦାମ ତ୍ରିପାଠୀ, ଯୋଗମାୟା ମହିଳା ମହାବିଦ୍ୟାଳୟର ଅଧକ୍ଷା ଝରଣା ପ୍ରଧାନ, ଏଏସ୍‌ଆଇ ଅଶୋକ ବିଶୋଇ ପ୍ରମୁଖ ଯୋଗ ଦେଇଥିବା ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଉପସ୍ଥିତ ରହିଥିଲେ। ରମେଶ ଚନ୍ଦ୍ର କର ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଦ୍ୟୁତ କୁମାର ଜିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅତିଥିମାନେ ବୋଲବମ ସଂଘର କାର୍ଯ୍ୟକୁ ପ୍ରଶଂସା କରିବା ସହ ଜନସାଧାରଣଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆଗକୁ ଯାଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଏପରି କି ଅତିଥିମାନେ ନୂତନ ଟ୍ରାଫିକ ନିୟମ ଏବଂ ସଡ଼କ ସୁରକ୍ଷା ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ବୋଲବମ୍ ସେବା ସଂଘ ପକ୍ଷରୁ କଳାକାର ଯୋଗେଶ୍ୱର ବାରିକ, ପ୍ରକୃତି ବନ୍ଧୁ ଭାବେ ସୁରଞ୍ଜନ ପାଢ଼ୀ, ପ୍ରମୋଦ କୁମାର ରଣା, ପ୍ରତିଭା ସମ୍ପନ୍ନ ଦମ୍ପତି ଭାବେ ବିଭୁତି, ଚନ୍ଦ୍ରିକା ସ୍ୱାଇଁ, ଯୁବ ସମ୍ମାନ ଅଶିତ ପଟ୍ଟନାୟକ, ସ୍ୱେଚ୍ଛାସେବୀ ଦୀପକ ତ୍ରିପାଠୀ ଏବଂ ସୁରକ୍ଷା ସଚେତକ ବ୍ୟକ୍ତିଭାବେ ଦେବରାଜ ମାହାନ୍ତଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଲହୁଣୀପଡା ଥାନା ଛକରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ରାଜାମୁଣ୍ଡା ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଯୋଗମାୟା ମହିଳା ମହାବିଦ୍ୟାଳୟ, ଲହୁଣୀପଡା ଡିଗ୍ରୀ ଓ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକ, ଅଧ୍ୟାପକ ସାମିଲ ହୋଇଥିଲେ। ଗିରିଧାରୀ ସାହୁ ଓ ତାଙ୍କ ସହଯୋଗୀ ଯମରାଜ ଓ ଦୂତ ବେଶରେ ଗାଡି ଚାଳକମାନଙ୍କୁ ସଚେତନ କରିବା ସହିତ ଦଣ୍ଡ ବିଧାନ ଉପରେ ସଚେତନ କରିଥିଲେ। ଏପରି କି ଯୋଗମାୟା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସଚେତନତା ମୂଳକ ନାଟକ ପରିବେଷଣ କରିଥିଲେ । ବିଭୂତି ଭୂଷଣ କର, ଅଶୋକ ବେହେରା, ଗୋବିନ୍ଦ ବାରିକ, ରାଜା ଜୟସ୍ୱାଲ, ପ୍ରିନ୍ସ ପଟେଲ, ସୁରେଶ ଜୟସ୍ୱାଲ, କବି ଶରଣ, ଅଶ୍ୱିନୀ ପାଲ, ଚିନ୍ମୟ ଖଡିରତ୍ନ, ଗୋଲେଖ ସ୍ୱାଇଁ, ମହେନ୍ଦ୍ର କୁମାର ପୁହାଣ ପ୍ରମୁଖଙ୍କ ସମେତ ବୋଲବମ ସେବା ସଂଘର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଡଗାଁ କପ୍ କ୍ରିକେଟ: ଉତ୍କଳ କ୍ରିକେଟ କ୍ଲବ ଚାମ୍ପିୟନ

ବଡଗାଁ,୧୬।୨(ଡି.ଏନ.ଏ.)



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ସୁନ୍ଦରଗଡ଼ ଜିଲା ବଡଗାଁସ୍ଥିତ ମିନି ଷ୍ଟାଡିୟମରେ ସ୍ଥାନୀୟ ଓରିଏଣ୍ଟ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ବଡଗାଁ କପ୍ କ୍ରିକେଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରାଉରକେଲା ଉତ୍କଳ କ୍ରିକେଟ କ୍ଲବ ଏବଂ ରାଉରକେଲା ୟୁନିକ ସନ୍‌ରାଇଜ୍ ମଧ୍ୟରେ ହୋଇଥିଲା। ଉତ୍କଳ କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୭୪ ରନ୍ କରିଥିଲା। ଜବାବରେ ୟୁନିକ ସନରାଇଜ୍ ୧୩୭ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଫଳରେ ଉତ୍କଳ କ୍ରିକେଟ କ୍ଲବ ଟୁର୍ନାମେଣ୍ଟର ଚାମ୍ପିୟନ ବିବେଚିତ ହୋଇଥିଲା। ଉତ୍କଳ କ୍ରିକେଟ କ୍ଲବର ରଣଜୀ ଖେଳାଳି ମୃତ୍ୟୁଞ୍ଜୟ ଶର୍ମା ସର୍ବାଧିକ ୫୦ ରନ୍ କରି ଅପରାଜିତ ରହିଥିଲେ । ୟୁନିକ ସନରାଇଜ ଟିମର ସତନାମ ସିଂ ବେଷ୍ଟ ବୋଲର, ଗୋପାଳ ରାମ ବେଷ୍ଟ ବ୍ୟାଟ୍ସମ୍ୟାନ, ଉତ୍କଳ କ୍ରିକେଟ କ୍ଲବର ଜିତେନ ରାୟ ମ୍ୟାନ ଅଫ୍ ଦି ସିରିଜ, ମୃତ୍ୟୁଞ୍ଜୟ ଶର୍ମା ମ୍ୟାନ ଅଫ୍ ଦି ଫାଇନାଲ ମ୍ୟାଚ, ଆୟୋଜକ ଟିମର ଅମ୍ଳାନ ଜ୍ୟୋତି ନାୟକ ବେଷ୍ଟ ଫିଲ୍ଡର, ବେଷ୍ଟ ଭୋଲେଣ୍ଟିୟର ଆୟୋଜକ ଟିମ୍‌ର ଦିଲୀପ ପୃଷେଟ, ରୂପେଶ ରାଉତ, ରାଉରକେଲାର ଜେୱାଇସିସି ଟିମକୁ ବେଷ୍ଟ ଡିସିପ୍ଲିନ ଟିମ୍ ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଡଗାଁ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ମୁଖ୍ୟ ଅତିଥି, ବିଡିଓ କ୍ଷମାନିଧି ଭୋଇ, ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସ, ସବ୍‌ଇନ୍ସପେକ୍ଟର ରଞ୍ଜିତ ପ୍ରଧାନ, ସରିତା ତ୍ରିପାଠୀ, ପୂର୍ବତନ ବଡଗାଁ ସରପଞ୍ଚ ବସନ୍ତ ଡନସନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ନାରାୟଣ ମାଝି, ପ୍ରକାଶ ଜେନା ଅମ୍ପାୟର ଭାବେ ରହିଥିବା ବେଳେ ରଶ୍ମିରଞ୍ଜନ ଦାସ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଦେବୀପ୍ରସାଦ ପୁରୋହିତ ଧାରାବିବରଣୀ ପ୍ରଦାନ କରିଥିଲେ। ସମ୍ବିତ ନାଏକ, ସତ୍ୟପ୍ରକାଶ ଦାସ, ରବିନାରାୟଣ ଗହିର, ଏମ୍‌ଡି ବାଲିଷ୍ଟର, ଆଲୋକ ଅଗ୍ରୱାଲ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ବୀର ବିର୍ସା ମୁଣ୍ଡା କବାଡି ଚାମ୍ପିୟନ ଉଦ୍‌ଯାପିତ, ଗାନ୍ଧୀ କ୍ଲବ ଚାମ୍ପିୟନ

ସୁନ୍ଦରଗଡ଼,୧୬।୨(ଡି.ଏନ୍.ଏ.)


ଅତିଥିଙ୍କ ସହ ଖେଳାଳିମାନେ।

ସ୍ଥାନୀୟ ମୁଣ୍ଡାପଡ଼ାଠାରେ ବୀର୍ସା ମୁଣ୍ଡା ଯୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା କବାଡି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଆୟୋଜକ ବୀର ବୀର୍ସା ମୁଣ୍ଡା କ୍ଲବ ଓ ଗାନ୍ଧୀ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଗାନ୍ଧୀକ୍ଲବ ୨୭-୧୬ ପଏଣ୍ଟରେ ବୀର୍ସା ମୁଣ୍ଡା କ୍ଲବକୁ ପରାଜିତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଗାନ୍ଧୀ କ୍ଲବକୁ ଟ୍ରଫି ସହ ନଗଦ ୫ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ୩ହଜାର ଟଙ୍କା ପ୍ରଦାନ କରିଥିଲେ । ଜିଲା ପରିଷଦ ସଭ୍ୟ ସୁଖିଲାଲ ମୁଣ୍ଡା, ପୂର୍ବତନ କାଉନସିଲର ହିମାଂଶୁ ଶେଖର ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଭାପତି ସଞ୍ଜୟ କୁମାର ମାଝି ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଟିଙ୍କୁ ମୁଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। କ୍ଲବର ଉପଦେଷ୍ଟା ତଥା ପୂର୍ବତନ କାଉନସିଲର ମୁନୁ ମୁଣ୍ଡା, ରାଜେଶ ମୁଣ୍ଡା, ଅନୁପମା ଟପ୍ପୋ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଶା ଅମଲା ସଂଘ ସୁନ୍ଦରଗଡ ଶାଖାର ବୈଠକ


ବୈଠକର ଓଡ଼ିଶା ଅମଲା ସଂଘ ସୁନ୍ଦରଗଡ଼ ଶାଖାର କର୍ମକର୍ତ୍ତା।

ସୁନ୍ଦରଗଡ଼,୧୬ ।୨(ଡି.ଏନ୍.ଏ.)

ଓଡ଼ିଶା ଅମଲା ସଂଘ ସୁନ୍ଦରଗଡ଼ ଜିଲା ଶାଖାର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାଶାଖା ସଭାପତି ଲୀଲାଧର କାଲୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅମଲାମାନଙ୍କ ବିଭିନ୍ନ ଦାବି ନେଇ ଆଲୋଚନା ହୋଇଥିଲା। ସରକାରଙ୍କ ଦ୍ୱାରା ଅମଲାମାନଙ୍କ ପଦବୀର ନବୀକରଣ ପାଇଁ ସରକାରଙ୍କୁ ସାଧୁବାଦ ଜଣାଇଥିଲା। ହେଲେ ଦୀର୍ଘଦିନରୁ ଘରଭଡା, ପଦବୀ ନବୀକରଣ ହୋଇ ମଧ୍ୟ ଦରମା ନବୀକରଣ କରାଯାଇ ନ ଥିବା, ମହଙ୍ଗାଭତ୍ତା କେନ୍ଦ୍ର ସରକାର ୨ଥର ପ୍ରଦାନ କରିଥିବାବେଳେ ରାଜ୍ୟ ସରକାର ମୂଳ ଦରମାର ୫ପ୍ରତିଶତ ଜୁଲାଇ ୨୦୧୯ ପରିବର୍ତ୍ତେ ଜାନୁୟାରୀ ୨୦୨୦ରୁ ମଞ୍ଜୁର କରିବା ତଥା ପୂର୍ବ ବକେୟା ରାଶି ୬୦ପ୍ରତିଶତରୁ ମାତ୍ର ୧୦ପ୍ରତିଶତ ପ୍ରଦାନ କରିବା ଉପରେ ବୈଠକରେ ଆଲୋଚନା ହେବା ସହ ଅସନ୍ତୋଷ ପ୍ରକାଶ ପାଇଥିଲା। ଚଳିତ ମାସରେ ସମସ୍ତ କର୍ମଚାରୀଙ୍କ ଦରମାରୁ ଆୟକର କଟିବାକୁ ଥିବା ବେଳେ ଯେଉଁମାନଙ୍କ ଦରମା ୫ଲକ୍ଷ ମଧ୍ୟରେ ହୋଇଥିବ ସେମାନେ ୧୦ ପ୍ରତିଶତ ପାଇବା ଫଳରେ ବକେୟା ବାବଦ ଅର୍ଥଠାରୁ ଆୟକରର ମାତ୍ରା ଅଧିକ ହେବ ବୋଲି ବୈଠକରେ କୁହାଯାଇଥିଲା। ଅନ୍ୟପକ୍ଷେ ରାଜ୍ୟ ଅମଲା ସଂଘର ଆହ୍ୱାନକ୍ରମେ ଆନ୍ଦୋଳନ କରିବାକୁ ବୈଠକରେ ସ୍ଥିର ହୋଇଛି। ବୈଠକରେ ଜିଲା ଅମଲାସଂଘର ସମ୍ପାଦକ ପ୍ରଭାସ କୁମାର ମିଶ୍ର ,ରାଜ୍ୟ ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ମହାପାତ୍ର, ଚେୟାରମ୍ୟାନ ଚନ୍ଦ୍ରମଣି ମିଶ୍ର, ପ୍ରଦୀପ ବହିଦାର, ପ୍ରଦୀପ କୁମାର ପଟେଲ, ଜିତେନ ଓରାମ ନନଓାରୀ, ଅଂଶୁମାନ ସିଂ ଲୋହାରଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ଓ ସଭ୍ୟା, ସଭ୍ୟମାନେ ଉପସ୍ଥିତ ଥିଲେ।

## ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ସଭା

କୁଆଁରମୁଣ୍ଡା,୧୬।୨(ଡି.ଏନ୍.ଏ.)


ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଶିଶୁଟିଏ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ହାଇସ୍କୁଲ ଶିକ୍ଷା ସମାପ୍ତ କରିବା ପାଇଁ ବିଭିନ୍ନ ପରୀକ୍ଷା ଦେବାକୁ ହୋଇଥାଏ । ହେଲେ ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ଧୈର୍ଯ୍ୟର ସହ ମୁକାବିଲା କରିପାରିଲେ ନିଶ୍ଚିତ ଭାବେ ସଫଳତା ମିଳିବ ବୋଲି ରବିବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୁଆଁରମୁଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭିଜିତ୍ ପ୍ରଧାନ, କୁମଝରିଆ ପଞ୍ଚାୟତ ସରପଞ୍ଚ ବାଡିଆ ଲାକ୍ରା, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ମିଶ୍ର, ଶ୍ୟାମସୁନ୍ଦର ପରିଜା, ଶାନ୍ତନୁ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ବିଦାୟୀ ୧୦ମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ପରୀକ୍ଷା ସରଞ୍ଜାମ ପ୍ରଦାନ କରି ଆଶୀର୍ବାଦପ୍ରଦାନ କରିଥିଲେ। ଚଳିତ ବର୍ଷ ବିଦ୍ୟାଳୟର ୧୪୧ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

## ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ

ଲେଫ୍ରିପଡା,୧୬।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅଧୀନ ସୁର୍ଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଲେଫ୍ରିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦୈନନ୍ଦିନ ଜୀବନର ଫିଟ୍‌ନେସ୍ ମନ୍ତ୍ର ପ୍ରଦାନ କରିବା ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବରିଷ୍ଠ ଗବେଷକ ପିଣ୍ଟୁ ମାହାକୁଲ ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧିଦିଗରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡଗାଁ ବ୍ଲକ ବିଇଓ ସାରଙ୍ଗଧର ବରିହା ଯୋଗଦେଇ ବିଦ୍ୟାଳୟରେ ଚାଲିଥିବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏବଂ ଶିକ୍ଷା ପଦ୍ଧତି ଉପରେ କହିଥିଲେ। ସବ୍‌ଡେଗା ବ୍ଲକ୍ ବିଇଓ ଅଜୟ କୁମାର ଏକ୍କା ସାଥୀ କାର୍ଯ୍ୟକ୍ରମ ଏବଂ ଏଲ୍‌ଇପି ଉପରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଅବଗତ କରାଇଥିଲେ। ଲେଫ୍ରିପଡା ବ୍ଲକ୍ ଶିକ୍ଷା ଅଧିକାରୀ ପୁରୋହିତ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ଏବଂ ସିଆର୍‌ସିସିଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏବିଇଓ ଉପେନ୍ଦ୍ର ପଟେଲ, ଭାଲେରିଆ ମିଞ୍ଜି, ସମସ୍ତ କ୍ଲଷ୍ଟର ସିଆରସିସି ଏବଂ ଲେଫ୍ରିପଡା ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ। ସୁର୍ଗୁଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିମଳ ପଟେଲଙ୍କ ସହ ସମସ୍ତ ସଭ୍ୟା, ସଭ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଠିକାଦାର ସଂଘର ସାଧାରଣ ପରିଷଦ ବୈଠକ

ସୁନ୍ଦରଗଡ଼,୧୬।୨(ଡି.ଏନ୍.ଏ.)



ବୈଠକରେ ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଠିକାଦାର ସଂଘର କର୍ମକର୍ତ୍ତା।

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଠିକାଦାର ସଂଘର ଏକ ସାଧାରଣ ପରିଷଦ ବୈଠକ ସୁନ୍ଦରଗଡ଼ରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ବିଜୟ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର, କୁଚିଣ୍ଡା, ବଲାଙ୍ଗୀର, ଟିଟିଲାଗଡ଼, ବୌଦ୍ଧ, ସୋନପୁର, ନୂଆପଡ଼ା, ଦେବଗଡ଼, ଝାରସୁଗୁଡ଼ା, ବରଗଡ଼, ଝାରସୁଗୁଡ଼ା, ରାଉରକେଲା ଓ ସୁନ୍ଦରଗଡ଼ ଅଞ୍ଚଳରୁ ସଂଘର ୫୦ଜଣ ସଦସ୍ୟ ଯୋଗଦେଇଥିଲେ। ସଭାରେ ପଶ୍ଚିମ ଓଡ଼ିଶାର କୌଣସି ବିଦ୍ୟୁତ୍ ଠିକାଦାର ସିଡ୍ୟୁଲ ରେଟରୁ କମ୍ ମୂଲ୍ୟରେ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷେ କିଛି ଠିକାଦାର କମ୍ ମୂଲ୍ୟରେ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ବୈଠକରେ ଆଲୋଚନା କରାଯାଇ ଥିଲା। ଏନେଇ ୱେସ୍କୋ କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ ପ୍ରସ୍ତାବ ଗ୍ରହଣ ହୋଇଥିଲା। ଏପରି କି ସଭାରେ ପଶ୍ଚିମାଞ୍ଚଳରେ ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଠିକାଦାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସ୍ଥିର ହୋଇଛି। ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ଶର୍ମା ଠିକାଦାରମାନଙ୍କୁ ଉନ୍ନତମାନର କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଭାରେ ଉପସଭାପତି ଜ୍ୟୋତିରଞ୍ଜନ ମହାରଣା, ସମୀର ପଟେଲ, ସାଧାରଣ ସମ୍ପାଦକ ଶିଶିର କୁମାର ରଥ, କୋଷାଧ୍ୟକ୍ଷ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
- ଡାୟୋଜିନିସ୍



**ସଂକ୍ଷେପରେ...**

## ରେଙ୍ଗାଲିରେ ୧୪ଶ ଶ୍ୟାମ ମହୋତ୍ସବ

ରେଙ୍ଗାଲି, ୧୬।୨ (ଡି.ଏନ.ଏ.)
ରେଙ୍ଗାଲି ହରିହର ମାରୱାଡି ଧର୍ମଶାଳା ସମ୍ମୁଖରେ ୧୪ଶ ଶ୍ୟାମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ଓ ଶାସନର ଶ୍ରୀ ଶ୍ୟାମମିତ୍ର ମଣ୍ଡଳ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ରେଙ୍ଗାଲି ସହର ପରିକ୍ରମା କରିଥିଲା। ଶ୍ରୀ ଶ୍ୟାମ ଭଗବାନଙ୍କ ପୂଜା ବୈଦିକ ରୀତିନୀତି ଅନୁସାରେ କରାଯାଇଥିଲା । ମୁଖ୍ୟ ପଣ୍ଡିତ ଶ୍ରୀ ନଟବରଲାଲ ଶର୍ମା ପୂଜାର୍ଚ୍ଚନା କରିଥିଲେ । ଟାଟାର ସରସ୍ୱତୀ କଳା କେନ୍ଦ୍ର ପକ୍ଷରୁ ନାଟକ ତଥା ଝାଙ୍କି ପ୍ରଦର୍ଶନ କରାଯାଇଥିଲା।

# ସନ୍ଦେହରେ ବିଶ୍ୱବିଦ୍ୟାଳୟର ନୀରବତା

**ପ୍ରଶ୍ନପତ୍ର ଲିକ୍ ଘଟଣା**

- ୧୦ ଜିଲାର ୬୦ କଲେଜ ଉପରେ ଚଢ଼ାଉ
- ତଦନ୍ତରେ ଶିଥିଳତା, ପୋଲିସ ଉପରେ ଭରସା ନାହିଁ
- ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇପାରେ
- ଏ ପର୍ଯ୍ୟନ୍ତ ଥାନାରେ ଅଭିଯୋଗ କରାଯାଇନି

ସମ୍ବଲପୁର,୧୬।୨(ବ୍ୟୁରୋ)
ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ତୃତୀୟ ବର୍ଷ କେମେଷ୍ଟ୍ରି ଓ ଜୁଲୋଜି ଦ୍ୱିତୀୟ ସେମିଷ୍ଟାର ପ୍ରଶ୍ନପତ୍ର ବୁଧବାର ଲିକ୍ ହୋଇଥିଲା। ଏହି ଘଟଣାକୁ ୫ ଦିନ ପୂରି ଯାଇଥିଲେ ମଧ୍ୟ କେଉଁ କଲେଜରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ବିଶ୍ୱବିଦ୍ୟାଳୟ ପକ୍ଷରୁ ତାହା ସ୍ପଷ୍ଟ କରାଯାଇ ନାହିଁ। ବିଶ୍ୱବିଦ୍ୟାଳୟ ପକ୍ଷରୁ ତଦନ୍ତରେ କାହିଁକି ଶିଥିଳତା ଦେଖା ଦେଇଛି ସେ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନ୍ୟପଟେ ଏହା ଆପରାଧିକ ମାମଲା ହୋଇଥିଲେ ମଧ୍ୟ ପୋଲିସ ପାଖରେ ଅଭିଯୋଗ କରାଯାଇ ନାହିଁ। ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଜିଲାରେ ଥିବା ୬୦ଟି ଘରୋଇ ଓ ସରକାରୀ କଲେଜରେ ଚଢାଉ କରାଯାଇଛି। କେତେକ କଲେଜରେ ପ୍ରଶ୍ନପତ୍ର ପ୍ୟାକେଟରୁ ସମୟ ପୂର୍ବରୁ ସିଲ୍ ଖୋଲା ଯାଇଥିବା ଜଣାପଡିଛି। ହେଲେ କେଉଁ ନିର୍ଦ୍ଦିଷ୍ଟ କଲେଜରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି ଏ ପର୍ଯ୍ୟନ୍ତ ସ୍ପଷ୍ଟ ହେଉନି। କେଉଁ କଲେଜ ସନ୍ଦେହ ଘେରକୁ ଆସିଛି ସେ ନେଇ ମଧ୍ୟ ବିଶ୍ୱବିଦ୍ୟାଳୟ ସୂଚନା ଦେଉ ନାହିଁ। ଅନ୍ୟପଟେ ଏହାର ଅଭିଯୋଗ କ୍ରାଇମବ୍ରାଞ୍ଚ ପାଖରେ କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂର୍ଯ୍ୟ ନାଏକ କହିଛନ୍ତି। ହେଲେ ଏହି ଘଟଣା କ୍ରାଇମ ବ୍ରାଞ୍ଚ ନେବ କି ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କ୍ରାଇମବ୍ରାଞ୍ଚରେ ମାମଲା ହେବାକୁ ହେଲେ ସରକାରୀ ସ୍ତରରେ ଅନେକ ପ୍ରକ୍ରିୟା ରହିଛି। ତାହା ପାଇଁ ସମୟ ମଧ୍ୟ ଲାଗି ପାରେ। ଯଦି କ୍ରାଇମବ୍ରାଞ୍ଚକୁ ମାମଲା ଦେବା ପାଇଁ ବିଶ୍ୱବିଦ୍ୟାଳୟ ସ୍ଥିର କରିଛି ତାହା ହେଲେ ଜିଲା ପୋଲିସର ପାରିବା ପଣିଆ ଉପରେ ଭରସା କରୁ ନ ଥିବା ସ୍ପଷ୍ଟ ହେଉଛି। ତେବେ ଯାହା ହେଉ ନା କାହିଁକି ପ୍ରଶ୍ନପତ୍ର ଲିକ୍ କରିବା ଏକ ସାଂଘାତିକ ଅପରାଧ। ହଜାର ହଜାର ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତିଗଲେ। ସମୟ ଥିବାରୁ ଅନ୍ୟ ପ୍ରଶ୍ନପତ୍ର ସେଟ୍ ଦେଇ ପରୀକ୍ଷା କରାଗଲା । ନ ହେଲେ ପରୀକ୍ଷା ବାତିଲ ହେବାର ଆଶଙ୍କା ଉପୁଜିଥାନ୍ତା। ପ୍ରଶ୍ନପତ୍ର ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରାଯାଇଛି। ତେଣୁ ଏହି ଘଟଣାର ଦାୟିତ୍ୱରେ ଥିବା କଲେଜ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହେଉଛି । ବିଶ୍ୱବିଦ୍ୟାଳୟରୁ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ସନ୍ଦେହକୁ ଏଡାଇ ଦିଆଯାଇ ନ ପାରେ।

ବୁଧବାର ରାତିରେ ବରଗଡ଼ର ଜଣେ ବ୍ୟକ୍ତି ପରୀକ୍ଷା ନିୟନ୍ତ୍ରକ ନାଏକଙ୍କୁ ଫୋନ୍ କରି କେମେଷ୍ଟ୍ରି ଓ ଜୁଲୋଜି ପ୍ରଶ୍ନପତ୍ର ଲିକ ହୋଇଥିବା ନେଇ ଫୋନ୍ କରିଥିଲେ। ପ୍ରମାଣ ପାଇଁ ଏକ କପି ମଧ୍ୟ ପଠାଇଥିଲେ। ଏହା ଜାଣିବା ପରେ ପରୀକ୍ଷା ନିୟନ୍ତ୍ରକ ରାତି ଅଧିଆ ବିଶ୍ୱବିଦ୍ୟାଳୟରେ ଏକ ବୈଠକ ଡାକିଥିଲେ। ଯାଞ୍ଚପରେ ପରେ କେବଳ କେମେଷ୍ଟ୍ରି ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ସ୍ପଷ୍ଟ କରିଥିଲେ। ଏହାପରେ ଗୁରୁବାର ସକାଳୁ ସକାଳୁ ୮ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ଜିଲାର କଲେଜଗୁଡିକରେ ଚଢ଼ାଉ କରାଯାଇଥିଲା। ପୂର୍ବରୁ ଦିଆଯାଇଥିବା ପ୍ରଶ୍ନପତ୍ରରେ ପରୀକ୍ଷା ନ କରିବାକୁ ସବୁ କଲେଜକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରୀକ୍ଷାର ଅଧଘଣ୍ଟା ପୂର୍ବରୁ ପୁଣି ଥରେ ସମସ୍ତ କଲେଜକୁ ମେଲ୍ ଜରିଆରେ ନୂଆ ପ୍ରଶ୍ନପତ୍ର ସେଟ୍ ଦିଆଯାଇଥିଲା । ଅପରାହ୍ନ ୧ଟାରେ ନିର୍ଦ୍ଧାରିତ ସମୟରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

## ପୁଣି ୪ ଜଣଙ୍କ ଘର ଭାଙ୍ଗିଦେଲା ହାତୀ

ଜମନକିରା,୧୬।୨(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବାମରା ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ବଡ଼ରମା ରେଞ୍ଜ ଖର୍ସନମାଲ ଗାଁରେ ଗତ ୨ ତାରିଖ ବିଳମ୍ବିତ ରାତିରେ ଗୋଟିଏ ଦନ୍ତା ହାତୀ ଆତଙ୍କରାଜ ଚଳାଇ ୧୦ ଜଣଙ୍କ ଘର ଭାଙ୍ଗି ଦେଇଛି। ବାଡ଼ିବଗିଚା ମଧ୍ୟ ଦଳିମକଚି ନଷ୍ଟ କରି ଦେଇଛି। ସେହିଭଳି ଶୁକ୍ରବାର ରାତିରେ ପୁଣି ୪ ଜଣଙ୍କ ଘରଦ୍ୱାରା ଭାଙ୍ଗି ଘରେ ଥିବା ସାମଗ୍ରୀ ନଷ୍ଟ କରି ଦେଇଛି। କାଣିବନ୍ଧଲି ଗାଁ କିସାନପଡ଼ା, ଗୌଡ଼ପଦା, ଭୁବରାପାଲିର ଛାୟା ମିର୍ଧା, ରାଜେନ୍ଦ୍ର ମାଝି, ଦୀନବନ୍ଧୁ ମାଝି, ସନ୍ତୋଷିନୀ ମାଝିଙ୍କ ଘର ଉଜୁଡି ଯାଇଛି।

# ବେଲପାହାଡ଼ ବିଜୟୀ

**ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ**

ସମ୍ବଲପୁର, ୧୬।୨ (ବ୍ୟୁରୋ)
ଅଷ୍ଟମ ଦିନବନ୍ଧୁ ଗୋସ୍ୱାମୀ ସ୍ମାରକୀ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ-୨୦୨୦ ରବିବାର ହାୱା ମଇଦାନଠାରେ ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ମ୍ୟାଚରେ ଝାରସୁଗୁଡ଼ା ଜିଲା ବେଲପାହାଡ ଲିଓ ୟୁଥ୍ ଆସୋସିଏଶନ୍ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଟସ୍ ଜିଣି ବେଲପାହାଡ ଦଳ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୮୩ ରନ୍ ସଂଗ୍ରହ କରିଥିଲା। ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ କମଲେଶ ଶର୍ମା ୬୬ ବଲରେ ୧୫୩ ରନ୍ ସଂଗ୍ରହ କରି ଅପରାଜିତ ରହି ୨୨ଟି ଚୌକା ଓ ୫ଟି ଦର୍ଶନୀୟ ଛକା ମାରିଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ଜଗଜିତ ମହାନ୍ତି ୧୭ ବଲ୍‌ରେ ୪୦ ରନ (୬ ଚୌକା, ୨ ଛକା) ରନ୍ କରିଥିଲେ। ଅନୁଗୋଳ ଫ୍ରେଣ୍ଡସ୍ କ୍ଲବ ବୋଲର ଏସ.କେ. ରାଜା ୫ ଓଭରରେ ୪୬ ରନ୍ ଦେଇ ୩ଟି ଓ କୁମୁଦ ସାହୁ ୫ ଓଭରରେ ୩୭ ରନ୍ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ । ଅନୁଗୋଳ ଦଳ ୨୫୩ ରନ୍‌ର ପିଛା କରି ୨୫ ଓଭରରେ ୭ ଉଇକେଟ ହରାଇ ୧୮୭ ରନ୍ ସଂଗ୍ରହ କରି ୯୭ ରନ୍ ବ୍ୟବଧାନରେ ପରାଜୟ ବରଣ କରିଥିଲା। ବ୍ୟାଟ୍ସମ୍ୟାନ ଲିଟୁ ପ୍ରଧାନ ୨୯ ବଲ୍‌ରେ ୪୫ ଓ ଅନିଲ ଗଡନାୟକ ୧୧ ବଲ୍‌ରେ ୨୯ ରନ୍ କରିଥିଲେ। ବେଲପାହାଡ ବୋଲର ବାଦଲ ନିଶଦ ୫ ଓଭରରେ ୪୦ ରନ୍ ଦେଇ ୨ଟି ଓ ମହମ୍ମଦ କୈଫ ୫ ଓଭରରେ ୨୧ ରନ୍ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ । ଅମ୍ପାୟାର ମହମ୍ମଦ ଇସାକ ଓ ପ୍ରଭଞ୍ଜନ ବଳ ମ୍ୟାଚ ପରିଚାଳନା କରିଥିଲେ । ସୁରଜ ତ୍ରିପାଠୀ ଓ ସୌରଭ ଚନ୍ଦ୍ର ପଣ୍ଡା ସ୍କୋରର ଥିଲେ। ମ୍ୟାକମିଲନ ମହାକୁଡ ଧାରାବିବରଣୀ ପ୍ରଦାନ କରିଥିଲେ । ବେଲପାହାଡ ଦଳର କମଲେଶ ଶର୍ମାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଟୁର୍ନାମେଣ୍ଟ ଆୟୋଜକ ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ସଭାପତି ବିକାଶ ମିଶ୍ରଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, କ୍ରୀଡା ସଂଗଠକ ସାବୀର ହୁସେନ, ପ୍ରଦୀପ ପାଢ଼ୀ, ସଞ୍ଜୀବ ବର୍ମା, ସିଦ୍ଧେଶ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ସଞ୍ଜୀବ ନାୟକ ଅତିଥି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଶିବାନନ୍ଦ ମିଶ୍ର ସୂଚନା ପ୍ରଦାନ କରିଥିଲାବେଳେ ଭାଗୀରଥି ସିଂଦେଓ ବିବରଣୀ ପାଠ କରିଥିଲେ। ସୌରଭ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ହାୱା ମଇଦାନରେ ବିଧାୟକ ଜୟନାରାୟଣ ମିଶ୍ର ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

# କର୍ମ ହିଁ ବ୍ୟକ୍ତିର ପ୍ରକୃତ ପରିଚୟ



ରବିବାର ସମ୍ବଲପୁର ଜିଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ବୈଠକରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

**ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ବୈଠକ**

ସମ୍ବଲପୁର, ୧୬।୨ (ବ୍ୟୁରୋ)
କର୍ମ ହିଁ ବ୍ୟକ୍ତିର ପ୍ରକୃତ ପରିଚୟ। ତେଣୁ ସଦାସର୍ବଦା ଆମେମାନେ ନିଜ କର୍ମକୁ ଅଗ୍ରାଧିକାର ଦେବା ଆବଶ୍ୟକତା ରହିଛି। ଠିକ କର୍ମ କଲେ ଶୃଙ୍ଖଳା ଓ ଦୃଢ଼କାର୍ଯ୍ୟ ଆସିଥାଏ । ତା ଦ୍ୱାରା ସମସ୍ତେ ନିଜ ଲକ୍ଷ୍ୟରେ ସଫଳ ହାସଲ କରିଥାନ୍ତି। ତେଣୁ ସେହି ବ୍ୟକ୍ତିକୁ ନିଜ କର୍ମ ହିଁ ପରିଚୟ ଦେଇଥାଏ । ସମ୍ବଲପୁର ଜିଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ବୈଠକରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ନୃସିଂହଗୁରୁ ଟାଉନ ହାଇସ୍କୁଲ ସଭା କକ୍ଷରେ ନରେନ୍ଦ୍ର କୁମାର ଦେହୁରୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥୀ, ବରଗଡ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ମହାରଣା, ଝାରସୁଗୁଡା ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଉମ୍ବରୁଧର ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସୁରେଶ୍ୱର କର୍ମୀ, ନନ୍ଦକିଶୋର ନାଥ, ଚିତ୍ତରଞ୍ଜନ ଛନ୍ଦଙ୍କୁ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସମ୍ବଲପୁର ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ସଭାପତି ଜଗବନ୍ଧୁ ବେହେରା ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ସତ୍ୟରଞ୍ଜନ ପଣ୍ଡା ମାନପତ୍ର ପାଠ କରିଥିବା ବେଳେ ନାରାୟଣ ପ୍ରଧାନ ସହଯୋଗ କରିଥିଲେ। ଆଶୁତୋଷ ଦେ, ଇନ୍ଦ୍ରା ଦାଶ, ପୁଷ୍ପବତୀ ମେହେର, ପୃଥ୍ୱୀରାଜ ସୁଧାଂଶୁ, ତ୍ରିବିକ୍ରମ ରଣା ଆଲୋଚନାରେ ଭାଗ ନେଇଥିଲେ ।

# ସମ୍ବଲପୁର ରେଞ୍ଜର୍ସ ବିଜୟୀ

**ଓସିଏ ଆନ୍ତଃ କ୍ଲବ କ୍ରିକେଟ ଲିଗ୍**

ସମ୍ବଲପୁର, ୧୬।୨ (ବ୍ୟୁରୋ)
ଓଡିଶା କ୍ରିକେଟ ଏକାଡେମୀ ଦ୍ୱାରା ଆୟୋଜିତ ଆନ୍ତଃ କ୍ଲବ କ୍ରିକେଟ ଲିଗ୍ ରବିବାର ମ୍ୟାଚରେ ସମ୍ବଲପୁର ରେଞ୍ଜର୍ସ ବିଜୟୀ ହୋଇଛି। ବିକାଶ ଖେଳ ପଡିଆଠାରେ ଗୁରୁନାନକ ସ୍କୁଲ ବନାମ ସମ୍ବଲପୁର ରେଞ୍ଜର୍ସ ମଧ୍ୟରେ ମ୍ୟାଚ ହୋଇଥିଲା । ଗୁରୁନାନକ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୨୬.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ବିକାଶ ଯାଦବ ୩୮ ବଲ୍‌ରେ ୪୦ ରନ୍ କରିଥିଲେ। ରେଞ୍ଜର୍ସ ବୋଲର ହରଦୀପ ସିଂ ୫ଟି, ପ୍ରତିକ ପାଣ୍ଡେ, ଶେଖ ତନବୀର, ହ୍ରିତିକ ପଟେଲ ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ। ୧୧୨ ରନ୍‌ର ପିଛା କରି ରେଞ୍ଜର୍ସ ବ୍ୟାଟିଂ କରି ୨୭.୫ ଓଭରରେ ୪ ଉଇକେଟ ହରାଇ ୧୧୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବ୍ୟାଟ୍ସମ୍ୟାନ ପ୍ରତୀକ ପାଣ୍ଡେ ୩୯ ବଲ୍‌ରେ ୩୧ ରନ୍ ସଂଗ୍ରହ କରିଥିଲେ। ଗୁରୁନାନକ ବୋଲର ସମ୍ରାଟ ମୁଣ୍ଡା ଓ ବିମଳ କର୍ମକାର ୨ଟି ଲେଖାଏଁ ଉଇକେଟ ହାସଲ କରିଥିଲେ । ବିଷ୍ଣୁପଦ ଦାସ ଅତିଥି ଭାବେ ଯୋଗଦେଇ ରେଞ୍ଜର୍ସ ଖେଳାଳି ହରଦୀପ ସିଂଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ସଞ୍ଜୟ ନାୟକ ଓ ପ୍ରିୟାଂଶୁ ପତି ମ୍ୟାଚ ପରିଚାଳନା କରିଥିଲେ। ସୌମ୍ୟଦର୍ଶନ ମହାନ୍ତି ଓ ପ୍ରକାଶ ମୋରିୟ ସ୍କୋରର ଥିଲେ ।



ହରଦୀପ ସିଂଙ୍କୁ ଅତିଥି ବିଷ୍ଣୁପଦ ଦାସ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

# ସେଲ୍ସ ଏକ୍‌ଜିକ୍ୟୁଟିଭ ସଂଘର ସମ୍ମିଳନୀ

ସମ୍ବଲପୁର,୧୬।୨(ବ୍ୟୁରୋ)
ଓଡିଶା ସେଲ୍ସ ଏକଜିକ୍ୟୁଟିଭ ସଂଘର ୧୪ତମ ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ନାରୀସେବା ସଂଘ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସୁଦୃଢ଼ ହେଲେ ସମସ୍ତ ପ୍ରକାର ସମସ୍ୟାର ସମାଧାନ ହୋଇପାରିବ। ସାଂଗଠାନିକ କାର୍ଯ୍ୟ ଶକ୍ତିଶାଳୀ ହେବ। ଏହାଦ୍ୱାରା ସେଲ୍ସ ଏକଜିକ୍ୟୁଟିଭମାନେ ମ୍ୟାନେଜର ଓ କମ୍ପାନୀ ଦ୍ୱାରା ଅତ୍ୟାଚାରିତ ହେବେ ନାହିଁ। ଅତ୍ୟାଚାର ବିରୋଧରେ ସେମାନେ ସ୍ୱର ଉତ୍ତୋଳନ କରିପାରିବେ। ଅନ୍‌ଲାଇନ୍ ଔଷଧ ବ୍ୟବସାୟକୁ ରୋକା ଯାଇପାରିବ ବୋଲି ସମ୍ମିଳନୀ ମତପ୍ରକାଶ ପାଇଛି। ଗିରିଜାକାନ୍ତ ତ୍ରିପାଠୀ, ରାଣା ଚାଟାର୍ଜୀ, ଲଳିତ ମିଶ୍ର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ଦେବେନ୍ଦ୍ର ସାମନ୍ତରାୟ ଅତିଥି ଭାବେ ଯୋଗ ଦେଇଥିଲେ । ଗଣେଶ ପରିଡା ଧନ୍ୟବାଦ ଦେଇଥିବାବେଳେ ନାରାୟଣ ସୁବୁଧି ଅତିଥିଙ୍କୁ ସ୍ୱାଗତ କରିଥିଲେ।




ଓଡିଶା ସେଲ୍ସ ଏକ୍‌ଜିକ୍ୟୁଟିଭ ସଂଘ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

# ବିଦ୍ୟୁତ୍ ବିଭାଗ ନିଷ୍ପତ୍ତିକୁ ବିରୋଧ

**ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ**

ସମ୍ବଲପୁର,୧୬।୨(ବ୍ୟୁରୋ)
ସମ୍ବଲପୁର ଜିଲାରେ ୱେସ୍‌କୋ ପକ୍ଷରୁ ଆସନ୍ତା ୧୭ ତାରିଖଠାରୁ ବିଲ୍ ସଂଗ୍ରହ କରିବାରେ କଠୋର ଅଭିମୁଖ୍ୟ ନେବାକୁ ନିଷ୍ପତ୍ତି ହୋଇଛି। ବିଦ୍ୟୁତ୍ ବିଲ୍ ସହ ବକେୟା ବିଲ୍ ପଇଠ କରିବାକୁ ଗ୍ରାହକଙ୍କୁ ବାଧ କରାଯାଉଛି । ଏହାକୁ ନେଇ ସମ୍ବଲପୁର ଫୋରମ ବିରୋଧ କରିଛି। ଏସ୍‌ପି କନୱର ବିଶାଳ ସିଂଙ୍କୁ ଭେଟି ଫୋରମ ଦାବିପତ୍ର ପ୍ରଦାନ କରିଛି। ସେମାନଙ୍କ ଦାବି ଅନୁସାରେ ଖରା ଦିନ ହୋଇ ଗଲାଣି। ବିଦ୍ୟୁତ୍ କାଟିଲେ ଛାତ୍ରୀଛାତ୍ର ପରୀକ୍ଷା ପ୍ରସ୍ତୁତିରେ ପ୍ରଭାବିତ ହେବେ। ଏଣୁ ୨୦୦୩ ମସିହା ଧାରା ୫୬ ଅନୁସାରେ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ କଟା ନ ଯାଉ। ବାକି ବିଲ୍ ଥିବା ଗ୍ରାହକଙ୍କ ସମସ୍ୟା ୨ ମାସ ଭିତରେ ସମାଧାନ କରାଯାଉ। ପର୍ଯ୍ୟାୟ କ୍ରମେ ବକେୟା ବିଲ୍ ନିଆଯାଉ । ଅନେକ ସ୍ଥାନରେ ତାର, ଖୁଣ୍ଟ, ଟ୍ରାନ୍ସଫର୍ମର ଶୋଚନୀୟ ହୋଇପଡିଛି। ସେସବୁର ମରାମତି ଓ ବଦଳ କରାଯାଉ । ଏଭଳି ନିଷ୍ପତ୍ତି ନେବା ଆଗରୁ ଜନପ୍ରତିନିଧିଙ୍କ ମତାମତ ନିଆଯାଉ ନାହିଁ। ତେଣୁ ଅଣଗଣତାନ୍ତ୍ରିକ ଭାବେ ଏହା କରାଯାଇଛି। ଏଣୁ ବିଦ୍ୟୁତ୍ ବିଲ୍ ସଂଗ୍ରହ ହେବା ସମୟରେ ଗ୍ରାହକଙ୍କ ସମସ୍ୟା ହେଲେ ଏହାର ଜବାବ ଦିଆଯିବ । ତେଣୁ ଏଥିପ୍ରତି ଦୃଷ୍ଟିଦେଇ ଗଣତାନ୍ତ୍ରିକ ପଦ୍ଧତିରେ କାର୍ଯ୍ୟ କରାଯାଉ ବୋଲି ଫୋରମର ସୂର୍ଯ୍ୟ ପାଣିଗ୍ରାହୀ, ଶ୍ରୀକାନ୍ତ ପାଣିଗ୍ରାହୀ, ମୁକେଶ ଜରିୱାଲ, ସରୋଜ ସାହୁ, ସଞ୍ଜୟ ଷଡଙ୍ଗୀ, ଦେଓ କିରଣ ପଟ୍ଟନାୟକ, ଡାକ୍ତର ପ୍ରଭାସ ଦେବତା, ସୁବାଶ ସାହୁ, ରଞ୍ଜିତ କୁମାର ରଥ, ମହମ୍ମଦ ଅନୱର ଅଲ୍ଲୀ ପ୍ରମୁଖ ଏସପିଙ୍କୁ ଭେଟି ଦାବି କରିଛନ୍ତି।



ସମ୍ବଲପୁର ଏସ୍‌ପି ଅଫିସ ସମ୍ମୁଖରେ ସମ୍ବଲପୁର ଫୋରମ ସଦସ୍ୟମାନେ ।

# ସବୁ ପିଲାଙ୍କୁ ସମାନ ଦୃଷ୍ଟିରେ ଦେଖ

ଜମନକିରା, ୧୬।୨(ଡି.ଏନ୍.ଏ.)
ଶିକ୍ଷାନୁଷ୍ଠାନ ଗୋଟିଏ ମନ୍ଦିର। ଛାତ୍ରୀଛାତ୍ର ସେ ମନ୍ଦିରର ଦେବତା ହେଲେ ଶିକ୍ଷକ ହେଉଛନ୍ତି ପୂଜକ। ସେହିଭଳି ସ୍କୁଲ ଗୋଟିଏ ମଣିଷ ତିଆରି କାରଖାନା। ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦୀକ୍ଷା ଦେଇ ଗଢିବା ଦାୟିତ୍ୱକୁ ଶିକ୍ଷକମାନେ ସୁଚାରୁ ରୂପେ ତୁଲାଇବା ଆବଶ୍ୟକ। ଛାତ୍ରୀଛାତ୍ରଙ୍କ ଭିତରେ ଭେଦଭାବ ନ ରଖି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ। ରବିବାର ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ଚତୁର୍ଥ ବାର୍ଷିକ ସମାବେଶରେ ଅତିଥିମାନେ ଉପସ୍ଥିତ ଶିକ୍ଷକମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି।

ଉଦ୍‌ଘାଟନୀ ଅଧିବେଶନରେ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଗବେଷଣା ଅନୁଷ୍ଠାନର ପ୍ରାଧ୍ୟାପକ ଡ. ପ୍ରୀତିଶ କୁମାର ଆଚାର୍ଯ୍ୟ, ସରୋଜ କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଭାନୁ ମିଶ୍ର, ଅତିରିକ୍ତ ବ୍ଲକ୍ ଗୋଷ୍ଠୀ ଅଧିକାରିଣୀ ଦେବକୀ ନାଏକ ମଞ୍ଚାସୀନ ଥିଲେ। ବ୍ଲକ୍ ଗୋଷ୍ଠୀ ଅଧିକାରିଣୀ ସୁଷମା ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ 'ଉଷା ଅଭୟା' ଚତୁର୍ଥ ସଂସ୍କରଣ ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା। ଚଳିତ ବର୍ଷ ଅବସର ଗ୍ରହଣ କରିଥିବା ଲକ୍ଷ୍ମଣ ନାଏକ, କସ୍ତୁରୀ ପଟେଲ, ଦେବାନନ୍ଦ ପୂଜାରୀ, ପ୍ରଫୁଲ୍ଲ ମହାକୁଳ, ଦିବାକର ସାହୁ, ମାଗୁଣିଚରଣ ସାହୁ, ଜୟଧର ମାଝି ପ୍ରମୁଖଙ୍କୁ ଉପଢ୍ୌକନ, ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ବ୍ଲକ୍ ପ୍ରାଥମିକ ସଂଘର ସଭାପତି ଭୁବନେଶ୍ୱର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଯାପନୀ ଅଧିବେଶନରେ ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ଡ.ମୁରଲୀଧର ବେହେରା, ଜିଏମ୍ କଲେଜ ପ୍ରଧ୍ୟାପକ ଡ. ଦିଲ୍ଲିପ କୁମାର ପଣ୍ଡା, ସମ୍ବଲପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜକିଶୋର ସାହୁ, ନିଖିଳ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଭୁବନେଶ୍ୱର ସଭାପତି ତ୍ରିଲୋଚନ ନାଏକ, ନିଖିଳ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଉପଦେଷ୍ଟା ଗୌରାଙ୍ଗଚରଣ ମଲ୍ଲିକ, ଜମନକିରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ସୁଦୀପ୍ତ ପଟେଲ ଓ ଶିକ୍ଷୟିତ୍ରୀ ବନିତା ସୁହୁଲା ମଞ୍ଚ ପରିଚାଳନା କରିଥିଲେ। କଣ୍ଠ ଶିଳ୍ପୀ ସସ୍ମିତା ନାୟକ, ଶ୍ରୀକାନ୍ତ ପଟେଲ, ପଞ୍ଚାନନ ମହାନନ୍ଦ, ରଞ୍ଜିତା ପଟେଲ ଓ ମନୋରମା ମାଝି ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଜ୍ଞାନେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ ବହିଦାର, ଈଶ୍ୱର ପ୍ରସାଦ ମହାକୁଳ, ସଞ୍ଜୟ ପଟେଲ, ଲକ୍ଷପତି ନନ୍ଦ, ସୁଶୀଲ କୁମାର ସାହୁ, ମୋତିଲାଲ ସାହୁ, ସଦାଶିବ ସାହୁ, ଶ୍ରୀକାନ୍ତ ପଟେଲଙ୍କ ସମେତ ସମସ୍ତ ସିଆର୍‌ସିସି, ଶିକ୍ଷୟିତ୍ରୀ, ଶିକ୍ଷକ, ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

**ଜମନକିରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ମହାସମାବେଶ**



ରବିବାର ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ଚତୁର୍ଥ ବାର୍ଷିକ ସମାବେଶରେ ଅତିଥିମାନେ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍

# ଦଣ୍ଡ, ଯନ୍ତ୍ରଣା ଦେଉଛି ଭତ୍ତା

**ସମ୍ବଲପୁର,୧୬।୨(ବ୍ୟୁରୋ)**

ସରକାର ଦିବ୍ୟାଙ୍ଗ, ବୃଦ୍ଧ, ବୃଦ୍ଧା, ବିଧବା ମହିଳାମାନଙ୍କ ପାଇ ପେନସନ ବ୍ୟବସ୍ଥା କରିଛନ୍ତି। ନିୟମ ଅନୁସାରେ ୫ ଶହରୁ ୭ ଶହ ଟଙ୍କା ପେନସନ ଦିଆଯାଉଛି । ହେଲେ ଏତିକି ଟଙ୍କା ପାଇବା ପାଇଁ ସେମାନଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡୁଛି। ଏପରିକି ୫ ଶହ ଟଙ୍କା ପାଇଁ ୫ରୁ ୭ କି.ମି. ରାସ୍ତା ଅତିକ୍ରମ କରି ସମ୍ବଲପୁର ମହାନଗର ନିଗମ ଅଫିସକୁ ଆସିବାକୁ ପଡୁଛି। ସମ୍ବଲପୁର ମହାନଗର ନିଗମ ଅଧୀନ ୪୦ ନମ୍ବର ୱାର୍ଡର ଭୋଇପାଲି, ସୁଡୁଙ୍ଗା, ରଙ୍ଗିଆଟିକ୍ରା ଭଳି ଗ୍ରାମ ଗୁଡିକର ଲୋକେ ରବିବାର ମହାନଗର ନିଗମ ଅଫିସକୁ ଭତ୍ତା ନେବାକୁ ଆସିଥିବାବେଳେ ସେମାନେଙ୍କ ଦୁଃଖ ବର୍ଣ୍ଣନା କରିଛନ୍ତି।

ସୁଡୁଙ୍ଗାର ଚାରକୁଲି ଭୋଇ ନାମ୍ନୀ ଜଣେ ଦୃଷ୍ଟିହୀନ ବୃଦ୍ଧା ଭତ୍ତା ପାଇବାରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ କହିଛନ୍ତି । ସେ କହିଛନ୍ତି ଯେ, ଭତ୍ତା ନେବା ତାଙ୍କ ପାଇଁ ଏକ ଦଣ୍ଡ ହେଲା ଭଳି ଲାଗୁଛି। ସାଥିରେ ସେ ନାତୁଣୀ ପାର୍ବତୀଙ୍କୁ ଧରି ଭତ୍ତା ଆଣିବାକୁ ଯାଆନ୍ତି। ସକାଳ ୬ଟାରୁ ଭୋକ ଉପାସରେ ଘରୁ ବାହାରି ସମ୍ବଲପୁରରେ ପହଞ୍ଚି ଲାଇନରେ ଛିଡା ହେବାକୁ ପଡୁଛି। ଟଙ୍କା ପାଇଲା ବେଳକୁ କେବେ ଅପରାହ୍ନ ତ ପୁଣି କେବେ ସଞ୍ଜ। ଘରକୁ ଫେରିବା ବେଳକୁ ରାତି ହୋଇଯାଏ। ଭତ୍ତା ପାଇଁ ଧାର୍ଯ୍ୟ ଦିବସ ପ୍ରତିମାସର ୧୬ ତାରିଖ ସେ ଏଭଳି ଦଣ୍ଡ ଭୋଗନ୍ତି। ଯେଉଁମାସରେ ୧୬ ତାରିଖ ରବିାର ପଡି ନ ଥାଏ ସେ ମାସରେ ନାତୁଣୀ ସ୍କୁଲ ଯାଇ ପାରେ ନାହିଁ। କାରଣ ନାତୁଣୀଙ୍କୁ ନ ଧରିଲେ ସେ ଆସି ପାରିବେ ନାହିଁ। ସରକାର ଏଭଳି ବ୍ୟବସ୍ଥା କାହିଁକି କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେମାନେ ପଞ୍ଚାୟତ ଅଧୀନରେ ଥିବା ସମୟରେ ଭଲ ରହିଥିଲା । ଠିକ୍ ସମୟରେ ପଞ୍ଚାୟତ କର୍ମଚାରୀ ଘରେ ଯାଇ ଭତ୍ତା ଟଙ୍କା ଦେଇ ଆସୁଥିଲେ। ଦୃଷ୍ଟିହିନମାନଙ୍କୁ ୭ ଶହ ଟଙ୍କା ଦିଆଯିବାକୁ ନିୟମ ରହିଛି। ହେଲେ ମୋତେ ମିଳୁନାହିଁ ବୋଲି ସେ ଅଭିଯୋଗ କରଛନ୍ତି। ସେହିପରି ରଙ୍ଗିଆଟିକ୍ରା ଗ୍ରାମର ମଦନ ଦୀପ କହିଛନ୍ତି ଯେ, ବୟସ ଏତେ ହେଲାଣି ଯେ ଚାଲିବା କଷ୍ଟକର ହୋଇ ପଡିଲାଣି। ଭତ୍ତା ଟଙ୍କା ମାସକ ଖର୍ଚ୍ଚରେ ଆସୁଥିବାରୁ ତାଙ୍କୁ ଆସିବାକୁ ପଡୁଛି।



ସମ୍ବଲପୁର ମହାନଗର ନିଗମ ଅଫିସକୁ ରବିବାର ଭତ୍ତା ନେବାକୁ ଆସିଥିବା ଜଣେ ଦୃଷ୍ଟିହୀନ ବୃଦ୍ଧା ଏବଂ ଅଣ୍ଟା ସଳଖି ଚାଲି ପାରୁ ନ ଥିବା ଅନ୍ୟ ଜଣେ ବୃଦ୍ଧ।

ସମ୍ବଲପୁର ମହାନଗର ନିଗମ ଅଧୀନରେ ପ୍ରାୟ ୩୧ ହଜାର ହିତାଧିକାରୀ ବିଭିନ୍ନ ଯୋଜନାରେ ପେନସନ ପାଉଛନ୍ତି । ହେଲ ଅଧିକାଂଶ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ। ସେମାନେ ଅନ୍ୟର ଆଶ୍ରୟ ନେବାକୁ ପଡୁଛି। ଫେରିବାବେଳେ ଅନେକ ସମୟରେ ଟଙ୍କା ଲୁଟ୍ ହେଉଛି। ଭତ୍ତା ବଣ୍ଟନ କେନ୍ଦ୍ରରେ କିମ୍ବା ରାସ୍ତାରେ ଅଚେତ ହେବା ଭଳି ଘଟଣା ନଜିର ରହିଛି । ସରକାରଙ୍କ ନିୟମ ରହିଛି ଯେ, ଯେଉଁମାନେ ଚାହିଁବେ ଭତ୍ତା ଟଙ୍କା ସେମାନଙ୍କ ବ୍ୟାଙ୍କ ଜମା ଖାତରେ ଦିଆଯିବ । ବୟସ୍କ ବୃଦ୍ଧ, ଦିବ୍ୟାଙ୍ଗଙ୍କ ପାଇଁ ଘରେ ଟଙ୍କା ପହଞ୍ଚାଇବାର ବ୍ୟବସ୍ଥା ମଧ୍ୟ ରହିଛି। ହେଲେ ସେ ନିୟମ ପାଳନ ହେଉନି। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବରିଷ୍ଠ ନାଗରିକ ଜଗନ୍ନାଥ ଦୀକ୍ଷିତ, ସରୋଜ ପ୍ରଧାନ, ପ୍ରମୋଦ ବିଶ୍ୱାଳ, ଜତିନ୍ଦ୍ର ବାରିକ ଅନୁରୋଧ କରିଛନ୍ତି। ତେବେ ଏ ସମ୍ପର୍କରେ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ଅପର୍ଣ୍ଣା ପାଢୀ କହିଛନ୍ତି ଯେ, ପ୍ରତି ୱାର୍ଡରେ ମହାନଗର ନିଗମର କର୍ମଚାରୀ ଓ ଅଙ୍ଗନୱାଡି କର୍ମୀ ରହିଛନ୍ତି । ଏଭଳି ସମସ୍ୟାରେ ଥିବା ହିତଧିକାରୀଙ୍କୁ ଚିହ୍ନଟ କରାଯିବ। ତାଙ୍କ ସୁବିଧା ଅନୁସାରେ ଭତ୍ତା ଦିଆଯିବ। ଲୋକମାନଙ୍କ ପାଖରେ ସେବା ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ। ହେଲେ କର୍ମଚାରୀ ଅଭାବରୁ ସମସ୍ୟା ହେଉଛି। ଏହି ସମସ୍ୟାକୁ କିନ୍ତୁ ଗୁରୁତର ସହ ନିଆଯିବ ବୋଲି ସେ କହିଛନ୍ତି।

## ଏସ୍‌ୟୁ ଛାତ୍ରୀଛାତ୍ରଙ୍କୁ ମନାଇ ପାରିଲେନି ଉପଜିଲାପାଳ, ଏଏସ୍‌ପି

**ସମ୍ବଲପୁର,୧୬।୨ (ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ମେଡିକାଲ ଫିଜିକ୍ସ ପାଠ୍ୟକ୍ରମରେ ଥିବା ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରହିଛି। ପ୍ରଶାସନିକ କୋଠାରେ ଚାଲିଥିବା ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ ରବିବାର ତୃତୀୟ ଦିନରେ ପହଞ୍ଚିଛି । ସମ୍ବଲପୁର ଉଜପିଲାପାଳ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା ପହଞ୍ଚି ଆଲୋଚନା କରିଥିଲେ । ହେଲେ ଛାତ୍ରୀଛାତ୍ର ଜିଦରେ ଅଟଳ ରହିବାରୁ ଏହି ଆଲୋଚନା ବିଫଳ ହୋଇଥିଲା । ସେମାନଙ୍କ ଦାବି ଯେ, ଜିଲାପାଳ, ଏସ୍‌ପି, କୁଳପତିଙ୍କୁ ନେଇ ଏକ ବୈଠକ କରାଯାଉ। ସେମାନେ ଏହି ପାଠ୍ୟକ୍ରମରେ ଥିବା ସମସ୍ୟା ଉପରେ ଅବଗତ ଥିବାରୁ ତାହାର ସମାଧାନ ମଧ୍ୟ କରି ପାରିବେ। ତେଣୁ ସେମାନେ ଆସିଲେ ଆଲୋଚନା କରାଯିବ ବୋଲି ଅଡି ବସିବାରୁ ଉପଜିଲାପାଳ ଓ ଅତିରିକ୍ତ ଏସ୍‌ପି ନିରାଶ ହୋଇ ସେଠାରୁ ଚାଲି ଆସିଥିଲେ।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର,୧୬।୨(ବ୍ୟୁରୋ):** ସମ୍ବଲପୁର ସଦର ଥାନା ପୋଲିସ ଚୋରି ଅଭିଯୋଗରେ ସାହାଜାଦ ଖାନ ନାମକ ଯୁବକଙ୍କୁ ଗିରଫ କରିଛି । ଏ ନେଇ ଏକ ମାମଲା ରୁଜୁ ହୋଇଛି। ଧନକଉଡାର ସଚ୍ଚିଦାନନ୍ଦ ନାଏକଙ୍କ ଦୋକାନରୁ ଶନିବାର ଚୋରି ଘଟଣାରେ ସେ ଜଡିତ ବୋଲି ଜଣା ପଡିଛି।

### ମନ୍ଦିରରୁ ବାଇକ୍ ଚୋରି

**ସମ୍ବଲପୁର,୧୬।୨(ବ୍ୟୁରୋ):** ସମ୍ବଲପୁର ଧନୁପାଲି ଥାନା ଜଗନ୍ନାଥ ମନ୍ଦିର ପରିସରରୁ ଜଣେ ଭକ୍ତଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ବୁଢାରଜାର ବାଇକ୍ ମାଲିକ ମିନକେତନ ପାଢୀ ଥାନରେ ଅଭିଯୋଗ କରିଛନ୍ତି। ମିନକେତନ ରବିବାର ମନ୍ଦିରକୁ ଆସିଥିଲେ। ବାଇକ୍ ରଖି ଠାକୁରଙ୍କୁ ଦର୍ଶନ ପାଇଁ ଯାଇଥିଲେ। ଫେରିଲାବେଳକୁ ବାଇକ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ।

### ଭିସୁଟ୍ ଅଣଶିକ୍ଷକ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ

**ସମ୍ବଲପୁର,୧୬।୨(ବ୍ୟୁରୋ):** ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭୀସୁଟ) ଅଣ ଶିକ୍ଷକ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି । ରବିବାର ଏକ ବୈଠକରେ ଉପସଭାପତି ଭାବେ ପ୍ରହଲାଦ ରାଉତଙ୍କୁ ଚୟନ କରାଯାଇଛି। ସେହିଭଳି ସାଧାରଣ ସମ୍ପାଦକ ଭାବେ ନରେନ୍ଦ୍ର ପରିଡା ରହିଛନ୍ତି। ଭଗବାନ ଟୁଡୁ, ହରେନ୍ଦ୍ର ପାଢୀ, ପ୍ରମୋଦ କୁମାର ମେହେର, ମଳୟ କୁମାର ପାଣିଗ୍ରାହୀ ନୂତନ ସଦସ୍ୟ ହୋଇଛନ୍ତି।

### ନାମଯଜ୍ଞ ସହ ହନୁମାନ ମନ୍ଦିର ପ୍ରତିଷ୍ଠା

**ପଡ଼ିଆବାହାଲ, ୧୬।୨ (ଡି.ଏନ.ଏ.):** ଲିପିଣ୍ଡା ପଞ୍ଚାୟତ ଅନ୍ତର୍ଗତ ପାଣ୍ଡରି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ସହିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନାମଯଜ୍ଞରେ ପ୍ରସନ୍ନ ସୁମର୍ଥା ସପତ୍ନୀକ କର୍ତ୍ତାଥିଲା ବେଳେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯଜ୍ଞପ୍ରସାଦ ସୁମୁର୍ଥା ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ବାସୁଦେବ ଷଡଙ୍ଗୀ ପୂଜା କରିଥିଲେ। ସୀତାରାମ ସୁମୁର୍ଥା, ସଂପଦ ଧରୁଆ, ଶ୍ରୀଧର ଭୋଇ, ପ୍ରଫୁଲ୍ଲ ନାଏକ, କନ୍ଦର୍ପ ଭୋଇ, ପ୍ରମୋଦ ବିଶ୍ୱାଳ, ଅଚ୍ୟୁତା ନନ୍ଦ, ପ୍ରଫୁଲ୍ଲ ମିର୍ଦ୍ଧା ଓ ଗଙ୍ଗା ଧରୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଭତ୍ତା ଆଣିବାକୁ ଯାଇଥିଲେ, ମୃତଦେହ ମିଳିଲା

**କୁଚିଣ୍ଡା, ୧୬।୨ (ଡି.ଏନ.ଏ.):** ସମ୍ବଲପୁର ଜିଲା ମହୁଲପାଲି ଥାନା ଅଧୀନ ଗୋଛରା ଡମପଡାର ଏକ ମୋରମ ଖଣିରୁ ଅନ୍ଧାରୀପାଲିର ପୂର୍ଣ୍ଣଚନ୍ଦ୍ର ମୋଦୀ (୫୫)ଙ୍କ ମୃତଦେହ ମିଳିଛି। ମହୁଲପାଲି ଥାନା ପୋଲିସ ଏହାକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣା ଅନୁସନ୍ଧାନ ଚଳାଇଛି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଶନିବାର ସେ ପଞ୍ଚାୟତ ଅଫିସକୁ ଭତ୍ତା ବାବଦ ଟଙ୍କା ଆଣିବାକୁ ଯାଇ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ରବିବାର ସକାଳେ ତାଙ୍କ ମୃତଦେହ ମିଳିଥିଲା। ସେ ଭତ୍ତା ଟଙ୍କା ଆଣି ଆସୁଥିବାବେଳେ ଲୁଟ୍ ପାଇଁ କେହି ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।



ବାମରାରେ ରବିବାର ଛାତ୍ରୀଛାତ୍ର ମାରାଥନ ଦୌଡ଼ରେ ସାମିଲ ହୋଇଛନ୍ତି।

## ଶିଶୁଙ୍କୁ ସମାନ ଶିକ୍ଷା ଅଧିକାର ଲାଗି ମାରାଥନ ଦୌଡ଼

**ବାମରା, ୧୬।୨ (ଡି.ଏନ.ଏ.)**

ସମସ୍ତ ଶିଶୁଙ୍କୁ ସମାନ ଓ ଗୁଣାତ୍ମକ ଶିକ୍ଷାର ଅଧିକାର ସମ୍ପର୍କରେ ସଚେତନତା ନେଇ ରବିବାର ବାମରାରେ ମାରାଥନ ଦୌଡର ଆୟୋଜନ କରାଯାଇଥିଲା । ଏଥିରେ ବାମରା ତଥା ଆଖପାଖ ଅଞ୍ଚଳର ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଯୁବତୀ ଯୁବକ ଓ ମହିଳା ପୁରୁଷ ଯୋଗ ଦେଇଥିଲେ । ବାମରା ବସଷ୍ଟାଣ୍ଡଠାରେ ସକାଳ ୭ଟାରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା । ରାଜ୍ୟଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ସଞ୍ଜିତ ମହାନ୍ତି, ପୂର୍ବତନ କୁଚିଣ୍ଡା ବିଧାୟକ ରାଜେନ୍ଦ୍ର ଛତ୍ରିଆ, ବରିଷ୍ଠ ଶିକ୍ଷାବିତ ଜଗନ୍ନାଥ ପ୍ରସାଦ ଚୌଧୁରୀ ଓ ବାମରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ମିଶ୍ର ପତାକା ଦେଖାଇ ମାରାଥନ ଦୌଡକୁ ଆରମ୍ଭ କରିଥିଲେ । ବାମରାଠାରୁ ଏହା ଆରମ୍ଭ ହୋଇ ମୁଣ୍ଡାଢ଼ିପା, କୁଆରମାଲ, କୁଲଟା, କପୁଟିକ୍ରା, ଗୋବିନ୍ଦପୁର ଦେଇ ୧୪ କିଲୋମିଟର ଦୌଡ ପରେ ବାମରା ବସଷ୍ଟାଣ୍ଡରେ ଆସି ପହଞ୍ଚିଥିଲା । ଶିଶୁଙ୍କ ଅଧିକାର, ସମସ୍ତ ଶିଶୁଙ୍କୁ ବିନା ଭେଦଭାବରେ ଗୁଣାତ୍ମକ ଶିକ୍ଷା ପ୍ରଦାନ, ସାମାଜିକ କାର୍ଯ୍ୟ ମାଧ୍ୟମରେ ପଛୁଆଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାର ବାର୍ତ୍ତା ନେଇ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଦୀପ ଖଣ୍ଡେଲୱାଲଙ୍କ ସଂଯୋଜନାରେ ଦେବଜ୍ୟୋତି ପଟ୍ଟନାୟକ, ତାପସ ନାୟକ ଓ ସିଙ୍କି ପ୍ରସାଦଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦୁଇ ଦିନିଆ ସୁର ଘୁଙ୍ଗୁର ମହୋତ୍ସବ ଉଦ୍‌ଯାପିତ

**ରେଢାଖୋଲ,୧୬।୨ (ଡି.ଏନ.ଏ.)**

ରେଢାଖୋଲ କଦମ୍ବ ପଡିଆସ୍ଥିତ ଭୀମଭୋଇ କଳାମଣ୍ଡପରେ ଅଗ୍ରଣି ସାଂସ୍କୃତିକ ଅନୁଷ୍ଠାନ ସୁର ଘୁଙ୍ଗୁର ଅନୁଷ୍ଠାନ ପକ୍ଷରୁ ଶନିବାର ଆୟୋଜିତ ସୁରଘୁଙ୍ଗୁର ମହୋତ୍ସବ-୨୦୨୦ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟସଭା ସାଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରେଢାଖୋଲ ଉପଜିଲାପାଳ ଡୋଳାମଣି ପଟେଲ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଶ୍ରମିକ ନେତା ଅନାଦି ଚରଣ ସାହୁ, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ସୁଶାନ୍ତ ନାଗ ସଭାପତିତ୍ୱ କରିଥିବାବେଳେ ସଂପାଦକ ରାଜେନ୍ଦ୍ର ବୈଠାରୁ ବିବରଣି ପାଠ କରିଥିଲେ। ରମାକାନ୍ତ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ବ୍ରହ୍ମ କୁମାରଙ୍କ କଣ୍ଠରେ ନମସ୍ତେ ନମସ୍ତେ ମାଗୋ ବିନ୍ଧ୍ୟବାସିନି...ରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ରିଚାଙ୍କ କଣ୍ଠରେ ଆଏଖଁ ଦୁଇଟା ଚକା ଚକା ଓ କଣ୍ଠ ଶିଳ୍ପୀ କୃଷ୍ଣ ମୁଖୀ ଙ୍କ ହାଏରେ ସାଙ୍ଗ ସରଗି ଡାଙ୍ଗ ସମ୍ବଲପୁରୀ ଗୀତ ଦର୍ଶକଙ୍କ ମନ ମୋହିଥିଲା। ବଲାଙ୍ଗୀର ଲୋଇସିଙ୍ଗାର ଶଙ୍କର ଆଣ୍ଡ ଗ୍ରୁପର ନୃତ୍ୟଦଳ ଓ ଟିଟିଲାଗଡର ଢାପ୍ ନୃତ୍ୟ ପରିବେଷିତ ହୋଇଥିଲା। ବୀରମହାରାଜପୁରର ହରେକୃଷ୍ଣ ବାଘ, ପୂର୍ଣ୍ଣବାସୀ ବାଘ ଓ ଦିଗାମ୍ବର ବାଘ ଏକ ସଚେତନତା ଧର୍ମୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରସିଦ୍ଧ ରଙ୍ଗବତୀ ଗୀତର ଗୀତିକାର ମିତ୍ରଭାନୁ ଗୌନ୍ତିଆ, ଉପଖଣ୍ଡର ମ୍ୟାଟ୍ରିକ ଟପର ଛାତ୍ରୀ ଆକାଂକ୍ଷା ଜେନା ଓ କ୍ରିକେଟ ଖେଳାଳି ଦେବାଶିଷ ବାଘଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ବସଷ୍ଟାଣ୍ଡସ୍ଥିତ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅତିଥିମାନଙ୍କୁ ଏକ ଶୋଭଯାତ୍ରାରେ ମଞ୍ଚ ନିକଟକୁ ନିଆଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ସୁରେନ୍ଦ୍ର ନାରାୟଣ ପ୍ରଧାନ, ଅରୁଣ ପ୍ରଧାନ, ଉମାକାନ୍ତ ମହାନନ୍ଦ, ରଶ୍ମିରଞ୍ଜନ ଖଡିରତ୍ନ ପ୍ରମୁଖ ଯୋଗ ଦେଇଥିଲେ। ଶନିବାର ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ବିଧାୟକ ରୋହିତ ପୂଜାରୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ନୁର୍ ବେଗମ, ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ଚାଷୀ ପ୍ରଦୀପ ସାହୁ, ହକି ଖେଳାଳି ବାହମନି ବାଗେ ଓ କନିଷ୍ଠ ୱେବ୍ ଡିଜାଇନର ରଞ୍ଜନ ରାଉତଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା।

## ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର, ୨ ଛାତ୍ର ସମ୍ପୃକ୍ତ

**କୁଚିଣ୍ଡା/ବାମରା, ୧୬।୨ (ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ମହୁଲପାଲି ଥାନା ଅଞ୍ଚଳରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଛି। ଏ ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ପୂର୍ବକ ୨ ଜଣ ନାବାଳକ ଛାତ୍ରଙ୍କୁ ଧରିଛି। ଏହି ଦୁଇ ଅଭିଯୁକ୍ତଙ୍କ ଭିତରୁ ଜଣକର ବୟସ ୧୩ ବର୍ଷ। ସେ ୮ମ ଶ୍ରେଣୀ ଛାତ୍ର । ସେହି ଭଳି ଅନ୍ୟ ଜଣେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ବୋଲି ପୋଲିସ କହିଛି। ଏ ଦୁହେଁ ମିଶି ସମ୍ପୃକ୍ତ ନାବାଳିକାଙ୍କୁ ଏକ ନିଛାଟିଆ ଘରକୁ ନେଇ ବଳାତ୍କାର କରିଥିଲେ। ଝିଅକୁ ଖୋଜା ଖୋଜି ମା' ସେଠାରେ ପହଞ୍ଚି ଯିବାରୁ ସେମାନେ ଦୌଡି ପଳାଇଥିଲେ। ନାବାଳିକାଙ୍କ ମା' ଯାଇ ସ୍ୱାମୀଙ୍କୁ କହିବା ପରେ ମହୁଲପାଲି ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ପହଞ୍ଚି ଉଭୟ ନାବାଳକଙ୍କୁ ଥାନାକୁ ନେଇଥିଲା। ସେଠାରୁ ସେମାନଙ୍କୁ ଡାକ୍ତରୀମାଇନା ପାଇଁ ପଠାଯାଇଛି। ଏ ନେଇ ମହୁଲପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଅଘରିଆ ସମାଜ ପକ୍ଷରୁ ମେଧାବୃତ୍ତି ପରୀକ୍ଷା

**ବାମରା,୧୬।୨(ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡ ସହ ବାମରା ବ୍ଲକରେ ଅଖିଳ ଭାରତୀୟ ଅଘରିଆ ସମାଜ ପକ୍ଷରୁ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସବଜୁନିୟର, ଜୁନିୟର ଓ ସିନିୟରକୁ ମିଶାଇ ତିନିଟି ଭାଗର ପରୀକ୍ଷା ହୋଇଥିଲା । ବାମରା ବ୍ଲକର କେଚୁପାଣି ଉଚ୍ଚ ବିଦ୍ୟାଳୟ ଓ କେସାଇବାହାଲ କଲେଜରେ ହୋଇଥିବା ପରୀକ୍ଷାରେ ଶତାଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ବାମଣ୍ଡା ଆଞ୍ଚଳିକ କମିଟିର ସଭାପତି ବନମାଳୀ ନାୟକ, ସମ୍ପାଦକ ସୁଦୀପ୍ତ ପଟେଲ, ମନୋରଞ୍ଜନ ପଟେଲ, ମିତ୍ରଭାନୁ ପଟେଲ, ସରୋଜ ପଟେଲ, ଜ୍ୟୋତ୍ସ୍ନା ପଟେଲ ଓ ସୁବୋଧ ପଟେଲ ପରୀକ୍ଷା ପରିଚାଳନା କରିଥିଲେ। ଅଖିଳ ଭାରତୀୟ ଅଘରିଆ ସମାଜର ଆଞ୍ଚଳିକ ସମ୍ମିଳନୀରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ଓ ସମ୍ମାନିତ କରାଯିବ ବୋଲି ସୁବୋଧ ପଟେଲ ସୂଚନା ଦେଇଛନ୍ତି।

## କୁରେଟୁଲା ଚାମ୍ପିୟନ, କବରାପଲ ରନର୍ସ ଅପ୍

**ନିତ୍ୟାନନ୍ଦ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

**ସମ୍ବଲପୁର,୧୬।୨ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନ ମିର୍ଗୁମଣ୍ଡା ଗ୍ରାମ ଖେଳ ପଡିଆରେ ୨୪ ତମ ନିତ୍ୟାନନ୍ଦ ସ୍ମାରକୀ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ କୁରେଟୁଲା ଚାମ୍ପିୟନ ଓ କବରାପାଲି ରନର୍ସ ଅପ୍ ହୋଇଛି। ଅତିଥି ଭାବେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ପ୍ରକାଶ ସାହୁ, ଜଗନ୍ନାଥ ଦୀକ୍ଷିତ, ଯତୀନ୍ଦ୍ର ବାରିକ, ସୁଦର୍ଶନ ମହାପାତ୍ର, ବିଭୁତି ପଟ୍ଟନାୟକ, ସରୋଜ ପଟ୍ଟନାୟକ, ପୀତାମ୍ବର ବାରିକ, ଲକ୍ଷ୍ମୀନାରାୟଣ ପୁରୋହିତ ଯୋଗ ଦେଇଥିଲେ। କାର୍ତ୍ତିକ ଓରାମ, ରାଜାରାମ ଓରାମ, ବରୁଣ ନାଏକ ମ୍ୟାଚ୍ ଗୁଡିକ ପରିଚାଳନ କରିଥିଲେ । ଯୋଗେଶ ପୁରୋହିତ ଧାର ବିବରଣୀ ଦେଇଥିଲେ। ମାନସ ପଣ୍ଡା, ବିକାଶ ପୁରୋହିତ, ଅରୁଣ ଭୋଇ, ତରୁଣ ଭୋଇଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



ମିର୍ଗୁମଣ୍ଡାରେ ଫୁଟବଳ ଟୁର୍ନାମେଣ୍ଟରେ ଅତିଥି ଓ ଖେଳାଳି।

## ଫଟୋରେ ଖବର




ସିଆଇଏଲ ଆନ୍ତଃ କମ୍ପାନୀ ହକି ଟୁର୍ନାମେଣ୍ଟରେ ଏମ୍‌ସିଏଲ୍ ରନର୍ସ ଅପ୍ ଟ୍ରଫି ହାସଲ କରିଥିବାରୁ ରବିବାର ଏମ୍‌ସିଏଲ୍ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ବ୍ରଜରାଜନଗରକୁ ହରାଇ ଇବ୍‌ଥର୍ମାଲ ବିଜୟୀ

**ଲଖନପୁର,୧୬।୨(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ଖେଳପଡିଆରେ ବିଓସିଏମ୍ ବଏଜ୍ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ରବିବାର ୨୧ତମ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ଲଖନପୁର ଜିଲା ପରିଷଦ ସଦସ୍ୟ ସାମଲ ନାୟକ ଉଦ୍‌ଘାଟନ କରିଛନ୍ତି। ରବିବାର ପର୍ଯ୍ୟନ୍ତ ଏହା ଚାଲିବ। ଏଥିରେ ସମୁଦାୟ ୧୬ଦଳ ଅଂଶଗ୍ରହଣ କରିବେ। ତେବେ ଇବ୍‌ଥର୍ମାଲ ଓ ବ୍ରଜରାଜନଗର ଆମ୍ବିଶନ୍ କ୍ଲବ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳା ଯାଇଥିଲା। ଟସ୍ ଜିତି ଇବ୍‌ଥର୍ମାଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୩୫ ରନ୍ କରିଥିଲା। ଜବାବରେ ବ୍ରଜରାଜନଗର ଆମ୍ବିଶନ୍ କ୍ଲବ୍ ସମସ୍ତ ଉଇକେଟ୍ ହରାଇ ୧୨୨ରନ୍ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ସମ୍ବଲପୁର ଦଳ ଓ ହୀରାକୁଦ ଦଳ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ହୀରାକୁଦ ଦଳ ବ୍ୟାଟିଂ କରି ୧୧୪ରନ୍ କରିଥିଲା। ଏହାର ଜବାବରେ ହୀରାକୁଦ ଦଳକୁ ୮ ଉଇକେଟ୍‌ରେ ହରାଇ ସମ୍ବଲପୁର ଦଳ ବିଜୟୀ ହୋଇଥିଲା। ଲକ୍ଷ୍ମଣ ପିଙ୍ଗ୍ ଓ ଅନିରୁଦ୍ଧ କେଓଟ୍ ରେଫରୀ ଭାବେ ଖେଳ ପରିଚାଳନା କରୁଛନ୍ତି। କୃଷ୍ଣଚନ୍ଦ୍ର ଦୁବେ ଭାଷ୍ୟକାର ଭାବେ କାର୍ଯ୍ୟ ତୁଲାଉଛନ୍ତି। ରିଷିକାନ୍ତ କଶ୍ୟପ, ଅଭିଳାଷ ବେହେରା, ଶନି ଶର୍ମା, ସଦାନନ୍ଦ ତନ୍ତୀ, ପ୍ରଶାନ୍ତ ଜେନା, ନିଲୁ ନାୟକ, ରତ୍ନେଶ୍ ସିଂହ, ଭୋଲା ବାରିକ, ଅଶୋକ ସ୍ୱାଇଁ ପ୍ରମୁଖ ସହଯୋଗ କରୁଛନ୍ତି।



ଜିଲା ପରିଷଦ ସଦସ୍ୟ ସାମଲ ନାୟକ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ସେବା ଶିବିର

ରାଉରକେଲା ଅଫିସ,୧୬ । ୨: ଏକ ସ୍ୱାସ୍ଥ୍ୟ ସେବା ଶିବିର ଛେଣ୍ଡ୍ ସ୍ଥିତ କଳିଙ୍ଗବିହାରର ବିର୍ଶା ମୁଣ୍ଡା ମାର୍କେଟ କମ୍ପ୍ଲେକ୍ସ ଠାରେ ଆୟୋଜିତ ହୋଇଯାଇଛି। ଆର୍‌ଏମ୍‌ସିର ମେଡିକାଲ ଅଫିସର ଡାକ୍ତର କେ.କେ.ଷଡଙ୍ଗୀ ଏହି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲଡ ପ୍ରେସର, ମଧୁମେହ ପରୀକ୍ଷା ସହ ବିଭିନ୍ନ ରୋଗର ନିରାକରଣ ପାଇଁ ଉପଦେଶ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ପ୍ରାୟ ୭୨ ଜଣ ରୋଗୀ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡାକ୍ତର ଷଡଙ୍ଗୀଙ୍କୁ ଏଥିରେ ସହଯୋଗ କରିଥିଲେ ଆଶ୍ରିତା ଏକ୍କା ଓ ପ୍ରମିଳା ଡୁଙ୍ଗ୍‌ଡୁଙ୍ଗ୍। ପ୍ରିୟବ୍ରତ ମହନ୍ତ ଏହି ଶିବରକୁ ପରିଚାଳନା କରିଥିଲେ। ସୁନୀଲ ସାହୁ, ଆକାଶ ବର୍ଦ୍ଧନ, ଅମିତାଭ ପ୍ରଧାନ, ବିବେକ ଭୂମିଜ, ସୌଦାମିନୀ ଦାସ, ସସ୍ମିତା ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଏଆଇୟୁଟିୟୁସିର ସର୍ବଭାରତୀୟ ସମ୍ମିଳନୀ

ରାଉରକେଲା ଅଫିସ,୧୬। ୨: ଗତ ୧୩ରୁ ୧୫ ତାରିଖ ଯାଏ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ପକ୍ଷରୁ ୨୧ ତମ ସର୍ବ ଭାରତୀୟ ସମ୍ମିଳନୀ ଝାଡ଼ଖଣ୍ଡର ଧାନବାଦଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରାୟ ୨ହଜାର ପ୍ରତିନିଧି ଯୋଗ ଦେଇଥିଲେ। ଏହି ସମାବେଶରେ ସୁନ୍ଦରଗଡ଼ ଜିଲାରୁ ୪୦ ଜଣଙ୍କ ସମେତ ଓଡିଶାରୁ ୨ଶହ ପ୍ରତିନିଧି ଭାଗ ନେଇଥିଲେ। ଏହି ଅସବରରେ ଦେଶର ସାମ୍ପ୍ରତିକ ପରିସ୍ଥିତି, ଶ୍ରମିକ ଶ୍ରେଣୀ ଉପରେ ପୁଞ୍ଜିବାଦୀଙ୍କ ଶୋଷଣ, ସାମ୍ରାଜ୍ୟବାଦୀ ତଥା ଜଗତୀକରଣ ପ୍ରଭାବ, କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରମ ଆଇନର ପରିବର୍ତ୍ତନ, ଶ୍ରମ କୋର୍ଟ ଲାଗୁ, ପବ୍ଲିକ ସେକ୍ଟରରେ ଘରୋଇକରଣ, ପୁଞ୍ଜି ପ୍ରତ୍ୟାହାର, ନିଯୁକ୍ତି ବନ୍ଦ, ବ୍ୟାପକ ଛଟେଇ, ଦରଦାମ ବୃଦ୍ଧି, ଓ ଦାଦନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏ ସବୁ ସମସ୍ୟାର ସମାଧାନ ନେଇ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ନୂତନ ସର୍ବଭାରତୀୟ କମିଟି ଗଠନ କରାଯାଇଥିଲା। ସାଧାରଣ ସମ୍ପାଦକ ଶଙ୍କର ଦାସଗୁପ୍ତ ଏଥିରେ ଯୋଗ ଦେଇଥିଲେ।

### ସ୍ୱାସ୍ଥ୍ୟ,ସଚେତନତା ଶିବିର

ରାଉରକେଲା ଅଫିସ,୧୬।୨: ଉତ୍କଳ ଇସ୍ପାତ ଆସୋସିଏଶନ, ମୀନାମଣ୍ଡଳୀ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡାକ୍ତର ଜ୍ଞାନରଞ୍ଜନ ଗିରି ଏଥିରେ ଅଧକ୍ଷତା କରିଥିଲ। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ ବିଭିନ୍ନ ରୋଗ ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡାକ୍ତର ଗିରି କହିଲେ, ସାଧାରଣତଃ ସଚେତନତା ଅଭାବରୁ ଲୋକେ ଅଯଥା କଷ୍ଟ ଭୋଗ କରୁଛନ୍ତି। ମହିଳାମାନେ ସାଧାରଣତଃ ଜଞ୍ଜାଳ ଭିତରେ ରହି ନିଜ ଶରୀର କଥା ଭୁଲି ଯାଉଛନ୍ତି। ଯାହା ଅତ୍ୟନ୍ତ ଚିନ୍ତାଜନକ। ଏଣୁ ପ୍ରତ୍ୟେକ ପରିସ୍ଥିତିରେ ପରିବାର ଓ ସମାଜରେ ଏକ ସୁସ୍ଥ ବାତାରବରଣ ସୃଷ୍ଟି କରିବାକୁ ସେ ଆହ୍ୱାନ କରିଥିଲେ। ଏଥିରେ ମାନସ ମହାରଣା, ନୀଳମଣି ଦୀପଙ୍କ ସମେତ ରାଧାମୋହନ ନାୟକ, ଶଶଧର ନନ୍ଦ, ଆଚରଣ ପତି ପ୍ରବୀଣ ପ୍ରଧାନ, ରବିନ୍ଦ୍ର ମହାନ୍ତ, ପ୍ରମୋଦ ବୋଇତି, କମଳାକାନ୍ତ ବାରିକ, ଆଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ରେଢ଼ାଖୋଲ,୧୬।୨(ଡି.ଏନ.ଏ.) ରେଢ଼ାଖୋଲ-ବୌଦ୍ଧ ରାସ୍ତାର ହାତିବାହାଲ ଛକ ନିକଟରେ ରବିବାର ସନ୍ଧ୍ୟା ସାଢେ ୫ଟା ବେଳେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରେଢ଼ାଖୋଲ ଥାନା ଅନ୍ତର୍ଗତ ଲଡୁବାହାଲ ଗ୍ରାମର ସତ୍ୟନାରାୟଣ ସାହୁ (୪୫) ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନା ଓ ପରେ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଇଥିବା ବେଳେ ପୋଲିସ ବୌଦ୍ଧରୁ ଟ୍ରକ୍‌କୁ ଧରିଛି। ଏ ନେଇ ରେଢ଼ାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କଦଳୀଗଡ ପେଟ୍ରୋଲ ଟାଙ୍କିରେ ସୁପରଭାଇଜର ବାବେ କାମ କରୁଥିବା ସତ୍ୟନାରାୟଣ ରବିବାର ସନ୍ଧ୍ୟାରେ ତାଙ୍କ ଗାଁ ଲଡୁବାହାଲକୁ ବାଇକ୍ (ନଂ. ଓଆର୧୫ଏମ-୨୦୨୯) ଯୋଗେ ଆସୁଥିଲେ। ରେଢ଼ାଖୋଲରୁ ବୌଦ୍ଧ ଆଡକୁ ଯାଉଥିବା ଟ୍ରକ୍ (ନଂ. ଓଆର୨୩ ବି-୨୦୫୨) ହାତିବାହାଲ ଛକ ନିକଟରେ ତାଙ୍କୁ ଧକ୍କା ଦେଇ ଖସି ପଳାଇଥିଲା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ପରୀକ୍ଷା ଦେବାକୁ ଆସି ଛାତ୍ରୀଛାତ୍ର ହଟହଟା

ବାରକୋଟ, ୧୬।୨ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ କୁଣ୍ଡାପିଠା ଅରବିନ୍ଦ ସ୍କୁଲକୁ ପରୀକ୍ଷା ଦେବାକୁ ଆସିଥିବା ଛାତ୍ରୀଛାତ୍ରମାନେ ହଟହଟା ହୋଇ ଫେରିଛନ୍ତି। ଏକ ସଂସ୍ଥାର କର୍ମକର୍ତ୍ତା ଯେଉଁମାନେ ପରୀକ୍ଷା କରିବାକୁ ଆସିଥିଲେ ସେମାନଙ୍କୁ ପୋଲିସ ଉଠାଇ ନେଇଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁସାରେ ଦେବଗଡ ସହରରେ ଥିବା ଏକ ସଂସ୍ଥା ପଞ୍ଚମ ଶ୍ରେଣୀରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗଣିତ ଏବଂ ବିଜ୍ଞାନ ପରୀକ୍ଷା କରିବା ପାଇଁ ରବିବାର ଅରବିନ୍ଦ ସ୍କୁଲ କୁଣ୍ଡାପୀଠାଠାରେ ଦିନଧାର୍ଯ୍ୟ ହୋଇଥିଲା । ପୂର୍ବାହ୍ନ ୯ଟାରୁ ଛାତ୍ରୀଛାତ୍ରମାନେ ସ୍କୁଲରେ ପହଞ୍ଚିଥିଲେ ମଧ ସମ୍ପୃକ୍ତ ସଂସ୍ଥାର ଅଧିକାରୀ ପହଞ୍ଚି ନ ଥିଲେ । ଅନ୍ୟପକ୍ଷେ ଅରବିନ୍ଦ ସ୍କୁଲରେ ପରୀକ୍ଷା ପାଇଁ କୌଣସି ଚିଠି କିମ୍ବା ସୂଚନା ନଥିବା ସ୍କୁଲ ଅଧକ୍ଷ ଚନ୍ଦ୍ରଶେଖର ପ୍ରଧାନ ପ୍ରକାଶ କରିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରୀକ୍ଷା କରିବା ଆଳରେ ସଂସ୍ଥା ପକ୍ଷରୁ ୧୦୦ଟଙ୍କା ଲେଖାଏ ଠକି ନେଇଥିବା ଅଭିଭାବକମାନେ ଅଭିଯୋଗ କରିବା ସହ ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ୩ଜଣଙ୍କୁ ଥାନାକୁ ନେବା ସହିତ ସଂସ୍ଥା ମୁଖ୍ୟଙ୍କୁ ଅଟକ ରଖି ପଚରାଉତୁରା କରୁଛି । ଏ ବିଷୟରେ ଦେବଗଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।



ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ରବିବାର ମ୍ୟାଚରେ ଉପସ୍ଥିତ ଖେଳାଳିମାନେ।

## ବୁଢ଼ାପାଲ ଫ୍ରେଣ୍ଡସ୍ କ୍ଲବ ବିଜୟୀ

**ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ**

ଦେବଗଡ,୧୬।୨(ଡି.ଏନ୍.ଏ.)

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ରବିବାର ମ୍ୟାଚ ଆଇ.ଜି. ଷ୍ଟାଡ଼ିୟମ୍‌ରେ ହୋଇଥିଲା। ବୁଢ଼ାପାଲ ଫ୍ରେଣ୍ଡସ୍ କ୍ଲବ ଏବଂ ଇଲେଭେନ୍ ଷ୍ଟାର କଣ୍ଢେଇ ମଧ୍ୟରେ ଖେଳ ହୋଇଥିଲା। ବୁଢ଼ାପାଲ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୨୫ ଓଭରରେ ୮ ଉଇକେଟ ହରାଇ ୨୧୬ ରନ୍ କରିଥିଲା। ଜବାବ୍‌ରେ କଣ୍ଢେଇ ଦଳ ୨୩.୦୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୩ ରନ୍ କରି ପରାସ୍ତ ହୋଇଥିଲା। ସୋମବାର ମ୍ୟାଚ୍ ଆଇ.ଜି. ଷ୍ଟାଡ଼ିୟମ୍‌ରେ ଟାଉନ୍ କ୍ଲବ ଦେବଗଡ଼ ଏବଂ କଣ୍ଢେଇ ଷ୍ଟାର ଇଲେଭେନ୍ ଓ ମହୁଲଡ଼ିପାସାହି ନାଳପଡ଼ିଆଠାରେ ମହାବୀର କ୍ଲବ ଦେବଗଡ଼ ଏବଂ ଫ୍ରେଣ୍ଡସ୍ କ୍ଲବ ବୁଢ଼ାପାଲ ମଧ୍ୟରେ ଖେଳାଯିବ ବୋଲି ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ମ୍ୟାଚ୍‌କୁ ଅଜିତ୍ କୁମାର ମୋଦି ଓ ସୁମନ କୁମାର ବେହେରା ପରିଚାଳନା କରିଥିଲେ।

## ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

ଦେବଗଡ.୧୬।୨(ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢ଼ାପାଳ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ଶୀତାଞ୍ଜଳି ବେରୋ ଶିବିରରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ଼. ପ୍ରଭାତି ସାହୁ ଯୋଗଦେଇ ଆତ୍ମସୁରକ୍ଷା ତାଲିମ ଶିବିରର ଉପାଦେୟତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଶିବିରକୁ ପିଇଟି ଶିକ୍ଷକ ନରେନ୍ଦ୍ର ପ୍ରଧାନ ପରିଚାଳନା କରିଥିବା ବେଳେ ଅଧାପକ ଅଶୋକ ମିଶ୍ର, ସୁଧୀର ଭୋଇ, ଉମାକାନ୍ତ ସାମଲ ପ୍ରମୁଖ ଆତ୍ମସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଯୋଜିକା ଡ. ନିଶାରାଣୀ ସାହୁ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମାଷ୍ଟର ଟ୍ରେନର୍ ପୁନମ୍ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ୮୦ଜଣ ଛାତ୍ରୀ ତାଲିମ ନେଇଥିଲେ। ବିନୟ କୁମାର ସାହୁ, ଋଷଭ ଜେନା, ରମେଶ ଚନ୍ଦ୍ର ସାହୁ, ଭୋଲେଶ୍ୱର ପ୍ରଧାନ, ତପନ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଛାତ୍ରୀମାନେ ତାଲିମ ନେଉଛନ୍ତି।

### ପରିବା ବ୍ୟବସାୟୀଙ୍କ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଦେବଗଡ.୧୬।୨(ଡି.ଏନ୍.ଏ.)

ସ୍ଥାନୀୟ ଦୈନିକ ପରିବା ବଜାରରେ ପିଣ୍ଡି ତିଆରି କରିବା ଏବଂ ଗୋହୀରା ବନ୍ଧ ନିକଟରେ ଉଠାଦୋକାନୀମାନଙ୍କୁ ଥଇଥାନ କରିବା ଦାବି ନେଇ ଦୈନିକ ପରିବା ବ୍ୟବସାୟୀମାନେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ବ୍ୟବସାୟୀମାନେ ଏକ ପ୍ରେସ ବିବୃତି ମାଧମରେ ଚେତାବନୀ ଦେଇଛନ୍ତି।

## ମହିଳା କଂଗ୍ରେସର ବନ୍ଧୁମିଳନ, ସାଙ୍ଗଠନିକ ସଭା

ରାଉରକେଲା ଅଫିସ,୧୬।୨




ମହିଳା କଂଗ୍ରେସର ବନ୍ଧୁମିଳନ ଅବସରରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଜଣେ ମହିଳା କର୍ମୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

ରାଉରକେଲା ମହିଳା କଂଗ୍ରେସ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସେକ୍ଟର-୮ରେ ଅନୁଷ୍ଠିତ ହୋଇଯାଇଛି । ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂଙ୍କ ଅକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ତିର୍କୀ ମହିଳା କଂଗ୍ରେସ କର୍ମକର୍ତ୍ତା ଓ କର୍ମୀଙ୍କୁ ଶୁଭେଚ୍ଛା ଜଣାଇ ମହିଳା କଂଗ୍ରେସକୁ ବୁଥ୍‌ସ୍ତରରୁ ମଜଭୂତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏପରି କି ମହିଳା ଓ ଶିଶୁ ବିକାଶ ସମ୍ପର୍କିତ ଯେଉଁସବୁ ସରକାରୀ କାର୍ଯ୍ୟକ୍ରମ ହେଉଛି। ଏହା କଂଗ୍ରେସ ସରକାରଙ୍କ ସମୟରୁ ଆରମ୍ଭ ହୋଇଥିଲା ବୋଲି କରିଥିଲେ। ମହିଳା ଓ ଶିଶୁଙ୍କ ସହ ଗରିବ ଲୋକଙ୍କ ପାଇଁ କଂଗ୍ରେସ ସରକାର ଆରମ୍ଭ କରିଥିବା ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ସମ୍ପ୍ରତି ବିଜେଡି ଓ ଭାଜପା ଫାଇଦା ଉଠାଉଥିବାରୁ ତୃଣମୂଳସ୍ତରରେ ମହିଳାମାନେ ସଙ୍ଗଠିତ ହୋଇ ଏହାର ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ପ୍ରଶାନ୍ତ ସେଠୀ, ସୁନ୍ଦରଗଡ଼ ଜିଲା ପରିଷଦ ପୂର୍ବତନ ଅଧକ୍ଷ ସରୋଫିନା ଟପ୍ପୋ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଜ୍ୟୋତି ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନାରୀନେତ୍ରୀଙ୍କ ସମେତ ଶତାଧିକ ମହିଳା କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

### ଅନୁପ ସାଏଙ୍କ କୁଶ ପୁତ୍ତଳିକା ଦାହ

ବେଲପାହାଡ଼,୧୬।୨ (ଡ଼ି.ଏନ୍.ଏ.)

ମା' ଓ ଝିଅଙ୍କୁ ହତ୍ୟା କରିବା ଅଭିଯୋଗରେ ଛତିଶଗଡ଼ ପୋଲିସ ଦ୍ୱାରା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ କୁମାର ସାଏ ଗିରଫ ହେବା ଘଟଣା ଓଡ଼ିଶାରେ ଚର୍ଚ୍ଚା ସୃଷ୍ଟି କରିଛି। ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ଅନୁପଙ୍କ ଏଭଳି ବିଭତ୍ସକାଣ୍ଡକୁ ନିନ୍ଦା କରାଯାଇଛି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଉଛି। ଭାଜପା ପକ୍ଷରୁ ବିକାଶ ଅଗ୍ରୱାଲ, ତପନକାନ୍ତ ଜେନା, ସମୀର ମିଶ୍ର, ସଞ୍ଜୟ ସିଂ, ପାରସ ଜୟସ୍ୱାଲ, ମଞ୍ଜରୀ ପଷ୍ଟି, ଆରତୀ ରାଏ, ଟିଙ୍କିନା ଧଳ ଓ ସନ୍ତୋଷ ଚୌଧୁରୀ ପ୍ରମୁଖ ଅନୁପଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ସେହିପରି କଂଗ୍ରେସର କୁନୁ ସାହୁ, ଟୁଲୁ ମେହେର, ମହମ୍ମଦ ଅଖତର, କାହ୍ନୁ ବହିଦାର, ପିଙ୍କୁନ ରଥ ଓ କେଶବ ପ୍ରଧାନ ପ୍ରମୁଖ ଅନୁପଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

## ଲଖନପୁର ମହୋତ୍ସବ 'ତିହାର' ପ୍ରସ୍ତୁତି ବୈଠକ



ମହୋତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିବା କମିଟି କର୍ମକର୍ତ୍ତା।

ଲଖନପୁର,୧୬।୨(ଡି.ଏନ୍.ଏ.)

ଆସନ୍ତା ମାର୍ଚ୍ଚ ମାସ ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ୧୨ତମ ଲଖନପୁର ମହୋତ୍ସବ 'ତିହାର' ଅନୁଷ୍ଠିତ ହେବ। ଏହି ଅବସରରେ ସ୍ଥାନୀୟ ବେହେରାଗୁଡା ଡାକବଙ୍ଗଳାରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବିଲୁପ୍ତ କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ବଞ୍ଚାଇ ରଖିବା ମୂଳ ଲକ୍ଷ୍ୟ ବୋଲି କମିଟି ସଭାପତି ମହୋତ୍ସବ କମିଟି ସଭାପତି ପୀତାମ୍ବର ମିଶ୍ର କହିଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତି ଓ ଐତିହ୍ୟ ସମ୍ପର୍କୀତ ଲେଖାକୁ ନେଇ ସ୍ମରଣିକା ପ୍ରକାଶ ପାଇବ। ଏଣୁ ଲେଖା ପଠାଇବା ପାଇଁ ସ୍ମରିଣିକା ସମ୍ପାଦକ ପ୍ରଫୁଲ୍ଲ ସା ଅନୁରୋଧ କରିଛନ୍ତି। ମହେନ୍ଦ୍ର ପ୍ରଧାନ, ସର୍ବେଶ୍ୱର ପ୍ରଧାନ, ବୃଷଭାନୁ ବଗାର, ଦୁର୍ଯ୍ୟୋଧନ କିଷାନ, ଗୋବିନ୍ଦ ପାଣ୍ଡେ, ଭୁଜ ବାଗ୍, ଭୁଜେଶ୍ୱର ପ୍ରଧାନ, ବଳରାମ ଭୋଇ, ରାଧେଶ୍ୟାମ ସାହୁ, ଯାଗେଶ୍ୱର ଧୁରୁଆ, ସୁଦାମ ବୁଡା ପ୍ରମୁଖ ଉପସ୍ଥିତ ଥିଲେ।

## ୧୫୦ତମ ଗାନ୍ଧୀ ଜୟନ୍ତୀ ସମାରୋହ




୧୫୦ତମ ଗାନ୍ଧୀ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା ଅଫିସ,୧୬।୨

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ରବିବାର ଭାରତୀୟ ସାଂସ୍କୃତି ସହଯୋଗ ଓ ମୈତ୍ରୀ ସମିତି ପକ୍ଷରୁ ବସ୍ତିଆ ସ୍ମୃତି ଭବନରେ ପାଳିତ ହୋଇଯାଇଛି। ଇସକଫ ଜିଲା ସଭାପତି ଡ. ପ୍ରଭାତ ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମଣ୍ଡଳୀ ସଦସ୍ୟ ଗୋବର୍ଦ୍ଧନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶ, ତାଙ୍କ ଅବଦାନ ଓ ଭବିଷ୍ୟତ ପିଢିଙ୍କୁ ଦେଇଥିବା ପରାମର୍ଶ ଉପରେ ଆଲୋଚନା କରିଥିଲେ। ଏଥିରେ ଡ. ହୁସେନ ରବି ଗାନ୍ଧୀ, ଅଧାପକ ଏଞ୍ଜେଲସ ଡୁଙ୍ଗଡୁଙ୍ଗ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଚିନ୍ତା, ଚେତନା ଓ ଐତିହାସିକ ଜୀବନ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗାନ୍ଧୀ ବାଦର ପ୍ରଚାର ପ୍ରସାର ନେଇ ଦେଶର ଏକ ସକାରାତ୍ମକ ବାତାବରଣ ସୃଷ୍ଟି କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଦେଶରେ ଗାନ୍ଧୀବାଦର ମାର୍ମିକ ଉଥାପନ ନେଇ ଯୁବ ଛାତ୍ରଙ୍କୁ ସାମିଲ କରିବାକୁ ମତ ପ୍ରକାଶ ପାଇଥିଲା। ଅହିଂସା ଆନ୍ଦୋଳନ ମାଧମରେ ଶକ୍ତି, ମୈତ୍ରୀ, ଏକତା ପ୍ରତିଷ୍ଠା ସମ୍ଭବ ବୋଲି ଅତିଥିମାନେ କହିଥିଲେ। ବୈଠକରେ ଇସକଫ ସାଧାରଣ ସମ୍ପାଦକ ସଦାନନ୍ଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ଭାରତୀୟ ଆଇନଜୀବୀ ସଂଘ ଜିଲା ସଭାପତି ସହସ୍ରାଂଶୁ ହୋତା, ମହମ୍ମଦ ରଫିକ, କଲଚରାଲ ଏକାଡେମି ସାଧାରଣ ସମ୍ପାଦକ ଅକ୍ଷୟ ସାମଲ, ସନାତନ ସାହୁ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଡ.କିଶୋରୀ ଦାସ, ସନ୍ତୋଷ ଭଦ୍ର, ଯଶ୍ମିତା ପ୍ରଧାନ, ଜେ.ପି. ମୁର୍ମୁ, ଡ. କୃପାସିନ୍ଧୁ ନାୟକ, ଶ୍ରୀକାନ୍ତ ସାମଲ ପ୍ରମୁଖ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ।

### ଆକର୍ଷଣୀୟ ବ୍ୟକ୍ତିତ୍ୱ ଗଠନ ପ୍ରଶିକ୍ଷଣ ଶିବିର

ଦେବଗଡ,୧୬।୧(ଡି.ଏନ.ଏ)

ଦେବଗଡ ଜିଲା ତିଲେଇବଣି ବ୍ଲକ କଂସର ସରକାରୀ ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ଆକର୍ଷଣୀୟ ବ୍ୟକ୍ତିତ୍ୱ ଗଠନ ଶୀର୍ଷକ ଦିନିକିଆ ଶିକ୍ଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ତରଣୀ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ତଥା ପ୍ରଶିକ୍ଷକ ଭାବେ ଦେବଗଡ ନେହେରୁ ଯୁବକେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳ ଯୋଗଦେଇ 'ଆକର୍ଷଣୀୟ ବ୍ୟକ୍ତିତ୍ୱ ଗଠନ' ସମ୍ପର୍କରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ । କଂସର କ୍ଲଷ୍ଟରର ସିଆର୍‌ସିସି ଦିଲୀପ କୁମାର ନାୟକ କାପାସିଟି, କମ୍ପିଟେନ୍ସି ଓ ଏବିଲିଟି ସମ୍ପର୍କରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବଗତ କରାଇଥିଲେ। ତେରେଣ୍ଡାକଟା ପ୍ରାଥମିକ ବିଦ୍ୟାଳୟର ମନବୋଧ ବେହେରା ଜଣେ ଆଦର୍ଶ ଶିକ୍ଷକର କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଶିବିରରେ କ୍ଲଷ୍ଟରର ୩୭ ଜଣ ଶିକ୍ଷୟିତ୍ରୀଶିକ୍ଷକଶିକ୍ଷକ ତାଲିମ ନେଇଥିଲେ।

## ସ୍ୱଚ୍ଛ, ସୁନ୍ଦର ଦେବଗଡ ଅଭିଯାନ



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଜନସାଧାରଣ।

ଦେବଗଡ,୧୬।୧(ଡି.ଏନ.ଏ.)

ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଦେବଗଡ ଅଭିଯାନର ଅଂଶସ୍ୱରୂପ ପ୍ରତ୍ୟେକ ମାସର ତୃତୀୟ ରବିବାରରେ ଜିଲାର ସମସ୍ତ ଅଞ୍ଚଳରେ କରାଯାଉଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମ ଚାଲିଛି। ମାସର ତୃତୀୟ ରବିବାରଠାରୁ ଏହି ଅଭିଯାନର ସ୍ୱଚ୍ଛ ରହିବା ସ୍ୱଚ୍ଛ ରଖିବା ସ୍ଲୋଗାନ ସହ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ପରିକଳ୍ପନାରେ ଆୟୋଜିତ ଏହି ଅଭିଯାନରେ ମୋ ଗାଁର ସ୍ୱଚ୍ଛତା ମୋ ଦାୟିତ୍ୱ ଓ କର୍ତ୍ତବ୍ୟ ମନୋଭାବ ନେଇ ଜିଲାର ବହୁ ସାମାଜିକ ଅନୁଷ୍ଠାନ, କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସରକାରୀ କର୍ମଚାରୀ ସ୍ୱତଃପ୍ରବୃତ୍ତ ଭାବେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ମନ୍ଦିର, ଶିକ୍ଷାନୁଷ୍ଠାନ, କ୍ଲବଘର, କୋଠଘର, ପୋଖରୀ, ଅଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତାଘାଟ, ଖେଳପଡିଆ ଏବଂ ବଜାର ପ୍ରାଙ୍ଗଣ ସଫେଇ କରିଥିଲେ। ଦେବଗଡ ପୌରାଞ୍ଚଳ ସମେତ ଜିଲା ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକର ସମସ୍ତ ୭୦ ପଞ୍ଚାୟତରେ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିଆମାଳ, ବାରକୋଟ ଓ ତିଲେଇବଣି ବ୍ଲକ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ୩ ଜଣ ଏବଂ ଦେବଗଡ ପୌରାଞ୍ଚଳ ନିମନ୍ତେ ଜଣେ ନୋଡାଲ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ୭୦ଟି ଯାକ ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟ ତଦାରଖ ଦାୟିତ୍ୱରେ ୭୦ ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସୂଚନାଯୋଗ୍ୟ ଯେ, ଜିଲାପାଳ ସାମଲ ଦେବଗଡ ଜିଲାକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ପରିକଳ୍ପନା କରିବା ପରେ ଗତ ଅଗଷ୍ଟ ମାସ ତୃତୀୟ ରବିବାର ୧୮ତାରିଖର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ରବିବାର ଜିଲାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ନିଜ ବିଦ୍ୟାଳୟକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଦେବଗଡ ଅଭିଯାନରେ ସାମିଲ କରି ସଫାସୁତୁରା କରିଥିଲେ।

### କୁଲତା ସମାଜ ମହାସଭା ପ୍ରସ୍ତୁତି ବୈଠକ

ଲଖନପୁର,୧୬।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ପିପିଲିକାନୀ ସାତପାଲି ଅଧୀନ ପଦପାଲି ଗ୍ରାମ କଲ୍ୟାଣ ମଣ୍ଡପରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଏହି ବୈଠକକୁ ସମ୍ପାଦକ ଭାଗବତ ସା ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ଗମ୍ଭାରୀପଙ୍କରେ ଆସନ୍ତା ମାସ ୫ରୁ ୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କୁଲତା ଜାତି ମହାସଭା ପାଇଁ ଏଥିରେ ଆଲୋଚନା ହୋଇଥିଲା। ଏଥିରେ କୁଡାଲୋଇ ଉପଗୁଡିର କପିଳ ଭୋଇ, କୁମର ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, କିଶୋର ପ୍ରଧାନ, ବନମାଳୀ ବିଶ୍ୱାଳ, ହୀରାଲାଲ୍ ସା, ଗୌର ପ୍ରଧାନ, ଈଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ





## ଶିବଶକ୍ତି ସେବାୟତ ସଂଘ ଗଠିତ

ସୋନପୁର,୧୬।୨(ନି.ପ୍ର.)

ମା ସୁରେଶ୍ୱରୀ ଦେବୀଙ୍କ ମନ୍ଦିର ଓ ସୁବର୍ଣ୍ଣମେରୁ ଶୈବ ପୀଠର ସେବାୟତମାନଙ୍କୁ ନେଇ ଶନିବାର ଶିବଶକ୍ତି ସେବାୟତ ସଂଘ ଗଠନ କରାଯାଇଛି। ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଗିରି ଗୋବର୍ଦ୍ଧନ ଥନାପତି ଅଧକ୍ଷତା କରିଥିଲେ। ସଂଘ ସଭାପତି ଭାବେ ଲକ୍ଷ୍ମୀ ନାରାୟଣ ଥନାପତି, ଉପସଭାପତି ବିଜ୍ଞାନ ପୂଜାହାରୀ, ଅଚ୍ୟୁତ ପୂଜାହାରୀ, ସମ୍ପାଦକ ଗିରି ଗୋବର୍ଦ୍ଧନ ଥନାପତି, ସହ ସମ୍ପାଦକ ଅଜିତ ଥନାପତି ଓ କୋଷାଧ୍ୟକ୍ଷ ସମରେଶ ଥନାପତି ମନୋନିତ ହୋଇଛନ୍ତି । କାର୍ଯ୍ୟ ନିର୍ବାହୀ କମିଟିରେ ମାନସ ଥନାପତି, ଜଗନ୍ନାଥ ଥନାପତି ଓ ପରାମର୍ଶଦାତା କମିଟିରେ ସୁଧୀର ଥନାପତି, ଫକୀର ମୋହନ ଥନାପତି, ଚତୁରା ନନ୍ଦ ଥନାପତି, କେଦାର ନାଥ ପୂଜାହାରୀ ଓ ପ୍ରଶାନ୍ତ ଥନାପତି ପ୍ରମୁଖ ରହିଛନ୍ତି । ଏହି ସଂଘ ସେବାୟତଙ୍କ ସ୍ୱାର୍ଥ ଓ ମନ୍ଦିରର ସୁପରିଚାଳନା ପାଇଁ କାମ କରିବ ବୋଲି ସୂଚନା ଦିଆଯାଇଛି ।

# ଏପ୍ରିଲ ପ୍ରଥମ ସପ୍ତାହରେ ଶ୍ରୀଜଗନ୍ନାଥ ମହୋତ୍ସବ

ସୋନପୁର,୧୬।୨(ନି.ପ୍ର.)

ସୁବର୍ଣ୍ଣପୁର ସହରରେ ଏପ୍ରିଲ ପ୍ରଥମ ସପ୍ତାହରେ ଆୟୋଜିତ ହେବ ଶ୍ରୀ ଜଗନ୍ନାଥ ମହୋତ୍ସବ। ଏହା ୮ ଦିନ ବ୍ୟାପି ଚାଲିବ। ଶ୍ରୀ ଜଗନ୍ନାଥ ମହୋତ୍ସବ କମିଟି, ସୁବର୍ଣ୍ଣପୁର, ଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱର ଓ ସୁବର୍ଣ୍ଣପୁର-ବଲାଙ୍ଗୀର ବୈଦିକ ବ୍ରାହ୍ମଣ ପରିଷଦ ସହଯୋଗରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ରବିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମହୋତ୍ସବ କମିଟି ସଭାପତି ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜଗନ୍ନାଥ ସଂସ୍କୃତି ପରିଷଦ ଭୁବନେଶ୍ୱରର ଉପସଭାପତି ରବିନାରାୟଣ ମିଶ୍ର, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ସାହୁ ଓ କାର୍ଯ୍ୟକାରୀ କମିଟି ସଭ୍ୟ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ମହୋତ୍ସବ ଆୟୋଜନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହି ଜିଲାରେ ଜଗନ୍ନାଥ ୧୪୪ ବର୍ଷ ପାତାଳି ହୋଇ ଥିବାରୁ ସୁବର୍ଣ୍ଣପୁରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବୋଲି ପରିଷଦର କର୍ମକର୍ତ୍ତା ଅଭିହିତ କରିଥିଲେ। ଏହି ମହୋତ୍ସବରେ ଶ୍ରୀଜଗନ୍ନାଥଙ୍କ ୨୪ ବେଶ, ବିଭିନ୍ନ ବସ୍ତ୍ର, ପ୍ରସାଦ, ଖଜା, ପୁସ୍ତକ ପ୍ରଦର୍ଶନୀ, ଲୀଳାକ୍ଷେତ୍ର ପ୍ରଦର୍ଶନୀ, ନବ କଳେବର ପ୍ରଦର୍ଶନୀ ସହିତ ଯଜ୍ଞ, ସଂକୀର୍ତ୍ତନ୍ୟ, ଭଜନ, ପ୍ରବଚନ, ଆଲୋଚନାଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଜିଲାର ସମସ୍ତ ଜଗନ୍ନାଥ ପୀଠ ଓ ପୀଠର କର୍ମକର୍ତ୍ତାଙ୍କୁ ଏଥିରେ ସାମିଲ କରାଯିବ। ସେହିପରି ଉଦ୍‌ଘାଟନୀ ସମାରୋହ ଅବସରରେ ଏକ ବିଶାଳ କଳସ ଶୋଭାଯାତ୍ରା କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରୁ ବାହାରିବ ଓ ଶଗଡ ଗାଡିରେ ଦାରୁଙ୍କୁ ଶୋଭାଯାତ୍ରାରେ ଅଣାଯିବ ବୋଲି କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି। ଉକ୍ତ ମହୋତ୍ସବରେ ଜଗତଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା ଓ ରାଜ୍ୟପାଳଙ୍କ ସହିତ ଅନ୍ୟ ପ୍ରତିଷ୍ଠିତ ସାଧୁସନ୍ଥ ତଥା ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ଆମନ୍ତ୍ରଣ କରାଯିବ ବୋଲି ସମ୍ପାଦକ ଶ୍ୟାମା ଓଁ ପ୍ରସାଦ ମିଶ୍ର ସୂଚନା ଦେଇଥିଲେ। ପରବର୍ତ୍ତୀ ବୈଠକ ଜଗନ୍ନାଥ ମନ୍ଦିରରେ ଆସନ୍ତା ୨୭ ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି । ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଆର୍ତ୍ତତ୍ରାଣ ବାବୁ, ଡ. ଜ୍ୟୋତିରଞ୍ଜନ ବହିଦାର, ପ୍ରଦୀପ କୁମାର ପୁରୋହିତ, ଡ. ଅନିରୁଦ୍ଧ କୁରୁକୁରିଆ, ଚୌଧୁରୀ ବିଭାର, ମଦନ ମୋହାନ ଦାନୀ, ଶଶାଙ୍କ ଶେଖର ସିଂହଦେଓ, ଦଧିବାବନ ପୂଜାରୀ, ହରିହର ଶତପଥୀ, ଡ. ସନ୍ତୋଷ କୁମାର ପାଢୀ, ନବୀନ କିଶୋର ପାଣିଗ୍ରାହୀ, ଜିତେନ୍ଦ୍ର କୁମାର ପଟ୍ଟନାୟକ, ସୁଧୀର କୁମାର ପଣ୍ଡା, କରମଚାନ୍ଦ ମହାନ୍ତି, ପୁରୁଷୋତ୍ତମ ପାଣିଗ୍ରାହୀ, ରାମ ଗୋପାଳ ପୂଜାହାରୀ, ବେଣୁଧର ପ୍ରଧାନ ଓ ସତ୍ୟନାରାୟଣ ପୂଜାହାରୀ ପ୍ରମୁଖ ଶତାଧିକ ବୁଦ୍ଧିଜୀବୀ ଏହି ବୈଠକରେ ଉପସ୍ଥିତ ଥିଲେ ।



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଜଗନ୍ନାଥ ସଂସ୍କୃତି ପରିଷଦ ଓ ମହୋତ୍ସବ କମିଟିର କର୍ମକର୍ତ୍ତା।

# ସୁବର୍ଣ୍ଣପୁରରେ ଆଦିବାସୀ ଚିତ୍ରଶିଳ୍ପୀ ଶିବିର

ସୋନପୁର,୧୬।୨(ନି.ପ୍ର.)

ଓଡିଶା ଲଳିତ କଳା ଏକାଡେମୀ ଆନୁକୂଲ୍ୟରେ ଆଦିବାସୀ ଚିତ୍ରଶିଳ୍ପୀ ଶିବିର ଏବଂ କଳାକୃତି ଚର୍ଚ୍ଚାଟାଉନ ହଲ ପରିସରରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ତିନି ଦିନ ଧରି ଚାଲିବ। ଏହି ଶିବିରରେ ୧୫ ଜଣ ଆଦିବାସୀ ଚିତ୍ରଶିଳ୍ପୀ ଯୋଗ ଦେଇଛନ୍ତି। ପଦ୍ମଶ୍ରୀ ଚତୁର୍ଭୁଜ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଦିବାସୀ ସମ୍ପ୍ରଦାୟର କଳାକୃତିର ମହାନ ବୋଲି ଡ. ମେହେର ମତ ପ୍ରଦାନ କରିଥିଲେ। ଲଳିତ କଳା ଏକାଡେମୀର କାର୍ଯ୍ୟକାରୀ ସଭ୍ୟ ତଥା ଶିତ୍ରଶିଳ୍ପୀ ଶ୍ୟାମସୁନ୍ଦର ମେହେର ସଭା ପରିଚାଳନା କରିଥିଲେ। ଏଥିରେ ବିଶିଷ୍ଟ ଚିତ୍ରଶିଳ୍ପୀ ସରୋଜ ମହାପାତ୍ର ଓ ସାହିତ୍ୟିକ ଅଧାପକ ସଞ୍ଜିବ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ଶିବିର ପରିଚାଳନାରେ ସହଯୋଗ କରିଥିଲେ ସୋନପୁର ଏ କେ ସ୍କୁଲ ଅଫ ଆର୍ଟ ଏଣ୍ଡ କ୍ରାଫ୍ଟର ମୁଖ୍ୟ ମିନତୀ ମେହେର।




ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

# ସୁବର୍ଣ୍ଣପୁର ଜିଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ସୋନପୁର,୧୬।୨(ନି.ପ୍ର.)

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ୨୦୨୦ କାର୍ଯ୍ୟକ୍ରମ ଅନୁଯାୟୀ ଶନିବାର ସୁବର୍ଣ୍ଣପୁର ଜିଲାର ୬୪-ବୀରମହାରାଜପୁର(ଏସ୍‌ସି) ଏବଂ ୬୫-ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ମତଦାନ କେନ୍ଦ୍ର, ବ୍ଲକ, ତହସିଲ, ଉପଜିଲାପାଳ ଓ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମୋନିଷା ବାନାର୍ଜୀ ସମସ୍ତ ଜାତୀୟ ଓ ଆଞ୍ଚଳିକ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ମାନଙ୍କୁ ୬୪-ବୀରମହାରାଜପୁର ଏବଂ ୬୫-ସୋନପୁର ନିର୍ବାଚନମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ୨୦୨୦ ସହ କମ୍ପ୍ୟୁଟର କରଣ ଭୋଟର ତାଲିକାର ଡିଭିଡି ପ୍ରଦାନ କରିଥିଲେ। ଉକ୍ତ ସଭାରେ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଅଶୋକ କୁମାର ଭୋଇ, ସହାୟକ ଜିଲାପାଳ (ନିର୍ବାଚନ) ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ମୋନିଷା ବାନାର୍ଜୀ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଚୂଡାନ୍ତ ଭୋଟର ତାଲିକା ଓ ଡିଭିଡି ପ୍ରଦାନ କରୁଛନ୍ତି।

# ବିନିକାର ବଦ୍ରିନାରାୟଣଙ୍କୁ ତୃତୀୟ ପୁରସ୍କାର

ସୋନପୁର,୧୬।୨(ନି.ପ୍ର.)

ଓଡିଶା ସରକାରଙ୍କ ଅର୍ଥ ବିଭାଗ ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ ପକ୍ଷରୁ ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏପି ସିରିଜ୍ ପୁରସ୍କାର ବିତରଣ ଉତ୍ସବ ଭୁବନେଶ୍ୱର ରାଜ୍ୟ ଲୋକସେବା ଭବନସ୍ଥିତ ଅର୍ଥମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ବଦ୍ରିନାରାୟଣ ପୂଜାରୀ ତୃତୀୟ

**ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା**

ପୁରସ୍କାର ବାବଦରେ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କଠାରୁ ଗ୍ରହଣ କରିଥିଲେ। ଏହି ଉତ୍ସବରେ ଅର୍ଥ ବିଭାଗର ପ୍ରମୁଖ ସଚିବ ଅଶୋକ ମୀନା, ସ୍ୱତନ୍ତ୍ର ସଚିବ ପ୍ରଦୀପ କୁମାର ବିଶ୍ୱାଳ, ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ରାଉତ, ଯୁଗ୍ମ ଶାସନ ସଚିବ ସତ୍ୟବ୍ରତ ରାଉତ, ଜିଲା ସ୍ୱଳ୍ପ ସଞ୍ଚୟ ସହ ନିର୍ଦ୍ଦେଶକ ଦୀନବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାରେ ପ୍ରଥମ କରି ସୁବର୍ଣ୍ଣପୁର ଜିଲାର ଜଣେ ଭାଗ୍ୟଶାଳୀ ଜମାକାରୀ ପୁରସ୍କାର ପାଇଥିବାରୁ ସମସ୍ତ ସ୍ୱଳ୍ପ ସଞ୍ଚୟ ଜମାକାରୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ପ୍ରକାଶ ପାଇଛି। ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରହିବା। ମିତବ୍ୟୟିତା ଅବଲମ୍ବନ କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଞ୍ଚୟ ମନୋବୃତ୍ତି ସୃଷ୍ଟି ପାଇଁ ଏହି ଯୋଜନା ଏକ ଫଳପ୍ରଦ ମାଧ୍ୟମ ବୋଲି ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ର କହିଛନ୍ତି।



ବିନିକାର ବଦ୍ରି ନାରାୟଣ ପୂଜାରୀଙ୍କୁ ରାଜ୍ୟ ଅର୍ଥମନ୍ତ୍ରୀ ଏପି ସିରିଜ୍ ପୁରସ୍କାର ରାଶି ପ୍ରଦାନ କରୁଛନ୍ତି ।

## ଦୁଇ ଦୋକାନରୁ ଚୋରି

ବିନିକା,୧୬।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ଛକରେ ଥିବା ଦୁଇଟି ପାନ ଦୋକାନରେ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଉଭୟ ଦୋକାନୀ ସୁଜିତ କୁମାର ଦାଶ ଓ ରାଜୁ ମେହେର ରବିବାର ବିନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୁଜିତଙ୍କ ଦୋକାନ କବାଟ ଭାଙ୍ଗି ୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଓ ରାଜୁଙ୍କ ଦୋକାନ ତଳପଟ କାଠପଟ୍ଟା ତାଡି ୩ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦୁର୍ବୃତ୍ତ ଚୋରି ହୋଇଥଇବା ଏତଲାରେ ଦର୍ଶାଯାଇଛି। ଏନେଇ ବିନିକା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ସୁବର୍ଣ୍ଣପୁରରେ ଯାଦୁକରଙ୍କ ଭେଟ୍‌ଘାଟ

ସୋନପୁର,୧୬।୨(ନି.ପ୍ର.)

ସୁବର୍ଣ୍ଣପୁର ସହରରେ ଯାଦୁକରଙ୍କ ଭେଟ୍‌ଘାଟ, ଓଡିଶା ଯାଦୁକରଙ୍କ ମିଳନ ପର୍ବ ଏବଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତି ଭବନ ପରିସରରେ ଶନିବାର ଓ ରବିବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ୬୫ ଜଣ ଯାଦୁଗର ଯୋଗ ଦେଇଥିଲେ। ମଧ୍ୟପ୍ରଦେଶର ଶ୍ୟାମ ଯାଦୁଗର, ଓଡିଶାର କୃଷ୍ଣ ଚନ୍ଦ୍ର ତ୍ରିପାଠୀ ଓ ବାଦ୍‌ଶାହା ଖାନ ଯାଦୁଗର ବିଷୟରେ ଶିକ୍ଷା ଦେଇଥିଲେ। ସେହିପରି ଆର. କେ ହୀରାଲାଲ, ଜୁନିୟର ଭାସ୍କର, ସତ୍ୟବ୍ରତ ଦାଶ, ଯଦୁନାଥ ମିଶ୍ର, କୋଶଳେଶ୍ୱର ଭୋଇ, ବାବୁ ଜେନା ଓ ସଞ୍ଜୟ କୁମାର ସାହୁ ପ୍ରମୁଖ ମ୍ୟାଜିକ୍ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ମ୍ୟାଜିକଗୁଡିକୁ ଉପଭୋଗ କରିଥିଲେ ।




ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଯାଦୁକରଙ୍କ ଭେଟ୍‌ଘାଟରେ ମ୍ୟାଜିକ୍ ପ୍ରଦର୍ଶନ କରାଯାଉଛି ।

## ଗୁଗୁଡ଼ିପାଲି ହେବ ଆଦର୍ଶ ଗ୍ରାମ

ସୋନପୁର,୧୬।୨(ନି.ପ୍ର.)

ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତର ଗୁଗୁଡିପାଲିକୁ ଆଦର୍ଶ ଗ୍ରାମ କରାଯିବ। ଏନେଇ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଗ୍ରାମର ଗାଁ ମୁଣ୍ଡ, ନଳକୂଅ ଓ ଗଳି ରାସ୍ତାରେ କୁଢ କୁଢ ଆବର୍ଜନା ବହୁ ଦିନରୁ ପଡି ରହିଥିଲା। ମାଘମେଳା ସମୟରେ ଏହା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ଆସିଥିଲା । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଆବର୍ଜନା ସଫା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ରବିନ୍ଦ୍ର କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଜେସିବି ମେସିନ ଲଗାଇ ଏହି ଆବର୍ଜନା ସବୁକୁ ସଫା କରାଯାଇଛି। ପରେ ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଆଗକୁ ଗ୍ରାମକୁ ଆଉ ଅପରିଷ୍କାର କରିବେ ନାହିଁ, ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବେ ବୋଲି ଗ୍ରାମବାସୀ ଶପଥ ନେଇଥିଲେ। ଏଥିରେ ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ରଣା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର

ଅମରପାଲି, ୧୬।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂଘା ପଞ୍ଚାୟତର ଡୁମୁରୀ ୟୁପି ସ୍କୁଲରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଏକ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ସବଜଜ୍ ତଥା ତାଲୁକ ଆଇନ ସେବା କମିଟି ସଭାପତି ଅବକାଶ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଇନଜୀବୀ ଶଙ୍କର୍ଷଣ ପଣ୍ଡା, ସନ୍ତୋଷ ଚାନ୍ଦ, ଜତିନ ପାଣିଗ୍ରାହୀ, ପ୍ରଧାନଶିକ୍ଷକ ଗୋପବନ୍ଧୁ ବାଘ, ଏସଆଇ ଦିପ୍ତିରଞ୍ଜନ ଦିଗାଲ ପ୍ରମୁଖ ଯୋଗଦେଇ ଆଇନର ଦିଗ ଉପରେ ଆଲୋଚନା କରିଥିଲେ। ବିଶେଷକରି ମୋଟର ଯାନ ଆଇନ ଓ ସାଇବର କ୍ରାଇମ ଉପରେ ଉପସ୍ଥିତ ଲୋକଙ୍କୁ ସଚେତତନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜିବ ବାରିକ ସହଯୋଗ କରିଥିଲେ ।




ସଚେତନତା ଶିବିରରେ ମଞ୍ଚାସୀନ ଅତିଥିମାନେ।

# 'ଶିକ୍ଷା ସମାଜ ପାଇଁ ଦର୍ପଣ ସଦୃଶ'

ବିନିକା,୧୬।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା-ଫୁଲମୁଠୀ ଭବିଷ୍ୟ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ଶେଖର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗ ଦେଇଥିଲେ । ସେ ତାଙ୍କ ଅଭିଭାଷଣରେ ଶିକ୍ଷା ସମାଜର ଦର୍ପଣ ସଦୃଶ। ଏଣୁ ସାମାଜିକ କୁସଂସ୍କାରର ମୂଳୋତ୍ପାଟନ ପାଇଁ ଶିକ୍ଷା ନିହାତି ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟବକ୍ତା ଶ୍ରୀମନ୍ତିକା ଦାଶ ଯୋଗଦେଇ ଶିକ୍ଷା ଦ୍ୱାରା ସମାଜର ବିକାଶ ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଅଧ୍ୟକ୍ଷ ଶିବ ସୁବୁଦ୍ଧି, ଶିବ ପାତ୍ର, ଭବାନୀ ଶଙ୍କର ମେହେର, ସୁନୀଲ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସାହୁଙ୍କ ଉପସ୍ଥିତିରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ୨୦୧୯-୨୦ରେ ଆୟୋଜିତ ସ୍କୁଲସ୍ତରୀୟ ବିଭିନ୍ନ ପ୍ରତିଯୋଗୀତାରେ ଜୁନିୟର, ସିନିୟର ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଏକାଡେମୀ ମୁଖ୍ୟ ଡଃ ଭବାନୀ ଶଙ୍କର ମେହେର ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଞ୍ଜୀବ ପାତ୍ର ଧନ୍ୟବା ଅର୍ପଣ କରିଥିଲେ ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ମହ୍ଲାର କପ୍ କ୍ରିକେଟ: ଗୌଡ଼ଗାଁ ଚାମ୍ପିୟନ

ଉଲୁଣ୍ଡା, ୧୬।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗଣେଶ୍ୱର କ୍ରିକେଟ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ୨୮ତମ ମହ୍ଲାର କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟି-୧୦ ଫର୍ମାଟରେ ଖେଳାଯାଉଥିବା ଫାଇନାଲ ମ୍ୟାଚରେ ଗୌଡଗାଁ ଦଳ ବଡ଼ିଲାକୁ ୪୧ ରନରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ଗୌଡଗାଁ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମିକି ପଣ୍ଡା ସର୍ବାଧିକ ୩୦ ରନ କରିଥିଲେ। ଏହାର ଜବାବରେ ବଡ଼ିଲା ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ମାତ୍ର ୬୦ ରନ କରି ପରାସ୍ତ ହୋଇଥିଲା । ଏହା ପୂର୍ବରୁ ଖେଳା ଯାଇଥିବା ସେମିଫାଇନାଲ ମ୍ୟାଚଗୁଡିକରେ ଗୌଡଗାଁ ଦଳ ପଞ୍ଚମହଲାକୁ ୧୧ ରନରେ ଏବଂ ବଡ଼ିଲା ଦଳ ତେଲଣ୍ଡା ଦଳକୁ ୧୦ ଉଇକେଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ଖେଳ ସବୁକୁ ବାପୁନ ସେଠୀ ଓ ବନବାସ ଜଗଦଲା ପରିଚାଳନା କରିଥିଲେ। ନବକିଶୋର ସୁରୁଜାଲ ସ୍କୋରିଂ କରିଥିବା ବେଳେ ଜ୍ୟୋତିପ୍ରକାଶ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ ଅନୁଷ୍ଠାନ ଉପସଭାପତି ରାକେଶ ପାଣ୍ଡିଆଙ୍କ ଅଧ୍ୟକ୍ଷତା ଓ ନିତ୍ୟାନନ୍ଦ ପୋଡ଼ଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବକୁ ଅତିଥି ଭାବେ ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ଯୋଗଦେଇ ବିଜୟୀ ଗୌଡଗାଁକୁ ୫ହଜାର ଓ ଉପବିଜେତା ବଡ଼ିଲାକୁ ୩ହଜାର ଟଙ୍କା ନଗଦ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଗୌଡଗାଁର ଶଙ୍କର ପାଣିଗ୍ରାହୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ବଡ଼ିଲାର ବିଷ୍ଣୁ ନାଏକଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ଦିଆଯାଇଥିଲା। ଆଭାତ ଘିବିଲା, ପ୍ରଭାତ ଘିବିଲା, ପ୍ରଭାକର ମହାଲିକ, ପ୍ରଭାତ କୁମ୍ଭାର ଓ ରାଜେଶ ଜାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚରେ ଖେଳାଳିଙ୍କ ଗହଣରେ ଅତିଥିମାନେ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍‌ୱାର୍ଥ

## ସଂକ୍ଷେପରେ...

### ମନମୁଣ୍ଡା ମଣ୍ଡଳ ଭାଜପାର ସାଙ୍ଗଠନିକ ବୈଠକ

ମନମୁଣ୍ଡା, ୧୬।୨ (ଡି.ଏନ.ଏ)
ମନମୁଣ୍ଡା ପୂର୍ତ୍ତ ଡାକବଙ୍ଗଳାରେ ଶନିବାର ସ୍ଥାନୀୟ ମଣ୍ଡଳ ଭାଜପା ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପର୍ଯ୍ୟବେକ୍ଷକ ଭାବେ ଜିଲା ଯୁବ ମୋର୍ଚ୍ଚା ସଭାପତି ସୁଶାନ୍ତ ବାଘ ଯୋଗ ଦେଇଥିଲେ। ୨୧୫ ଜଣ ସକ୍ରିୟ ସଦସ୍ୟ ଥିବା ଏହି ମଣ୍ଡଳରେ ନୂତନ ମଣ୍ଡଳ କମିଟି ଗଠନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା, ସିଏଏ ଏବଂ ଆହୁରି ଅନେକ ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ୨୮ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଭୁବନେଶ୍ୱର ଗସ୍ତ ସଫଳ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। କର୍ମୀ ମୋତିଲାଲ ଡାଙ୍ଗ, ରମେଶ ପ୍ରସାଦ ମିଶ୍ର, ପ୍ରମୋଦ ପଟ୍ଟନାୟକ, ଅଲେଖ ବେହେରା, କୃଷ୍ଣଚନ୍ଦ୍ର ଖଣ୍ଡଗିର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ଶକ୍ତି କେନ୍ଦ୍ର ୱାରି କାର୍ଯ୍ୟକର୍ତ୍ତା ଚୟନ କରାଗଲା। ରାଜ୍ୟ ଶେଷରେ ରମେଶ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



### ରବି ପଣ୍ଡା ଫାଓର ଉପସଭାପତି ନିର୍ବାଚିତ

ବରଗଡ଼ ଅଫିସ୍,୧୬।୨
ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ଉପସଭାପତି ଭାବେ ବରଗଡ଼ର ଆଡ଼ଭୋକେଟ୍ ରବି ପଣ୍ଡା ପୁଣିଥରେ ନିର୍ବାଚିତ ହୋଇଛନ୍ତି। କଟକରେ ଆୟୋଜିତ ଫୁଟବଲ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଫାଓର ଉପସଭାପତି ଭାବେ ତାଙ୍କ ନାମ ଘୋଷଣା କରାଯାଇଥିଲା ଏବଂ ପଣ୍ଡା ଅନ୍ୟ କର୍ମକର୍ତ୍ତାଙ୍କ ସହିତ ପଦଭାର ଗ୍ରହଣ କରିଥିଲେ । ବର୍ତ୍ତମାନ ପଣ୍ଡା ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ, ଜିଲା କ୍ରୀଡ଼ା ସଂସଦର ଇନଡ଼ୋର ଗେମ୍ ସମ୍ପାଦକ ରହିଛନ୍ତି ।

### ଆଧାତ୍ମିକତା ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗିଛି

ବୌଦ୍ଧ,୧୬।୨(ସ୍ୱ.ପ୍ର)
ବର୍ତ୍ତମାନ ଆଧାତ୍ମିକ ଅନୁଷ୍ଠାନ ବୃଦ୍ଧି ପାଉଥିବାବେଳେ ଶାସ୍ତ୍ରାନୁମୋଦିତ ବିଧି ଅନୁସାରେ କାର୍ଯ୍ୟକ୍ରମ ହେଉନାହିଁ। ଫଳରେ ଆଧାତ୍ମିକତା ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗିଛି ବୋଲି ବାବା ବଳିଆ ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ମତପ୍ରକାଶ କରିଛନ୍ତି। ବିଭିନ୍ନ ଗ୍ରାମରେ ରାମାୟଣ, ଭାଗବତ, ସୁନ୍ଦରକାଣ୍ଡ, ଅଷ୍ଟପ୍ରହର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବିଷୟବସ୍ତୁ ଉପରେ ପ୍ରାଧାନ୍ୟ ନ ଦେଇ ଅଭିନୟ ଓ ନୃତ୍ୟ ଉପରେ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ର, ଶଙ୍କର ପୁରୋହିତ, ସନତ କୁମାର ମିଶ୍ର, ବିଶ୍ୱମ୍ଭର ମିଶ୍ର, କିରଣ କୁମାର ଦାଶ, ସୁନୀତା ମିଶ୍ର, ସୁକ୍ତା ପ୍ରଧାନ, ହୃଷିକେଶ ପ୍ରଧାନ, ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପୁରୁଣା ମୁଖ୍ୟ ଡାକ୍ତରଖାନା ପରିସରରେ ବରଗଡ଼ ହସ୍ପିଟାଲ ବଞ୍ଚାଅ ଅଭିଯାନର ସଭା ।




ବରଗଡ଼ ହସ୍ପିଟାଲ ବଞ୍ଚାଅ ଅଭିଯାନ ପକ୍ଷରୁ ଶୋଭାଯାତ୍ରା ।

# ଆନ୍ଦୋଳନମୁହାଁ ସହରବାସୀ

- ପ୍ରତିଶ୍ରୁତି ଦେଇ ଭୁଲିଗଲେ ସରକାର
- ଅର୍ବାନ ସିଏଚ୍‌ସି ବିଜ୍ଞପ୍ତି ପ୍ରକାଶ ପାଇଁ ଦାବି
- ମହମବତି ଶୋଭାଯାତ୍ରାରେ ବାହାରିଲେ ଜନତା
- ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜାରି

ବରଗଡ଼ ଅଫିସ୍,୧୬।୨

ବରଗଡ଼ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇ ପୁଣି ଏଠାରେ ଅସନ୍ତୋଷ ପ୍ରକାଶ ପାଇଛି । ଦୁଇ ସପ୍ତାହର ନିରବତା ପରେ ସ୍ଥାନୀୟ ଲୋକମାନେ ରବିବାର ସନ୍ଧ୍ୟାରେ ହସପିଟାଲ ପ୍ରସଙ୍ଗକୁ ନେଇ ଶୋଭାଯାତ୍ରା କରିଛନ୍ତି । ବରଗଡ଼ ହସପିଟାଲ ବଞ୍ଚାଅ ଅଭିଯାନର ଆହ୍ୱାନରେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଶତାଧିକ ମହିଳାପୁରୁଷ ଏକାଠି ହେବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଚାଷୀନେତା ଲିଙ୍ଗରାଜ, ଭବାନୀ ପ୍ରସାଦ ସାହୁ, ପବିତ୍ର ଦେହେରୀ, ସୁଶୀଲ ସାହୁ, ଲକ୍ଷ୍ମଣ ସୁନା ପ୍ରମୁଖ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଗତ ୫ତାରିଖରୁ ମୁଖ୍ୟମନ୍ତ୍ରୀ ଉକ୍ତ ପୁରୁଣା ଜଲା ମୁଖ୍ୟ ଡାକ୍ତରଖାନାରୁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ଅର୍ବାନ୍ ସିଏଚସି) ଘୋଷଣା କରିସାରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସେ ସମ୍ପର୍କିତ କୌଣସି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ଯୋଗୁ ବରଗଡ଼ ସହରର ଜନତା ଏହାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି । ସେହିପରି ଅର୍ବାନ୍ ସିଏଚସି ମୁତାବକ ସମସ୍ତ ସ୍ୱାସ୍ଥ୍ୟସେବା ମଧ୍ୟ ବର୍ତ୍ତମାନ ସୁଦ୍ଧା ଏଠାରେ ଉପଲବ୍ଧ ହୋଇ ନ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସହରରେ ପୁଣି ଅସନ୍ତୋଷ ପ୍ରକାଶ ପାଇଛି । ଏହି କ୍ରମରେ ବରଗଡ଼ ହସପିଟାଲ ବଞ୍ଚାଅ ଅଭିଯାନରେ ସହରର ଶତାଧିକ ମହିଳାପୁରୁଷ ମହମବତୀ ଶୋଭାଯାତ୍ରା କରିଥିଲେ। ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ସ୍ଥାନୀୟ ଗାନ୍ଧୀଛକକୁ ପହଞ୍ଚିଥିଲା। ତେବେ ରାଜ୍ୟ ସରକାର ତାଙ୍କ ଘୋଷଣା ଅନୁଯାୟୀ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଅର୍ବାନ ସିଏଚସି ଭାବେ ପରିଣତ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ଏବଂ ସମସ୍ତ ସ୍ୱାସ୍ଥ୍ୟସେବା, ଆବଶ୍ୟକ ଡାକ୍ତର ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ଏଭଳି ମହମବତୀ ଶୋଭାଯାତ୍ରା ଜାରି ରହିବ ବୋଲି ବରଗଡ଼ ହସପିଟାଲ ବଞ୍ଚାଅ ଅଭିଯାନ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଗତ ମାସ ୨୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରଠାରୁ ପ୍ରାୟ ୮କି.ମି ଦୂର ଭଟଲି ବ୍ଲକ ଟୁକୁର୍ଲା(ଖେଦାପାଲି)ରେ ନିର୍ମିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଗତ ମାସ ୩୧ତାରିଖରୁ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରୁ ବହିର୍ବିଭାଗ, ଅନ୍ତର୍ବିଭାଗ ସ୍ୱାସ୍ଥ୍ୟସେବାକୁ ବନ୍ଦ ସହିତ ସେଠାରେ ତାଲା ପକାଇ ଦିଆଯାଇଥିଲା। ଏହାର ପ୍ରତିବାଦରେ ଗତ ୧ତାରିଖରୁ ସହରରେ ଜନଆନ୍ଦୋଳନ ତୀବ୍ର ହୋଇଥିଲା। ବରଗଡ଼ ସହର ବନ୍ଦ ସହିତ ପୁରୁଣା ଡାକ୍ତରଖାନା, ଥାନା ସମ୍ମୁଖରେ ଧାରଣା, ବିଧାୟକଙ୍କ ଘର ସମ୍ମୁଖରେ ବିକ୍ଷୋଭ ସହିତ ଉତ୍ତ୍ୟକ୍ତ ଲୋକେ ଡାକ୍ତରଖାନା ପରିସରରେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଘେରିଥିଲେ । ଏହାପରେ ରାଜ୍ୟ ସରକାର ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚସି) ଘୋଷଣା କରିଥିଲେ ହେଁ ଆନ୍ଦୋଳନ ଥମି ନ ଥିଲା। ଜନଆନ୍ଦୋଳନ ଚାପରେ ଗତ ୫ତାରିଖରେ ମୁଖ୍ୟମନ୍ତ୍ରୀ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଅର୍ବାନ ସିଏଚସି ଘୋଷଣା କରିଥିଲେ। ଏ ନେଇ ଗତ ୬ତାରିଖରେ ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ଆଚାର୍ଯ୍ୟ ମଧ୍ୟ ସୂଚନା ଦେଇଥିଲେ। ମାତ୍ର ଖବରଦାତା ସମ୍ମିଳନୀରେ ବିଧାୟକ ଆଚାର୍ଯ୍ୟ ଦେଇଥିବା ସୂଚନା ମୁତାବକ ଉକ୍ତ ଡାକ୍ତରଖାନାରେ ଏପର୍ଯ୍ୟନ୍ତ ବିଶେଷଜ୍ଞ, ଡାକ୍ତର କିମ୍ବା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଅବସ୍ଥାପିତ କରାଯାଇ ନାହିଁ କି ଅର୍ବାନ ସିଏଚସି ନେଇ ସରକାରୀ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇନାହିଁ । ଫଳରେ ସହରବାସୀ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ଥିବା ଲିଙ୍ଗରାଜ କହିଛନ୍ତି ।

## ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ

ଜହ୍ନାପଙ୍କ, ୧୬।୨ (ଡି.ଏନ.ଏ)

ବୌଦ୍ଧ- ସୋନପୁର ମୁଖ୍ୟରାସ୍ତାର ଖୁଣ୍ଟବନ୍ଧ ଛକରେ ଥିବା ଯାତ୍ରୀ ବିଶ୍ରାମାଗାର ଏବେ ବିପଦସଙ୍କୁଳ ହୋଇପଡିଛି । ଫଳରେ ଏଠାକୁ ବସ୍ ଅପେକ୍ଷାରେ ଆଶ୍ରୟ ନେବାକୁ ଆସୁଥିବା ଶତାଧିକ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରାୟ ୧୫ ବର୍ଷ ତଳେ ୩୦ ହଜାର ଟଙ୍କାରେ ଏହା ନିର୍ମାଣ ହୋଇଥିଲା। ଏବେ ଏହା ବିପଦସଙ୍କୁଳ ହୋଇଥିବାରୁ ଯାତ୍ରୀ ସେଠାକୁ ଯିବା ପାଇଁ ଭୟ କରୁଛନ୍ତି । ସାମାନ୍ୟ ବର୍ଷା ହେଲେ ପାଣି ଗଳିବା ସହିତ କାନ୍ଥ ଗୁଡିକ ଫାଟି ଆଁ କଲାଣି । ଫଳରେ ଯାତ୍ରୀମାନେ ଖରା, ବର୍ଷା, ଶୀତ କାକରରେ ଖୋଲା ଆକାଶ ତଳେ ବସ୍‌କୁ ଅପେକ୍ଷା କରିବାକୁ ବାଧ ହେଉଛନ୍ତି । ଅଞ୍ଚଳବାସୀ ନୂତନ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ଦୀର୍ଘଦିନରୁ ଦାବି କରି ଆସୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯଥାଶୀଘ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।



ବିପଦସଙ୍କୁଳ ଯାତ୍ରୀ ବିଶ୍ରାମାଗାର ।

## ଶିକ୍ଷା, ସଂସ୍କାର ଯାଦବ ସମାଜକୁ ବିକଶିତ କରିବ

କାମଟିକ୍ରା, ୧୬।୨ (ଡି.ଏନ.ଏ)

ଇତିହାସରେ ଯାଦବ ସମ୍ପ୍ରଦାୟର ଗୌରବଗାଥା ବଖାଣ ରହିଛି । ଆଜି ଏ ଜାତି ତାର ହୃତ ଗୌରବକୁ ପୁଣି ଫେରାଇ ଆଣିବାକୁ ହେବ । ଏଥିପାଇଁ ଶିକ୍ଷା, ସଂସ୍କାର ଉପରେ ଗୁରୁତ୍ୱ ଦେବା ସହିତ ଜାତିର ଉନ୍ନତି ପାଇଁ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂରେଇ ଦେବାକୁ ହେବ ବୋଲି ରେଙ୍ଗାଲି କ୍ୟାମ୍ପରେ ଆୟୋଜିତ ବ୍ଲକସ୍ତରୀୟ ଯାଦବ ମହାସମ୍ମିଳନୀ ଓ ବାର୍ଷିକ ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବରଗଡ ଜିଲା ଯାଦବ ମହାସଭା ସଭାପତି ଲମ୍ବୋଦର ମଲ୍ଲିକ ଏହା କହିଛନ୍ତି । ସମାଜରେ ପରିବର୍ତ୍ତନ ପାଇଁ ଯାଦବମାନେ ନେତୃତ୍ୱ ନେବାର ସମୟ ଆସିଛି। ଏଥିପାଇଁ ସମାଜରେ ପ୍ରତିଷ୍ଠିତ ଜାତି ଭାଇମାନେ ଆଗେଇ ଆସିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ଅତାବିରା ବ୍ଲକ ଯାଦବ ସାଂସ୍କୃତିକ ସମାଜ ପକ୍ଷରୁ ଆୟୋଜିତ ଏହି ବାର୍ଷିକ ଅଧିବେଶନରେ ଅର୍ଜୁନ ଦୀପ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତାବିରା ଏନଏସି ଯାଦବ ସଭାପତି ଦଶରଥ ବାଗ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ ଶୃଙ୍ଖଳିତ ସମାଜ, ଶିକ୍ଷା, ବୃତ୍ତି ଓ ଆଇନ ସମାଜ ଗଠନରେ ନାରୀର ଭୂମିକା, ଲୋକକଳା, ସଂସ୍କୃତି ଓ ପରମ୍ପରା, ସାମାଜିକ ଏକତା ଓ ଭାତୃତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହା ବ୍ୟତୀତ ଅତାବିରାଠାରେ ରାଧାକୃଷ୍ଣ ମନ୍ଦିର ନିର୍ମାଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବ୍ଲକ ସମ୍ପାଦକ ସୁରେନ୍ଦ୍ର କଠାର, ମୋହନ କଠାର, ଦୁଃଖବନ୍ଧୁ ରାଉତ, ପୂର୍ଣ୍ଣଚନ୍ଦ୍ର ସାଲମା, ଅର୍ଜୁନ ଭୁଏ, ଗଜରାଜ ଭୁଏ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ପଦ୍ମଲୋଚନ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।



ବାର୍ଷିକ ଅଧିବେଶନରେ ଉପସ୍ଥିତ ଯାଦବ ସମାଜର କର୍ମକର୍ତ୍ତା ।

## ନାଗରିକ ଅଧିନିୟମକୁ ନେଇ ପୋଷ୍ଟକାର୍ଡ ଅଭିଯାନ

ଘଣ୍ଟାପଡା, ୧୬।୨ (ଡି.ଏନ.ଏ)

ନାଗରିକ ଅଧିନିୟମକୁ ସମର୍ଥନ ଜଣାଇ କଣ୍ଟାମାଳ ବ୍ଲକ ଘଣ୍ଟାପଡାଠାରେ ଶନିବାର ଏକ ସଚେତନତା ସଭା କରାଯାଇଥିଲା। ଶଙ୍କର୍ଷଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଅଧିନିୟମ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇବା ସହ ଏହି ବିଲକୁ ସମର୍ଥ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା । ଏହି ଅବସରରେ ସାଧାରଣ ଜନତା ପ୍ରଧାନମନ୍ତ୍ରୀଙ୍କ ପାଖକୁ ପୋଷ୍ଟକାର୍ଡ ମାଧମରେ ଲିଖିତ ସମର୍ଥନ ଜଣାଇଥିଲେ। ଏଥିରେ ଗିରିଧର ଦେହୁରୀ, ରାଜେନ୍ଦ୍ର ପାଣିଗ୍ରାହୀ, ଧ୍ରୁବ ଦେହୁରୀ, ବାସୁଦେବ ମଲିକ, ତପନ ମହଲା, ଦିଲୀପ ଚୌହାନ, ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି ପ୍ରମୁଖ ସାମିଲ ହୋଇଥିଲେ ।

## ଜୟ ହନୁମାନ, ବିକାଶ କ୍ରିକେଟ କ୍ଲବ ବିଜୟୀ

ବରଗଡ଼ ଅଫିସ୍,୧୬।୨

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବରଗଡ଼ରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃକ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ଚତୁର୍ଥ ଦିବସ ରବିବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ଜୟ ହନୁମାନ ଆଥଲେଟିକ କ୍ଲବ ଏବଂ ବିକାଶ କ୍ରିକେଟ କ୍ଲବ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ବରଗଡ଼ ପଞ୍ଚାୟତ କଲେଜ କ୍ରିକେଟ କ୍ଲବ ଏବଂ ଜୟ ହନୁମାନ ଆଥଲେଟିକ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପଞ୍ଚାୟତ କଲେଜ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫୦ ଓଭରରେ ୯ଉଇକେଟ୍ ହରାଇ ୩୫୦ରନ୍ ସଂଗ୍ରହ କରିଥିଲା। ଦଳର ଦେବାନନ୍ଦ ବାଗ ୫୯, ପ୍ରଶାନ୍ତ ମେହେର ୪୪, ଭେଙ୍କଟେଶ୍ୱର ୪୧ ଏବଂ ମନିଷ ଜୟସ୍ୱାଲ ୪୦ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଜୟ ହନୁମାନ କ୍ଲବର ସହଦେବ ଭୋଇ ୭୧, ଆନନ୍ଦ ମହାନନ୍ଦ ୫୯ରନ ବିନିମୟରେ ୩ଟି ଲେଖାଏଁ ଏବଂ ପୁରନଚାନ୍ଦ ୫୪ରନ ବିନିମୟରେ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଜୟ ହନୁମାନ କ୍ରିକେଟ କ୍ଲବ ଅମନ ଭୋଇଙ୍କ ୯୮, ରାଜେଶ ଭୁଏଙ୍କ ୬୮, ବେଲାଳସେନ ପ୍ରଧାନଙ୍କ ୮୭ ଏବଂ ନୂତନ ଭୋଇଙ୍କ ୨୩ରନ ସହାୟତାରେ ବିଜୟ ଲକ୍ଷ୍ୟ ପୂରଣ ସହିତ ମ୍ୟାଚ୍‌କୁ ଜିତି ନେଇଥିଲା। ପଞ୍ଚାୟତ କଲେଜର ଦେବାନନ୍ଦ ବାଗ ୮୫ରନ ବିନିମୟରେ ୩, ରାମ ବେରିୱାଲ ୫୫ରନ ବିନିମୟରେ ୨ ଏବଂ ଆଜାଦ ନାୟକ ୫୮ରନ ବିନିମୟରେ ୨ଟି ଉଇକେଟ୍ ନେଇଥିଲେ ।

ସେହିପରି ବିକାଶ ଖେଳ ପଡ଼ିଆରେ ବିକାଶ କ୍ରିକେଟ କ୍ଲବ ଏବଂ ଲରମ୍ଭା କଲେଜ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଲରମ୍ଭା କଲେଜ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ସମସ୍ତ ଉଇକେଟ୍ ହରାଇ ୧୮୭ରନ ସଂଗ୍ରହ କରିଥିଲା । ଦଳର ସୌରଭ ନାୟକ ୧୨୪ବଲରେ ୧୩୧ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବିକାଶ କ୍ରିକେଟ କ୍ଲବର ରିତିକ ଜୈନ ୩୪ ଓ ପ୍ରଶାନ୍ତ ୨୭ରନ ବିନିମୟରେ ୩ଟି ଲେଖାଏଁ ଉଇକେଟ ନେଇଥିବା ବେଳେ ନିଖିଳ ପାଢ଼ୀ ୩୪ରନ ବିନିମୟରେ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ବିକାଶ କ୍ରିକେଟ କ୍ଲବ ୯ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ପୂରଣ ସହିତ ମ୍ୟାଚ୍‌କୁ ଜିତି ନେଇଥିଲା। ଦଳର ନିଖିଳ ପାଢ଼ୀ ୫୦, ରମେଶ ଚୌହାନ ୩୦ ଏବଂ ଦୀପକ ବେହେରା ୨୯ରନ ସଂଗ୍ରହ କରିଥିଲେ।

## ଶିକ୍ଷାବିତ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭେଡ଼େନ,୧୬।୨(ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବୁର୍ଦ୍ଧା ଗ୍ରାମର ଶିକ୍ଷାବିତ୍ ତଥା ବିଶିଷ୍ଟ ପ୍ରାଜ୍ଞ ସ୍ୱର୍ଗତ ହୃଷିକେଶ ପଣ୍ଡାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରବିବାର ବୁର୍ଦ୍ଧା ଗ୍ରାମରେ ଉନ୍ମୋଚିତ ହୋଇଛି। ସ୍ୱର୍ଗତ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରବିବାର ତିଳତର୍ପଣ ପରେ ନାମ ସଂକୀର୍ତ୍ତନ ସହ ପ୍ରତିମୂର୍ତ୍ତିକୁ ଗୁରୁଭ୍ରାତା ବ୍ରଜେନ୍ଦ୍ର ପଣ୍ଡା ଉନ୍ମୋଚନ କରିଥିଲେ। ଏହି ଅବସରରେ ଲମ୍ବୋଦର ହୋତାଙ୍କ ସଭାପତିତ୍ୱ ତଥା ଡ଼. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ସଂଯୋଜନାରେ ହୋଇଥିବା ସ୍ମୃତିସଭାରେ ଡ଼. ସୁଦର୍ଶନ ପୂଜାରୀ, ଡ଼. ବ୍ରଜେନ୍ଦ୍ର ପଣ୍ଡା ଏବଂ ବକ୍ତା ଭାବେ ଅଶୋକ ପୂଜାହାରୀ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଏହାସହ ଡ଼. ସୁରେନ୍ଦ୍ର ପ୍ରସାଦ ପଣ୍ଡା, ପଞ୍ଚାନନ ପୂଜାରୀ, ଅବସରପ୍ରାପ୍ତ ଶିକ୍ଷକ ହରିନାରାୟଣ ମେହେର, ଡ଼. ପଦ୍ମନାଭ ଯୋଶୀ ଏବଂ ଅନ୍ୟମାନେ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଜୟନ୍ତ କୁମାର ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମୃତିପୁସ୍ତିକା ଓ ଅଙ୍ଗରାଗ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସଭାରେ ବୁର୍ଦ୍ଧା ଗ୍ରାମବାସୀଙ୍କ ସମେତ ବହୁ ଶିକ୍ଷାବିତ, ପୂର୍ବତନ ଛାତ୍ର ଉପସ୍ଥିତ ଥିଲେ।



ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

# ସମାଜରୁ ହଜି ଯାଉଛେ ଘୁବୁକୁଡୁ ନାଚ୍‌ଗାନା

କାମଟିକ୍ରା, ୧୬।୨ (ଡି.ଏନ୍.ଏ.)

କଳା, ସଂସ୍କୃତି, ପରମ୍ପରାକେ ନେଇ ପଶ୍ଚିମ ଓଡ଼ିଶା ଦେଶ୍, ବିଦେଶରେ ନିଜର ଗୁଟେ ଖାସ୍ ପରିଚଏ ସୁରୁଷ୍ଟି କରିପାରିଛେ। ହେଲେ ଇ ଆଧୁନିକ୍ ଯୁଗ୍‌ର ବିକାଶ ଧାରାରେ ପଶ୍ଚିମ ଓଡ଼ିଶାର ଅନେକ ପୁରାତନ କଳା, ସଂସ୍କୃତି ଦିନୁଦିନ୍‌କେ ଲୋପ୍ ପାଏବାକେ ବସୁଛେ। ବଛର ୨୦ରୁ ୩୦ଟା ତଲେ ଗାଁଗଁଲି, ସରହରମାନକେ ଯେନ୍ କଳା, ସଂସ୍କୃତି, ପରମ୍ପରା, ଜାନିଯାତ୍‌ରା ଦେଖିବାକେ ମିଳୁଥିଲା ଆଏଜ୍‌କାଲି ସେଟା କାଁ ଭାଁ ଦେଖିବାକେ ମିଳୁଛେ। ସରକାରୀ ପୋରଛାହନ୍, ସଚେତନତା ଅଭାବୁ ଅନେକ ପୁରାତନ କଳା, ସଂସ୍କୃତି ସମାଜରୁ ଉଭିଗଲାନ। ସେନ୍‌ତା ଶବର ସଂସ୍କୃତିର ଘୁବୁକୁଡୁ ନାଚ୍‌ଗାନାଟା ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ସଂଗେ ଯୁଡ଼ି ହେଇ ରହିଛେ। ଆଘ ଗାଁଖୁଲିରେ ଲୋକ୍ ଇ ଘୁଡ଼କା ନାଚ୍‌ଗାନା ଦେଖିବାକେ ଠୋଲ ହେଉଥିଲେ। ହେଲେ ଆଏଜ୍‌କାଲି କାଁ ଭାଁ କେନ୍ ତରେଠୁଟେ ଇ କଳା, ସଂସ୍କୃତି ଦେଖିବାକେ ମିଳୁଛେ। ଘୁଡ଼କା ବାଜନାଟା ଘୁବୁକୁଡୁ, କିସମୀ ଆର ଧୁଁଦୁକୁଡୁ ହିସାବେ ତିନ୍ ଭାଗରେ ଭାଗ ହେଇଛେ। ପୁରାନ କଥା ହିସାବେ ଶବରର ଶର ଆଘାତରେ ଭଗବାନ ଶ୍ରୀକୃଷ୍ଣଙ୍କର ମୁର୍‌ତୁ ହେଇଥିଲା। ସେଥିରଲାଗି ସେମାନେ ଭଗବାନଙ୍କର ନାଁ ନେଇ ଅଭିଶାପ୍‌ରୁ ମୁକ୍‌ତି ପାଏବାର ଲାଗି ଘୁଡ଼କା ବଜେଇ ଲୁକ୍‌କର ମନୋରଂଜନ କରୁଥିବାର ଲୋକ୍ କଥା ରହିଛେ। ଇତାକେ ଘୁବୁକୁଡୁ ବଲି କହାଯାଏସି। ସେନ୍‌ତା ଆଏଜ୍‌କାଲି ମଁଚାନ୍‌ମାନକେ ଘୁଡ଼କା ନାଚ୍ ପଦରଶିତ୍ ହେଉଛେ। ଇଥିରେ ପିଲା ଟୁକେଲ ଘୁଡ଼କା ବାଜନା ଆର ଗୀତ୍‌ର ତାଲେ ତାଲେ ନାଚ୍ ପଦରଶନ୍ କରସନ୍। ଇତାକେ ଆଏଜ୍‌କାଲି କିସମୀ ବଲି କୁହାଯାଉଛେ। ସେନ୍‌ତା ଧୁଁଦୁକୁଡୁମାନେ କୁଟୁମବସିଆ ଗାଁ ଗାଁ ବୁଲି ଗାଁଖୁଲିମାନକେ ନାଚ୍, ଗାନା ସଂଗେ ଖେଲ ଦେଖାସନ। ସେମାନେ ଘୁଡ଼କା ବଜେଇ ନାନା ମଜାକିଆ କଥା କହି ଲୁକ୍‌କର ମନ୍‌ମୁହିବାର ସଂଗେ ଗାଁଖୁଲିରେ ଗାତ୍ କୁଡ଼ି ସେଥିରେ ନିଜର ମୁଡ଼ ତୁପ୍‌ସନ। ଇମାନକୁ କେତେ ଜାଗାରେ ମୁଡ଼ତୁପା ବଲି ବି କୁହାଯାଏସି। ହେଲେ ଆଏଜ୍‌କାଲି ଘୁଡ଼କା ବଜାଟା ଖାଲି ଉଛବ୍, ମହୋଛବ୍‌ମାନକେ ମଁଚାନ୍ ଉପରେ ଦେଖିବାକେ ମିଳୁଛେ। ଘୁଡ଼କାଟା ପଶ୍ଚିମ ଓଡ଼ିଶାର ଶବର କଳା, ସଂସ୍କୃତି ସଂଗେ ଜଡ଼ିତ ହେଇ ରହିଛେ। ଇ କଳାକେ ବଁଚେଇ ରଖବାକେ ସରକାରୀ ପୋରଛାହନ୍ ସଂଗେ ଗବେଷନାର ଦରକାର ରହିଛେ।



କଳାକାର ଘୁଡ଼କା ବଜେଇ ଲୁକ୍‌କର ମନୋରଂଜନ କରୁଛନ୍।

### ଇମାନେ ଯାହା କହିଛନ୍....

"ମୁଇଁ ଶବର ସମାଜର। ଗାଁ ଗାଁ ବୁଲି ଘୁଡ଼କା ବଜେଇ ଲୁକ୍‌କର ମନୋରଂଜନ କରି ଦୁଇ ପଏସା ରୁଜ୍‌ଗାର କରୁଛେଁ। ସେଥିରେ ମୋର କୁଟୁମ୍ ପୁଷୁଛେଁ।
-**ମିନକେତନ ଶବର,** ଘୁଡ଼କା ବାଦକ୍

"ଆଏଜ୍‌କାଲି ଲୋକମହୋଛବ୍ ମାନ୍‌କେ ଘୁଡ଼କା ନାଚ୍, ଗାନା ଦେଖିବାକେ ମିଳୁଛେ। ଆଘର ଲେଖେଁ ଗାଁଗଁଲିରେ ଦେଖିବାକେ ନାଇଁ ମିଳବାର। ଇ କଳା, ସଂସ୍କୃତିକେ ବଁଚେଇ ରଖବାର ଲାଗି ସରକାର ପୋରଛାହନ୍ ଯୁଗେଇ ଦେବାର କଥା
-**ସୀତାରାମ ବନଛୁର,** ସାମାଜିକ କରମୀ।



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।
- ସନ୍ଥ କବୀର ଦାସ



## ସଂକ୍ଷେପରେ...



### ଏନଟିଏସ୍‌ଇରେ ବିକାଶ ଛାତ୍ରଙ୍କ କୃତିତ୍ୱ

ବରଗଡ଼ ଅଫିସ୍,୧୬।୨

ରାଜ୍ୟସ୍ତରୀୟ ଏନଟିଏସଇ ୨୦୧୯-୨୦ର ପ୍ରଥମ ଲେଭେଲରେ ବିକାଶ ଆବାସିକ ସ୍କୁଲ, ବରଗଡ଼ର ଦଶମ ଶ୍ରେଣୀ ଛାତ୍ର ସାତ୍ତ୍ୱିକ ସଂକଳ୍ପ ଖମାରୀ କୃତିତ୍ୱ ଅର୍ଜନ କରି ଦ୍ୱିତୀୟ ଲେଭଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ତାଙ୍କର ଏହି କୃତିତ୍ୱ ଯୋଗୁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ବିକାଶରେ ଚାଲିଥିବା ଆଇଆଇଟି ଅଲିମ୍ପିଆଡ୍ ଏକାଡ଼େମୀର ପ୍ରୟାସ ଏବଂ ଏନଟିଏସଇର ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା ପାଇଁ ସ୍କୁଲର ସେକେଣ୍ଡାରୀର ଶିକ୍ଷୟିତ୍ରୀ, ଶିକ୍ଷକ ତଥା ସାତ୍ତ୍ୱିକ ସଂକଳ୍ପଙ୍କୁ ପ୍ରଶଂସା କରିଛନ୍ତି । ଏହା ସହିତ ସାତ୍ତ୍ୱିକଙ୍କ ମା' ମୋନାଲିସା ଏବଂ ବାପା ଦିଲୀପଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି । ବିକାଶ ଗ୍ରୁପ୍‌ର ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକାଡ଼େମିକ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସେକେଣ୍ଡାରୀ) ମନୋରଞ୍ଜନ ପତି, ଉପାଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି ପ୍ରମୁଖ ମଧ୍ୟ ସାତ୍ତ୍ୱିକ ସଂକଳ୍ପଙ୍କ କୃତିତ୍ୱକୁ ପ୍ରଶଂସା କରିବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବାର୍ଷିକୋତ୍ସବ ଦ୍ୱାରା ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୁଏ

ବୌଦ୍ଧ,୧୬।୨(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବିରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ହରଭଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ବାର୍ଷିକୋତ୍ସବ ପାଳନ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ସନାତନ ଗାଆଁଣ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିଶୁମାନେ ନିଜେ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ସହିତ ପିତାମାତାମାନେ ନିଜ ଶିଶୁକୁ ଉତ୍ତମ ମଣିଷ ଭାବେ ଗଢି




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

ତୋଳିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବରାଜ ପ୍ରଧାନ, ସିଆରସିସି ମହାଦେବ ସାହୁ, ଅବସରପ୍ରାପ୍ତ ଖେଳ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାକୁଡ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟିରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିତମ୍ବିନୀ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ଅର୍ଜୁନ କହଁର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ନରେନ୍ଦ୍ର କୁମାର ସାହୁଙ୍କୁ ଆଲୁମିନି କମିଟି ସଭାପତି ଭାବେ ମନୋନିତ କରାଯାଇଥିଲା। ଶିକ୍ଷକ ଗୋପବନ୍ଧୁ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ସୁଧାଂଶୁ ରଣା ଉତ୍ସବରେ ଅଧ୍ୟକ୍ଷତା କରି ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତ ଅଭିଭାବକଙ୍କ ସହଯୋଗ କାମନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।

## ଉଡ଼ୁଙ୍ଗ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭବାନୀପାଟଣା,୧୬।୨ (ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଉଡ଼ୁଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ନାରାୟଣ ନିଆଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶଗଡା ସରପଞ୍ଚ ରକ୍ମିଣୀ ମାଝି, ମୁଖ୍ୟବକ୍ତା ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ, ସମ୍ମାନିତ ଅତିଥି ଏବିଇଓ ଠାକୁର ସାହୁ, ୱାର୍ଡ ସଭ୍ୟ ଧନୁର୍ଯ୍ୟ ସାହୁ, ଅଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଧନଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କବି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଟ୍ରେଡ ରିଟେଲ ଛାତ୍ରୀଙ୍କ ଇଣ୍ଡଷ୍ଟ୍ରି ପରିଦର୍ଶନ

କର୍ଲାମୁଣ୍ଡା,୧୬।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଅଧ୍ୟୟନ ରତ ଧନ୍ଦାମୂଳକ ଶିକ୍ଷା (ଟ୍ରେଡ ରିଟେଲ) ୩୬ ଜଣ ଛାତ୍ରୀମାନେ ଶନିବାର ଇଣ୍ଡଷ୍ଟ୍ରି ପରିଦର୍ଶନ କରିଛନ୍ତି । ଏଥିରେ ଧନ୍ଦାମୂଳକ ଶିକ୍ଷା ଟ୍ରେନର ନୃପରାଜ ସାହୁ, ଖେଳ ଶିକ୍ଷକ କୃପାସିନ୍ଧୁ ପୁଟେଲଙ୍କ ନେତୃତ୍ୱରେ ନିକଟସ୍ଥ ଦେଉଳଗୁଡି ଛକରେ ରାଜକୁମାର ଅଗ୍ରୱାଲଙ୍କ କିରାନାଷ୍ଟୋର ଓ ଦିନେଶ ହାଡୱେର ଷ୍ଟୋରକୁ ପରିଦର୍ଶନ କରି ବ୍ୟବସାୟର 'ପଦ୍ଧତି' ଲାଭକ୍ଷତି ଉପରେ ଶିଖିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ବିଜୟ କୁମାର ପୁରୋହିତ ଛାତ୍ରୀମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପାଇଁ ଉତ୍ସାହିତ କରିଥିବା ବେଳେ କାର୍ଯ୍ୟକ୍ରମଟି ଓଡିଶା ସରକାର ଓ ସ୍କିଲ ଇଣ୍ଡିଆ, ଧନ୍ଦାମୂଳକ ଶିକ୍ଷାର ଟ୍ରେନିଂ ପାଟନର ଟାଇମସ୍ ସେଣ୍ଟର ଫର ଲରନିଂ ଲିମିଟେଡ ସହଯୋଗ କରିଥିଲେ।

**ବୌଦ୍ଧରେ ସିନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ**

## ବୌଦ୍ଧ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବିଜୟୀ

ବୌଦ୍ଧ,୧୬।୨(ସ୍ୱ.ପ୍ର)

ଓଡିଶା କ୍ରିକେଟ ଆସୋସିଏଶନ ଦ୍ୱାରା ପ୍ରାୟୋଜିତ ଓ ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବୌଦ୍ଧରେ ସିନିଅର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ ମ୍ୟାଚ ବୌଦ୍ଧ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଓ ବୌଦ୍ଧ ପଞ୍ଚାୟତ କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୪୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୩୪୨ ରନ୍ ସଂଗ୍ରହ କରିଥିଲା । ଦଳ ତରଫରୁ ହେମନ୍ତ ଚମ୍ପତି ୭୫ ବଲ୍‌ରେ ୯୭ ରନ୍ କରିଥିବାବେଳେ ଦେବାଶିଷ ବାଘ ୪୬ ବଲ୍‌ରେ ୪୭ ରନ୍ ସଂଗ୍ରହ କରିଥିଲେ । ଶିବ ସୌରଭ ମାହାର ୭ ଓଭର ବୋଲିଂ କରି ୭୪ ରନ୍ ଦେଇ ୪ ଉଇକେଟ ନେଇଥିଲେ । ସେହିପରି ଶିବ ପାଢୀ ୭.୩ ଓଭର ବୋଲିଂ କରି ୪୭ ରନ୍ ଦେଇ ୨ଟି ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ପଞ୍ଚାୟତ କଲେଜ ୩୦.୫ ଓଭରରେ ମାତ୍ର ୧୦୦ ରନ୍ କରିପାରିଥିଲା। ଫଳରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୨୪୨ରନରେ ବିଜୟୀ ଘୋଷିତ ହୋଇଥିଲା। ଅମ୍ପାୟାର ଭାବେ ବିଶ୍ୱଜିତ ପୁରୋହିତ ଓ ଆଶୁତୋଷ ଦାସ ମ୍ୟାଚ୍ ପରିଚାଳନା କରିଥିଲେ । ସ୍କୋରର ଭାବେ ଓସିଏର ସାଇପ୍ରିୟ ଦାସ କାର୍ଯ୍ୟ ତୁଲାଇଥିଲେ । ସୋମବାର ଜେବିସି ବୌଦ୍ଧ ଓ ପ୍ରଗତି କନ୍ଧମାଳ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠାର ଦ୍ୱିବାର୍ଷିକୀ ସମାରୋହ

ବରଗଡ଼ ଅଫିସ୍,୧୬।୨

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠାର ଦ୍ୱିବାର୍ଷିକୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳୁ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସିଂହ ପୂଜନ ସହିତ ମାଁଙ୍କ ମହାସ୍ନାନ ଏବଂ ଷୋଡ଼ଶ ଉପଚାର ପୂଜା ହୋଇଥିଲା। ସେହିପରି ଜଗତର କଲ୍ୟାଣ ପାଇଁ ଚଣ୍ଡୀ ହବନ କରାଯାଇଥିଲା । ପଣ୍ଡିତ ଶିବଶଙ୍କର ଦାଶ, ଚୂଡ଼ାମଣି ରଥ, ବିଘ୍ନରାଜ ଦାଶ, ସୁଧାଂଶୁ ଶେଖର ଦାଶ, ବିଷ୍ଣୁ ଦୟାଲ ଦାଶ ପୂଜା କରିଥିଲେ । ଜୟ ପ୍ରକାଶ ଦାଶ ମୁଖ୍ୟକର୍ତ୍ତା ଥିବାବେଳେ ଜୟପ୍ରକାଶ ଅଗ୍ରୱାଲ, ସ୍ତ୍ରୀ ସୁଧା ଦେବୀ, କୈଳାଶ ଅଗ୍ରୱାଲ, ସ୍ତ୍ରୀ ନୂତନ ସହ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ମୁଖ୍ୟକର୍ତ୍ତା, ସହ କର୍ତ୍ତା ଏବଂ ମନ୍ଦିର ପୂଜକ ରତ୍ନାକର ଝାଙ୍କର ପ୍ରମୁଖ ଚଣ୍ଡୀ ହବନରେ ଆହୂତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ ।



ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠାର ଦ୍ୱିବାର୍ଷିକୀ ସମାରୋହରେ ଚଣ୍ଡୀ ହବନ କରାଯାଉଛି ।

# ଏକାଠି ହେଲେ ପ୍ରାକ୍ତନ ଛାତ୍ରୀଛାତ୍ର




ଭେଡ଼େନ କଲେଜ ପୁରାତନ ଛାତ୍ରସଂଘ ବୈଠକରେ ଯୋଗ ଦେଇଥିବା ଛାତ୍ରଗଣ ।

ଭେଡ଼େନ,୧୬।୨(ଡ଼ି.ଏନ.ଏ)

ଭେଡ଼େନ ସ୍ଥିତ ଆଞ୍ଚଳିକ କିଶାନ କଲେଜର ପୁରାତନ ଛାତ୍ର ସଂଘର ଏକ ବୈଠକ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ଗଜାନନ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଅଧ୍ୟାପକ ରଞ୍ଜନ କୁମାର ଦାଶ ସ୍ୱାଗତ ଭାଷଣ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟାପିକା ମଞ୍ଜୁଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ କଲେଜର ଶତାଧିକ ପୁରାତନ ଛାତ୍ର ଯୋଗଦେଇ ନିଜର ମତାମତ ଦେଇଥିଲେ।

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମସ୍ୟା ଉପରେ ଆଲୋଚନା

ବୌଦ୍ଧ,୧୬।୨(ସ୍ୱ.ପ୍ର)

ବୌଦ୍ଧ ଜିଲା ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ବୈଠକ ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂଘ ଉପସଭାପତି ବଳରାମ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହେବା ସହ ୪ଦଫା ଦାବିପତ୍ର ରାଜ୍ୟ ଉପସଭାପତିଙ୍କୁ ପ୍ରଦାନ କରାଯାଇଥିଲା। ବୈଠକରେ ଜିଲା ସଂଘର ଉପସଭାପତି ସହଦେବ ସାହୁ, ସମ୍ପାଦକ ଅବିନାଶ ମିଶ୍ର, ସହକାରୀ ସମ୍ପାଦକ ରବିନ୍ଦ୍ର ନାଥ ଲେଙ୍କା, ରବିନ୍ଦ୍ର କୁମାର ଡାଙ୍ଗ, ପରାମର୍ଶଦାତା ରାଜକିଶୋର ପଟ୍ଟନାୟକ, କୋଷାଧ୍ୟକ୍ଷ ମହେଶ୍ୱର ମହରାଣା, ସଙ୍ଗଠନ ସମ୍ପାଦକ ଲକ୍ଷ୍ମୀ ପ୍ରସାଦ ତରିଆ, ଅରୁଣ କୁମାର ରଣାଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ରେଢାଖୋଲ,୧୬।୨(ଡି.ଏନ.ଏ.)

ରେଢାଖୋଲ-ବୌଦ୍ଧ ରାସ୍ତାର ହାତିବାହାଲ ଛକ ନିକଟରେ ରବିବାର ସନ୍ଧ୍ୟା ସାଢେ ୫ଟା ବେଳେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରେଢାଖୋଲ ଥାନା ଅନ୍ତର୍ଗତ ଲଡୁବାହାଲ ଗ୍ରାମର ସତ୍ୟନାରାୟଣ ସାହୁ (୪୫) ତାଙ୍କୁ ରେଢାଖୋଲ ଡାକ୍ତରଖାନା ଓ ପରେ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଇଥିବା ବେଳେ ପୋଲିସ ବୌଦ୍ଧରୁ ଟ୍ରକ୍‌କୁ ଧରିଛି। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କଦଳୀଗଡ ପେଟ୍ରୋଲ ଟାଙ୍କିରେ ସୁପରଭାଇଜର ବାବେ କାମ କରୁଥିବା ସତ୍ୟନାରାୟଣ ରବିବାର ସନ୍ଧ୍ୟାରେ ତାଙ୍କ ଗାଁ ଲଡୁବାହାଲକୁ ବାଇକ୍ (ନଂ. ଓଆର୧୫ଏମ-୨୦୨୯) ଯୋଗେ ଆସୁଥିଲେ। ରେଢାଖୋଲରୁ ବୌଦ୍ଧ ଆଡକୁ ଯାଉଥିବା ଟ୍ରକ୍ (ନଂ. ଓଆର୨୩ ବି-୨୦୫୨) ହାତିବାହାଲ ଛକ ନିକଟରେ ତାଙ୍କୁ ଧକ୍କା ଦେଇ ଖସି ପଳାଇଥିଲା।

# ଅଧାପନ୍ତରିଆ ଭାଲୁଯୋର ପୋଲ

ଭବାନୀପାଟଣା,୧୬।୨ (ଡି.ଏନ.ଏ.)

ଦୁର୍ଗମ ଅଞ୍ଚଳରେ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ସତ୍ତ୍ୱେ ଆଜି ବି ଦୁର୍ଗମ ଅଞ୍ଚଳରେ ବିକାଶ ଚିନ୍ତାକୁ ନେଇ ସରକାରଙ୍କ ସ୍ୱର ଶୀଥିଳ ହୋଇ ଉଠୁଥିବା ବେଳେ ଦିନକୁ ଦିନ ସାମ୍ପ୍ରତିକ ବିକାଶ ଧାରାରୁ ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳର ବନବାସୀଙ୍କୁ ଏକ ସାଙ୍କେତିକ ଜୀବନ ନିର୍ବାହ କରିବାକୁ ପଡୁଛି। ସୂଚନା ମୁତାବକ, କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମାଓବାଦୀପ୍ରବଣ ଇଲାକା ଧନଶୂଳୀର ଶାସ୍ତୁଗୁଡା ନିକଟରେ ପ୍ରବାହିତ ଭାଲୁଯୋର ନଦୀ ଉପରେ ଗାଁର ଆବଶ୍ୟକତାକୁ ନଜରରେ ରଖି ସରକାର ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଅନେକ ଦିନ ଧରି ସ୍ୱପ୍ନ ଦେଖାଇ ଚାଲିଲେ। ଶେଷରେ ୨୦୧୩-୧୪ ଆର୍ଥିକ ବର୍ଷରେ ୪୨ ଲକ୍ଷର ଟେଣ୍ଡର ଆହ୍ୱାନ କରି କାମ ଆରମ୍ଭ କରାଯାଇଥିଲା। ନଦୀର ଏକ ତୃତୀୟାଂଶ ସେତୁ



ନିର୍ମାଣାଧୀନ ପୋଲ ।

**ଜୟପାଟଣା ବ୍ଲକ**

- କଚ୍ଛପ ଗତିରେ ଦୁର୍ଗମ ଶାସ୍ତୁଗୁଡା ଅଞ୍ଚଳର ବିକାଶ
- ପୋଲ ପୂର୍ଣ୍ଣାଙ୍ଗ, ସଂଯୋଗ ସମ୍ପୂର୍ଣ୍ଣ ପାଇଁ ଟଙ୍କାର ଅଭାବ

ନିର୍ମାଣ ହୋଇଥିଲେ ମଧ ଗତ ୫ ବର୍ଷ ହେଲା ତାହା ଅଧାପନ୍ତରିଆ ଭାବେ ପଡି ରହିଛି। ୨୦୧୯ରେ ବିଜୁ କେବିକେ ଯୋଜନାର ଗଚ୍ଛିତ ପାଣ୍ଠିକୁ ଟେଣ୍ଡର ଆହ୍ୱାନ କରାଯାଇ ୪୭ ଲକ୍ଷ ଟଙ୍କାର ସେତୁ କାର୍ଯ୍ୟ ପୁଣି ଆରମ୍ଭ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସେତୁ କାର୍ଯ୍ୟ ଚାଲିଥିବା ବେଳେ ଲୋକଙ୍କ ମଧ୍ୟରେ ସଂଯୋଗର ଆଶା ଦ୍ୱିଗୁଣିତ ହୋଇ ସାରିଛି। ବ୍ରିଜର ପୂର୍ଣ୍ଣାଙ୍ଗ ସମ୍ପର୍କରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବାଞ୍ଛାବଟ ପାଣ୍ଡେଙ୍କୁ ପଚାରିବାରୁ ବ୍ରିଜ୍ ପୂର୍ଣ୍ଣାଙ୍ଗ ଓ ସଂଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ୪୫ ଲକ୍ଷ ଟଙ୍କାର ଆବଶ୍ୟକତା ପଡିବ ବୋଲି ପ୍ରକାଶ କରିଥିଲେ। ଏହି ଅର୍ଥ ଯୋଗାଡ଼ ପାଇଁ ପିଡି ଓ କଳାହାଣ୍ଡି ଜିଲାପାଳ ସେମାନଙ୍କ ଉଦ୍ୟମ ଜରି ରହିଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ସେତୁ ସହ ସଂଯୁକ୍ତ ଥିବା ଭାଲୁଯୋର, ଡଙ୍ଗରୀଗୁଡା, ଢୁଲୁପଖାନ, ଭାଟିପାସ, ବାଙ୍ଗଟିସାହାଜ, ନଳାଚୁଆଁ ଆଦି ଗ୍ରାମର ଲୋକେ ବର୍ଷା ଆସିଲେ ଏକ ବିଚ୍ଛିନ୍ନ ଜୀବନ ଆଶଙ୍କା ମଧ୍ୟରେ ଗତି କରିଥାନ୍ତି। କେବଳ ସେତିକି ନୁହେଁ ବର୍ଷ ବର୍ଷ ଧରି ଅବହେଳା ଓ ଅଣଦେଖାର ଶିକାର ହୋଇ ଆସୁଥିବା ଭିତରପିଣ୍ଡି, ଉପରଆଟିଗାଁ, କରାଘାଟି, ଦାବ୍ରିଘାଟି, କର୍ଲାକୋଟ, ଟେଣ୍ଡକାଚୁଆଁ, ପଟାକୁସୁମୀ ଆଦି ଅଞ୍ଚଳର ଲୋକଙ୍କୁ ବିକାଶ ଧାରା ସାଙ୍ଗରେ ସଂଯୋଗ କରିବା ସହିତ ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟସେବା, ଶିକ୍ଷା ଭଳି ମୌଳିକ ଅଧିକାରକୁ ନିଶ୍ଚିତ କରିବା ପାଇଁ ଦାବି ହେଉଛି।

# ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ: ଝଗ୍ରାହୀ ଚାମ୍ପିୟନ

କୋମନା,୧୬।୨ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ସିଲେଟପାଣି ଖେଳ ପଡିଆରେ ଚାଲିଥିବା ୨ମ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝଗ୍ରାହୀ ଦଳ ବାଲିଖମାର ଦଳକୁ ହରାଇ ଚାମ୍ପିୟନ ହୋଇଛି। ଝଗ୍ରାହୀ ଓ ବାଲିଖମାର ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଝଗ୍ରାହୀ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ୧୨୫ ରନର ବିଜୟ ଲକ୍ଷ ନେଇ ବାଲିଖମାର ଦଳ ବ୍ୟାଟିଂ ପାଇଁ ପଡିଆକୁ ଓହ୍ଲାଇ ୯.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୭ ରନ କରିବାରେ ସକ୍ଷମ ହୋଇଥିଲେ। ଫଳରେ ଝଗ୍ରାହୀ ଦଳ ୬୭ ରନରେ ବାଲିଖମାର ଦଳଠାରୁ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ହିତେନ ଗହିର ଓ ରୋହିତ ନାୟକ ପରିଚାଳନା କରିଥିବା ବେଳେ ଗଉତମ ଓ ପ୍ରତାପ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ । ଗୁଡ୍ଡୁ, ସୁରେନ୍ଦ୍ର ଓ ଟିଲୁ ଫାଇନାଲ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଦର୍ଲିପଡା ସରପଞ୍ଚ ରୁପଧର କୁଲଦୀପ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ହେମସାଗର ବେହେରା, ତାତୁରାମ ମାଝି, ଚନ୍ଦ୍ରମଣି ଶବର, କୁଶ ମାଝି, ବୃନ୍ଦା ପ୍ରଧାନ, ନକୁଲ ପ୍ରଧାନ, ଶିବ ପାତ୍ର, ମତିରାମ କୁଲଦୀପ ଓ ମିଲକୁ ମାଝି ପ୍ରମୁଖଙ୍କ ଉପସ୍ଥିତିଥିଲେ। ବିଜେତା ଝଗ୍ରାହୀ ଦଳ ଏବଂ ରନର୍ସ ବାଲିଖମାର ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। କୁନା ବେହେରା ଉଦ୍‌ଯାପନୀ ସମାରୋହର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ୟଙ୍ଗ ବୟ କ୍ଲବର ରାଜୁ, ଧନୁ, ଫୁଲୁ, ଜିତେଶ, ମୁକେଶ, ପିଙ୍କୁ, କିର୍ତ୍ତି, ମୁନା, ରଞ୍ଜିତ, କିଶୋର, ଟୁନୁ, ବବଲୁ, ଲୋକନାଥ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗ୍ରହଣରେ ଉଭୟ ଦଳର ଖେଳାଳି ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

# କ୍ଷତିଗ୍ରସ୍ତଙ୍କୁ ମିଳିନି ଉଚିତ କ୍ଷତିପୂରଣ

**ବଲାଙ୍ଗୀର ଅଫିସ, ୧୬।୨**

## ବଲାଙ୍ଗୀର ଅଭୂତପୂର୍ବ ବନ୍ୟାକୁ ବିତିଲା ୬ ମାସ

- ବନ୍ୟା ସହାୟତା ବଣ୍ଟନରେ ଅନିୟମିତତା
- ସର୍ଭେ ରିପୋର୍ଟର ନିରପେକ୍ଷତାକୁ ନେଇ ପ୍ରଶ୍ନବାଚୀ
- ବନ୍ୟା କ୍ଷତିଗ୍ରସ୍ତଙ୍କ ଦୁଃଖ ଦୂର ହୋଇନାହିଁ



ବନ୍ୟାରେ ଭୟଙ୍କର କ୍ଷତିଗ୍ରସ୍ତ ସତ୍ତ୍ୱେ ଉଚିତ ସହାୟତା ପାଇ ନ ଥିବା ପରିବାର।(ଫାଇଲ ଫଟୋ)।

୨୦୧୮ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଲଗାଣ ବର୍ଷା ଯୋଗୁଁ ବଲାଙ୍ଗୀର ସହର ତଥା ଆଖପାଖ ଅଞ୍ଚଳରେ ଅଭୂତପୂର୍ବ ବନ୍ୟା ହୋଇଥିଲା। ଏହି ବନ୍ୟାରେ ସହର ୨୧ଟି ୱାର୍ଡର ସମସ୍ତ ପଡାର ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିଲେ। କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା । ବହୁ ଗରିବ, ନିଷ୍ପେସିତଙ୍କ ଘର ମାଟିରେ ମିଶିଯିବା ସହ ସମସ୍ତ ଧନସମ୍ପତ୍ତି ଛାରଖାର ହୋଇଯାଇଥିଲା। ଗତ ପ୍ରାୟ ୫୦ ବର୍ଷ ଭିତରେ ବଲାଙ୍ଗୀର ସହରରେ ଏଭଳି ବନ୍ୟା ପରିସ୍ଥିତି ହୋଇନଥିବା ସ୍ଥାନୀୟ ଲୋକେ କହିଥିଲେ। ଉକ୍ତ ପ୍ରଳୟଙ୍କରୀ ବନ୍ୟାକୁ ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ମଧ୍ୟ ବନ୍ୟା ବିଭୀଷିକାର କରୁଣ ଚିତ୍ର ଏଯାଏଁ ଲିଭିନାହିଁ। ବହୁ ସ୍ଥାନରେ ଭଙ୍ଗାଘର, ଧୋଇ ହୋଇଯାଇଥିବା ରାସ୍ତା ମରାମତି ହୋଇନାହିଁ । ଅଗଷ୍ଟ ୧୧ ତାରିଖ ରାତିରୁ ୧୪ ତାରିଖ ପର୍ଯ୍ୟନ୍ତ ବନ୍ୟା ପରିସ୍ଥିତି ଜାରି ରହିଥିଲା। ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ପାଇଁ ସେତେବେଳେ ଉଦ୍ୟମ କରାଯାଇଥିଲା ଓ ବହୁ ସ୍ୱେଚ୍ଛାସେବୀ ମଧ୍ୟ ବନ୍ୟା ପୀଡିତଙ୍କୁ ସହାୟତା ଯୋଗାଇଥିଲେ। ଖୋଦ୍ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଅଗଷ୍ଟ ୧୬ ତାରିଖରେ ବଲାଙ୍ଗୀର ଆସି ବନ୍ୟା ସମୀକ୍ଷା କରିଥିଲେ। ଉକ୍ତ ବୈଠକରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା, ଡ. ମୁକେଶ ମହାଲିଙ୍ଗ, ସରୋଜ ମେହେର, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ, ଜିଲାପାଳ ଅରିନ୍ଦମ ଡାକୁଆ, ଜିଲାସ୍ତରୀୟ ଅଧିକାରୀ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ଜିଲାପାଳ ଡାକୁଆ ପାୱର ପଏଣ୍ଟ ଜରିଆରେ ଜିଲାର ବନ୍ୟା ବିଭୀଷିକା ଓ ବନ୍ୟା ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବନ୍ୟା କ୍ଷତକ୍ଷତି ମୁକାବିଲା ଓ ଭିତ୍ତିଭୂମିର ବିକାଶ ପାଇଁ ଜିଲା ସକାଶେ ୧ ହଜାର କୋଟି ଟଙ୍କା ଆବଶ୍ୟକ ବୋଲି ଜନପ୍ରତିନିଧିମାନେ ଦାବି କରିଥିଲେ। ଅଗଷ୍ଟ ୧୭ ତାରିଖ ଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବଲାଙ୍ଗୀରରେ ସମୀକ୍ଷା ବୈଠକରେ ଯୋଗଦେଇ ନାନା କେନ୍ଦ୍ରୀୟ ଯୋଜନାରୁ ସହାୟତା କଥା କହିଥିଲେ। ବନ୍ୟା କ୍ଷତକ୍ଷତି ସର୍ଭେ କାମ ଭିଡିଓ ରେକର୍ଡିଂ ଜରିଆରେ କରାଯିବ ବୋଲି କୁହାଯାଇଥିଲା ।

ଗତକିଛି ମାସ ଭିତରେ ବଲାଙ୍ଗୀର ସହରର ବନ୍ୟା କ୍ଷତିଗ୍ରସ୍ତଙ୍କୁ ପ୍ରାୟ ୧୩ କୋଟି ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଛି। ବଲାଙ୍ଗୀର ମ୍ୟୁନିସିପାଲିଟି, ରାଜସ୍ୱ ବିଭାଗ ଓ ଜିଲା କୃଷି ବିଭାଗ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ପ୍ରସ୍ତୁତ ରିପୋର୍ଟ ଆଧାରରେ ବନ୍ୟା ସହାୟତା ବଣ୍ଟନ କରାଯାଉଛି। ତେବେ ବାସ୍ତବରେ ଯେଉଁମାନେ ବନ୍ୟା ଯୋଗୁଁ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇ ସର୍ବହରା ହୋଇପଡିଥିଲେ ସେମାନଙ୍କୁ କିଞ୍ଚିତ ପରିମାଣର ବନ୍ୟା ସହାୟତା ମିଳିଛି। ଏହି କାରଣରୁ ବନ୍ୟା ସହାୟତା ବଣ୍ଟନରେ ଘୋର ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଯେଉଁ ବନ୍ୟା କ୍ଷତିଗ୍ରସ୍ତମାନେ କମ୍ ପରିମାଣର କ୍ଷତିର ସମ୍ମୁଖୀନ ହୋଇଥିଲେ ସେମାନଙ୍କୁ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ବନ୍ୟା ସହାୟତା ମିଳିଥିବାବେଳେ ପ୍ରକୃତ ସର୍ବହରାଙ୍କୁ ୩୨୦୦ ଟଙ୍କାର ବନ୍ୟା ସହାୟତା ମିଳିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ବିଭ୍ରାନ୍ତି କିଭଳି ହେଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଲାଙ୍ଗୀର ତୁଲସୀନଗରପଡାର ଧୃତରାଷ୍ଟ୍ର ସାହୁ ଓ ଶକୁନ୍ତଳା ଖର୍ସେଲଙ୍କ ଘର ବନ୍ୟାରେ ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା। ଘରର ସମସ୍ତ ଆସବାବପତ୍ର, ଧନସମ୍ପତ୍ତି ନଷ୍ଟ ହୋଇଯାଇଥିଲା। ଦୁଇ ମାସ ଧରି ଏହି ଦୁଇ ପରିବାର ଅନ୍ୟତ୍ର ରହି ଜୀବନ ବଞ୍ଚାଇଥିଲେ। ମାତ୍ର ଏହି ଦୁଇ ପରିବାରକୁ ୩୨୦୦ ଟଙ୍କାର ସହାୟତା ମିଳିଥିବାରୁ ବନ୍ୟା ସର୍ଭେ ରିପୋର୍ଟ ଓ ସହାୟତା ରାଶି ବଣ୍ଟନର ନିରପେକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁ ବନ୍ୟା କ୍ଷତିଗ୍ରସ୍ତ ପ୍ରକୃତ ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଲୋକ ଏନେଇ ଜିଲାପାଳ, ତହସିଲଦାର ଓ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କଠାରେ ଅଭିଯୋଗ ଦାଖଲ କରି ସେମାନଙ୍କୁ ଉଚିତ୍ କ୍ଷତିପୂରଣ ମିଳି ନ ଥିବା ଜଣାଇଛନ୍ତି। ଏହାକୁ ନେଇ ପ୍ରଶାସନ ପୁଣି ଥରେ ସର୍ଭେ କରୁଥିବା ଜଣାପଡିଛି। କମ୍ କ୍ଷତିଗ୍ରସ୍ତ ଅଧିକ କ୍ଷତିପୂରଣ ପାଇବା ଓ ଅଧିକ କ୍ଷତିଗ୍ରସ୍ତ କମ୍ କ୍ଷତିପୂରଣ ପାଇବା ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହେଉଛି ।

## ବିପଦସଙ୍କୁଳ ଅବସ୍ଥାରେ ରହିଛି ବିଦ୍ୟୁତ୍ ଖୁଣ୍ଟ

**ଲୋଇସିଂହା,୧୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଟେନପାଲି ପଞ୍ଚାୟତ ଅଧୀନ ପଣ୍ଡରାଣୀ ଗାଁକୁ ଛତାମଖନା ସେକ୍ସନରୁ ବିଦ୍ୟୁତ୍ ଯୋଗାଣ ହେଉଛି। ଗାଁର ଉପରପଡା ଗୌରୀଶଙ୍କର ସାହୁଙ୍କ ଘର ନିକଟରେ ଥିବା ଲୁହା ବିଦ୍ୟୁତ୍ ଖୁଣ୍ଟ କଳଙ୍କି ଲାଗି ଶୋଚନୀୟ ହୋଇ ପଡିଛି । ଗ୍ରାମବାସୀ ବିଦ୍ୟୁତ୍ ଖୁଣ୍ଟକୁ ଅପସାରଣ ନେଇ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ନିକଟରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅନେକ ସ୍ଥାନରେ ଲୋକଙ୍କ ଧନଜୀବନହାନୀ ଘଟୁଛି। ଏଣୁ କଳଙ୍କି ଲାଗିଥିବା ପୋଲ ଢଳିଗଲେ ଧନ ଜୀବନ ହାନୀ ହେବା ଗ୍ରାମବାସୀ ଆଶଙ୍କାବ୍ୟକ୍ତ କରିଛନ୍ତି। ଏଦିଗରେ ଜିଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଗିରଫ

**ଲୋଇସିଂହା,୧୬।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକ ନିକଟରେ ଗତ ୧୫ ତାରିଖ ଏକ ଟାଟା ଏସି ଗାଡି(ଓଆର୧୭ ଏଫ ୧୨୦୨) ଧକ୍କାରେ ଦୁଇଜଣ ଯୁବକ ଗୁରୁତର ହୋଇଥିଲେ । ଏହି ଘଟଣାରେ ଲୋଇସିଂହା ପୋଲିସ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ସେ ହେଲେ ରାମପୁର ଗାଁର ଆକାଶଗଙ୍ଗା ଭୋଇ । ପୋଲିସ ସୂଚନାମତେ, ଲୋଇସିଂହା ଥାନା ଅନ୍ତର୍ଗତ କର୍ଲିପାଟ ଗାଁର ଅକ୍ଷୟ ପଧାନ ଓ ସଂକୀର୍ତ୍ତନ ମହାକୁର ଘରକୁ ଯାଉଥିବାବେଳେ ତାଙ୍କୁ ଉକ୍ତ ଗାଡି ଧକ୍କା ଦେଇଥିଲା । ଯୁବକଦ୍ୱୟ ଛିଟିକି ପଡି ଗୁରୁତର ହୋଇଥିଲେ । ଅକ୍ଷୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ସଂକୀର୍ତ୍ତନଙ୍କ ଅଭିଯୋଗ କ୍ରମେ ଲୋଇସିଂହା ଥାନାରେ ଏକ ମାମଲା (ନଂ. ୪୬/୨୦) ରୁଜୁ ହୋଇଥିଲା ।

### ବୁର୍ଡା ମହାଶିବରାତ୍ରି ମେଳା: ରାମାୟଣ ପାରାୟଣ

**ଲୋଇସିଂହା,୧୬।୨(ଡି.ଏନ.ଏ)** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଆଳତୀ ପାର୍ଟି ପକ୍ଷରୁ ପୋଖରୀହୁଡାଠାରେ ମହାଶିବରାତ୍ରି ମେଳା ପାଳିତ ହେଉଛି । ପାରାୟଣର ତୃତୀୟ ଦିବସ କାର୍ଯ୍ୟକ୍ରମ ରବିବାର ଧନୁଭଙ୍ଗରୁ ଆରମ୍ଭ ହୋଇ ସୀତା ବିବାହ ଓ ରାମ, ସୀତା ଓ ଲକ୍ଷ୍ମଣଙ୍କ ଅଯୋଧ୍ୟା ଗମନ କଥାବସ୍ତୁ ପାରାୟଣ କରାଯାଇଥିଲା। ପାରାୟଣରେ ଶିଶୁକଳାକାରମାନେ ଅଭିନୟ କରିଥିଲେ।

### ସୋନିଆ ମେମୋରିଆଲ କ୍ରିକେଟ : ସମ୍ବଲପୁର ଚାମ୍ପିୟନ

**ଲାଠୋର, ୧୬।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ନବମ ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ରାୟପୁରକୁ ହରାଇ ସମ୍ବଲପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ୭ ଉଇକେଟ ହରାଇ ୧୩୩ରନ ସଂଗ୍ରହ କରିଥିଲା। ଜବାବରେ ରାୟପୁର ଦଳ ୧୪.୪ ଓଭରରେ ୧୨୯ ରନ କରି ଅଲ୍‌ଆଉଟ ହୋଇ ପରାଜିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଶଙ୍କରଲାଲ ଅଗ୍ରୱାଲ, ସମ୍ମାନିତ ଅତିଥି ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ଡେପୁଟି ରେଞ୍ଜର ଦେବଦତ୍ତ ସୁତାର, ବଣ୍ଟି ଅଗ୍ରୱାଲ, ରିଙ୍କୁ ଅଗ୍ରୱାଲ, ସୁଶିଲ ଅଗ୍ରୱାଲ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ସମ୍ବଲପୁର ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା, ରନର୍ସ ଅପ ରାୟପୁର ଦଳକୁ ଟ୍ରଫି ସହ ନଗଦ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ ଭାବେ ସମ୍ବଲପୁର ଦଳର ସୋନୁ, ମ୍ୟାନଅଫ ଦ ସିରିଜ ଭାବେ ରାୟପୁର ଦଳର ଚିରାଗଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ପରିଚାଳନା ଭରତ ଥପ୍ପା, ରବି ସୋନି ଓ ଧାରା ବିବରଣୀ ପ୍ରଦାନ କରିଥିଲେ ବିଶ୍ୱହରୀ ପ୍ରସାଦ ନାଗ। ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ ସୁରେଶ ତାଣ୍ଡି। ଏହି ଅବସରରେ କମିଟି ସଦସ୍ୟ ମନୁସିଂ ଭଲ୍ଲା, ଲାଏବାନ ସୁନା, ଲଲିତ ଭଇଁଷାଲ, ଅମିତ ସୁନା, ନୁତନ ନାଗ, ଟିଙ୍କୁ ବେହେରା, ନିଳମଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଲାନ୍ଥବୁଢ଼ା ଫୁଟବଲ ଟୁର୍ନାମେଣ୍ଟ: ବଲାଙ୍ଗୀର ଚାମ୍ପିୟନ

**ଟିକ୍ରାପଡା,୧୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ହାଇସ୍କୁଲ ପଡିଆଠାରେ ଲାନ୍ଥେଶ୍ୱର ଯୁବକ ସଂଘ ଅନୁକୂଲ୍ୟରେ ଦଶମ ବର୍ଷ ଜୟ ଲାନ୍ଥବୁଢା ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତା ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ଖେଳରେ ପାଟଣାଗଡକୁ ୧-୦ ଗୋଲରେ ହରାଇ ବଲାଙ୍ଗୀର ଦଳ ଚାମ୍ପିୟନ ହୋଇଥିଲା। ଦୀପକ ରାଜହଂସ, ପୁରୁଷୋତ୍ତମ ବୁଡେକ, ମଣ୍ଟୁ ବେହେରା, ଚିତ୍ତରଞ୍ଜନ ପାଣ୍ଡେ, ଦେବରାଜ ନାହାକ ଖେଳ ପରିଚାଳନା କରିଥିଲେ। କମିଟି ସଭାପତି ଆଇନଜୀବୀ ଟୁନୁ ରାଜପଲିଆଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସୁରାଜ କାଲସାଏଙ୍କ ସଂଯୋଜନାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି, ସଇଁତଳା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ଯୁରାବନ୍ଧ ସରପଞ୍ଚ କେତକୀ ଅମାତ, ଝିଙ୍କିଡୁଙ୍ଗୁରି ସରପଞ୍ଚ ବଜରଙ୍ଗ ଜୈନ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୮୦୦୦ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଶଙ୍କର ପୃଷ୍ଟି, ତୁଷାର ବାଗ, ମେଘାମ୍ବର ରାଜପଲିଆ, ବୈବର୍ତ୍ତ ଚନ୍ଦନ, ଆକାଶ ବଚ୍ଛା, ଶୁଭମ ରାଜପଲିଆ, ଦ୍ରୋଣ ସେଠ, ଟିଞ୍ଚୁ ରାଜପଲିଆ, ନବୀନ ବୁଡେକ, ତୀର୍ଥରାଜ ବାଗ, ଅଜିତ ପୁଟେଲ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ଫାଇନାଲ ଖେଳିଥିବା ଦୁଇ ଦଳର ଖେଳାଳିମାନେ।

# କ୍ୟାରିୟର କାଉନସେଲିଂ କର୍ମଶାଳା

**ଗୁଡଭେଲା.୧୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ରୁଷୁଡା ଆଞ୍ଚଳିକ ମାଧ୍ୟମିକ ବିଦ୍ୟାଳୟ ପରିସରରେ କ୍ୟାରିୟର କାଉନସେଲିଂ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଞ୍ଜୀବ ମାହାନା ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ କ୍ୟାରିୟର ଗଠନର ବିଭିନ୍ନ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ନୋଡାଲ ଅଫିସର ସୁରେଶ ଦ୍ୱାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଅଧ୍ୟାପକ ଗିରିଜା ପ୍ରସାଦ ବାରିକ, ସୁଧିର ଷଡଙ୍ଗୀ, ଚାରୁପମା ମିଶ୍ର ସମସ୍ତ ଅଧ୍ୟାପିକା, ଅଧ୍ୟାପକା ଓ କର୍ମଚାରୀ ସହଯୋଗ କରିଥିଲେ ।




କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ଅତିଥିମାନେ।



ଟିଟିଲାଗଡ ରେଳଷ୍ଟେଶନରେ ପହଞ୍ଚିବା ପରେ ଦାଦନ ଶ୍ରମିକମାନେ।

# ବାଙ୍ଗାଲୋରରୁ ୨୦୪ ଦାଦନ ଶ୍ରମିକ ଉଦ୍ଧାର

**ଟିଟିଲାଗଡ଼, ୧୬।୨(ଡି.ଏନ.ଏ.):** କର୍ଣ୍ଣାଟକ ରାଜ୍ୟ ବାଙ୍ଗାଲୋର ସହର ଓ ଏହାର ଆଖପାଖ ବିଭିନ୍ନ ସ୍ଥାନରେ ବନ୍ଧକ ଅବସ୍ଥାରେ ଥିବା ୨୦୪ ଦାଦନ ଶ୍ରମିକଙ୍କୁ ବଲାଙ୍ଗୀର ଜିଲା ପ୍ରଶାସନ ଉଦ୍ଧାର କରିଛି। ଶନିବାର ବିଳମ୍ବିତ ରାତିରେ ଗାନ୍ଧୀଧାମ-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ ଯୋଗେ ବଲାଙ୍ଗୀର ଶ୍ରମ ବିଭାଗର ଜଣେ ଅଧିକାରୀ ସେହି ଶ୍ରମିକମାନଙ୍କୁ ନେଇ ଟିଟିଲାଗଡ ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ୪୬ ଶିଶୁ ରହିଥିବା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି। ଜାତୀୟସ୍ତରରେ ଦାଦନ ଶ୍ରମିକଙ୍କୁ ନେଇ କାର୍ଯ୍ୟ କରୁଥିବା ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ ନେଇ ସହାୟତା କରିଥିବା ଜଣାଯାଇଛି। ବଲାଙ୍ଗୀର, ସୁବର୍ଣ୍ଣପୁର, ନୂଆପଡାର ଏହି ଦାଦନ ଶ୍ରମିକମାନେ କିଭଳି ଖାଇବା ପିଇବା ନେଇ ଇଟାଭାଟି ମାଲିକଙ୍କ କଟକଣା, ଗାଳିମନ୍ଦ, ଦିନରାତି କାମ କରିବାକୁ ବାଧ କରିବା, ଶିଶୁ ଓ ମହିଳାଙ୍କ ପ୍ରତି ଅଶାଳୀନ ବ୍ୟବହାର କରୁଥିଲେ ସେ ସବୁ କହିଥିଲେ। ରବିବାର ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ରାଜ୍ୟ ସରକାର ଏ କ୍ଷେତ୍ରରେ ଗରିବ ପରିବାରଙ୍କ କଲ୍ୟାଣ ତଥା ଦାଦନ ଚାଲାଣ ରୋକିବା ପାଇଁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ରମାଇ ପାହାଡ଼ ମହୋତ୍ସବ ଲାଗି ଶୁଭସ୍ତମ୍ଭ ସ୍ଥାପନ

**ଲୋଇସିଂହା,୧୬।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତର ଭାଲୁପାଲି ନିକଟରେ ରମାଇପାହାଡ ଅବସ୍ଥିତ। ଐତିହ୍ୟ ଓ କିମ୍ବଦନ୍ତୀ ଭରା ଏହି ପାହାଡ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଇଛି। ପାହାଡର ଐତିହ୍ୟକୁ ଲୋକଲୋଚନକୁ ଆଣିବା ପାଇଁ କେତେକ ବ୍ୟକ୍ତି ଅଣ୍ଟା ଭିଡିଛନ୍ତି। ଆସନ୍ତା ଏପ୍ରିଲ ୩ରୁ ତିନିଦିନିଆ ରମାଇ ପାହାଡ ମହୋତ୍ସବ ଆୟୋଜନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରମାଇ ପାହାଡ ପାଦଦେଶ ଓ ମହୋତ୍ସବ ଆୟୋଜନସ୍ଥଳ ଭାଲୁପାଲି ସ୍କୁଲ ନିକଟରେ ଶୁଭସ୍ତମ୍ଭ ସ୍ଥାପନ ରବିବାର କରାଯାଇଛି। ପାଇକବାହାଲ ମଠର ସାଧୁ ମାହାରା ଜଗିରିବର ଦାସଙ୍କ ପୌରାହିତ୍ୟରେ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ସଚିଦାନନ୍ଦ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସାଧୁ ମହାରାଜ ଦାସ ମହୋତ୍ସବର ସଫଳତା କାମନା କରିବା ସହ ରମାଇ ପାହାଡ ମହୋତ୍ସବ ମାଧ୍ୟମରେ ଅଞ୍ଚଳର ବିକାଶ କାମନା କରିଥିଲେ । ମହୋତ୍ସବ କମିଟି ସଭାପତି ସରୋଜ କୁମାର ତ୍ରିପାଠୀ, ପ୍ରଶାନ୍ତ ବେହେରା, ସରପଞ୍ଚ ଲକ୍ଷ୍ମୀ ପଧାନ, ବୀରବର ଧରୁଆ, ପ୍ରଶାନ୍ତ ପଧାନ, ତୁମେଶ୍ୱର ସାହୁ, ମହୋତ୍ସବ କର୍ମକର୍ତ୍ତା, ଉପଦେଷ୍ଟା ସଦସ୍ୟ ଓ ଭାଲୁପାଲି, କଦଳିପାଲି, ବାଦିବାହାଲ, ଯୋଗୀସର୍ଡା ଖୁଣ୍ଟଲିମୁଣ୍ଡା ଆଦି ଗ୍ରାମର ଜନସାଧାରଣ ସାମିଲ ହୋଇଥିଲେ ।



ଶୁଭସ୍ତମ୍ଭ ସ୍ଥାପନ ଅବସରରେ ଉପସ୍ଥିତ ଜନସାଧାରଣ।

# କର୍କଟ ରୋଗ୍‌ରେ ପୀଡ଼ିତ ସମୀର

**ଗୁଡ଼ଭେଲା, ୧୬।୨ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସହରର ଡାକ୍ତରଖାନା ପାସେ ଗୁଟେ ଘର ଭଡ଼ା ନେଇ ରହୁଛନ୍ ସମୀର ଖାନ୍(୪୫)। ପାଖାପାଖି ବଛରେ ହେଲା ସେ କର୍କଟ ରୋଗ୍‌ରେ ପୀଡ଼ିତ ଅଛନ୍। ହେଲେ ଟଁକା ପଏସା ଅଭାବୁ ଚିକିଛା କରେଇ ନାଇଁପାରବାର। ଏନ୍‌ତାଥି ସେ ନିଜର ଭାଏଗ୍‌କେ ଆଦ୍‌ରି ଘରେ ପଡ଼ି ରହିଛନ୍।

ସୂଚନା ଅନ୍‌ସାରେ ବିହାର ରାଏଜ୍ ଚିତ୍ରା ଗାଁର ମୂଳ ବାସିନ୍ଦା ହେଉଛନ୍ ସମୀର ଖାନ୍(୪୫)। ଆଏଜ୍‌କେ ୧୨ ବଛର ତଳେ ପେଟ୍‌ପାଟନାର ଲାଗି ଓଡ଼ିଶାକେ ପଲେଇ ଆସିଥିଲେ। ଅଂଚଲରେ ସେ ଝନେ ମାର୍ବଲ ମିସ୍ତ୍ରୀ ହିସାବେ କାମ୍ କରି ନିଜର ପେଟ୍ ପାଲୁଥିଲେ। ପଛେ କପସିଲା ଗାଁର ବନିତାକୁଁ ସେ ଭଲପାଇ ବିହା ହେଇ ଘର ସଁସାର କରିଥିଲେ। ଏହେଦେ ତାକର ପରିବାର କହେଲେ ମାଏକିନା ବନିତା(୩୭), ଦୁଇ ଝିଁ ପୁନମ(୧୨) ଆର ଆଲିସା(୧୦)କୁଁ ନେଇ ସଁସାର। ହଁସ୍‌ଖୁସିରେ ସମୀରକଁର ସଁସାର ରଥ ଗଡ଼ି ଯାଉଥିଲା। ହେଲେ ଆଏଜ୍‌କେ ୬ ମାସ୍ ତଲେ ସମୀରକଁର ଗୁଁଡ଼େ ଗୁଟେ ଘା' ହେଇଥିଲା। ମାଏକିନା ବନିତା ଧାରଉଧାର କରି ସମୀରକୁଁ ଚିକିଛା ଲାଗି ତୁଷୁରା, ବଲାଙ୍ଗୀର, ବୁର୍ଲା ଆର ପଛେ ୨।୧୧।୨୦୧୯ରେ କଟକ ବଡ଼ ଡାକ୍ତରଖାନାକେ ନେଇଥିଲେ। ସେଠାନେ ପରୀକ୍ଷାରୁ ଜନାପଡ଼ଲା ଯେ ସମୀର କର୍କଟ ରୋଗ୍‌ରେ ପୀଡ଼ିତ ଅଛନ୍। ହେଲେ ଟଁକା ପଏସା ଅଭାବୁ ଦୁଇ ମାଏଝି ମୁନୁଷ୍ ଘରକେ ଫିରିଆଏଲେ। ସେମାନେ ଚିକିଛା ସାହାଯ୍ ଲାଗି ଏନ୍‌ଏସି ଅଧ୍ୟକ୍ଷା, ବ୍ଲକ ଅଧ୍ୟକ୍ଷ, ଶିଶୁ ମହିଲା ବିକାଶ ମନ୍ତ୍ରୀକୁଁ ଭେଟି ନିଜର ଦୁଖ୍ ବଖାନିଥିଲେ। ମନ୍ତ୍ରୀକଁର ସୁପାରିଶରେ ସମୀର ଚିକିଛା ସାହାଯ୍ ହିସାବେ ୧୫।୨।୨୦୨୦ ଶନିବାର ଦିନ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୫ ହଜାର ଟଁକା ପାଇଛନ୍। ହେଲେ କର୍କଟ ରୋଗ୍ ଲେଖେଁ ଗୁଟେ ଅମାନତିଆ ରୋଗ୍‌କେ ୧୫ ହଜାର ଟଁକା ଚିକିଛା ସାହାଯ୍ କାଣା ହେବା। ଏହେଦେ ଭଗବାନ ନ ଆମର ସାହାଭରସା ବଲି ବନିତା କହିଛନ୍। ଇଆଡ଼େ ପରିବାରଟା ନିହାତି ଗରିବ୍, ଜମିବାଡ଼ି, ସଁପତି ବଲି କିଛି ନାଇଁ। ସମୀର ଘରର ଝନେ ବଲି ରୁଜ୍‌ଗାରିଆ ଲୋକ୍। ତାକର କମାନିରେ ପରିବାର ଚଲବାର ସଂଗେ ଝିଁମାନକର ପାଠ୍ ପଢ଼ା ଖରଚ୍ ତୁଲଉଥିଲେ। ଏହେଦେ ସମୀରକଁର ଚିକିଛା ଲାଗି କାହାକେ କହିମି, ଆମେ ଗରିବ୍ ଲୋକ୍, କିଏ ସାହାଯ୍ କରବା ଏନ୍‌ତା ସବୁ ଭାବି ବନିତା ଭାଂଗି ପଡ଼ିଛନ୍। ଇ ବାବ୍‌ଦେ ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିଛା ଅଧିକାରୀ ସୁମିତ ମେହେରକୁଁ ପଚ୍‌ରାଲାରୁ ମୁଇଁ ଘଟନା ବାବ୍‌ଦେ ନାଇଁ ଜାନି। ଘଟନାର ତଦଁତ୍ କରି ପଦକ୍ଷେପ ନେମି ବଲି ସେ କହିଥିଲେ। ଇ ଦିଗେ ଜିଲା ପରଶାସନ ଆର ସ୍ୱାସ୍ଥ୍ୟ ବିଭାଗ ଦୁରୁଷ୍‌ଟି ଦେଇ ସମୀରକୁଁ ସରକାରୀ ଚିକିଛା ସାହାଯ୍ ଯୁଗେଇ ଦେବାକେ ଅଂଚଲର ବୁଧିଜୀବୀ ମହଲ ଦାବି କରିଛନ୍।

## ଚିକିଛା ଲାଗି ଟଁକା ଅଭାବ୍



କର୍କଟ ରୋଗରେ ପୀଡ଼ିତ ସମୀର।



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।
- ଗୋଲ୍ଡସ୍ମିଥ

## ସଂକ୍ଷେପରେ

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମ ଉତ୍ସବ

**ନର୍ଲା,୧୬।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଗଡିଆଯୋର ପଞ୍ଚାୟତ ଟୁରିହଲଦୀ ଗ୍ରାମଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସହ ପ୍ରତି ଋତ୍ୱିକ ଶେଷଦେବ ଠାକୁରଙ୍କ ସଭାପତିତ୍ୱରେ ଏକ ସଭା ହୋଇଛି। ଏଥିରେ ଧର୍ମଗଡ ସତସଂଘ ବିହାରର ପ୍ରଦ୍ୟୁମ୍ନ କୁମାର ପାତ୍ର ମୁଖ୍ୟଅତିଥି, ନର୍ଲାର ବଟକୃଷ୍ଣ ତାକୁଆ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସହ ପ୍ରତି ଋତ୍ୱିକ ଭାଗିରଥି ପ୍ରସାଦ ପାତ୍ର, ରଜନୀକାନ୍ତ ପଣ୍ଡା, ଯାଜକ ପ୍ରହ୍ଲାଦ ପ୍ରହରାଜ, ଜୁନାଗଡ ସତସଂଘର ଜଗନ ଚାନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭଜନ, ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରାଯାଇ ସତସଂଘ ଆଭିମୁଖ୍ୟ ଉପରେ ଆଲୋକପାତ କରାଯାଇଥିଲା। ଟୁରିହଲଦୀ ଗ୍ରାମର ସତସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଅଞ୍ଚଳର ଅନେକ ଲୋକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା ।

### ଦୁଇଦିନିଆ ସିନ୍ଦେର ଉତ୍ସବ ଉଦ୍‌ଯାପିତ

**ଭବାନୀପାଟଣା,୧୬।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ପର୍ଯ୍ୟଟନ ସ୍ଥଳୀ ସିନ୍ଦରଠାରେ ଚାଲିଥିବା ଦୁଇଦିନିଆ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ପର୍ଯ୍ୟଟନ ସ୍ଥଳୀର ପାରିପାର୍ଶ୍ୱିକ ବିକାଶ ଲକ୍ଷ୍ୟ ରଖି ସ୍ଥାନୀୟ ବଲଙ୍ଗି ଗ୍ରାମର ଯୁବ ସଙ୍ଗଠନ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ନାଭିଦତ୍ୟ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବ ଡବ୍ଲୁଓଡିସି ସଦସ୍ୟ ମାଣିକ୍ୟଚନ୍ଦ୍ର ନାଏକ, ମୁଖ୍ୟବକ୍ତା ସତ୍ୟନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ଶାନ୍ତି ମାଝି, ସମିତି ସଭ୍ୟ ପବିତ୍ର ନାଏକ, ବଡଛତ୍ରଙ୍ଗ ଓ ବିରୋକୋଟ ସରପଞ୍ଚ ପ୍ରମୁଖ ଯୋଗଦେଇଥିଲେ। ଭଜମନ ନାଏକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଭଲିବଲ, ତୀରଚାଳନା, ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭଲିଭଲ୍‌ରେ ରାମପୁର ଚାମ୍ପିୟନ ଓ ଦାବ୍ରିଗୁଡା ରନର୍ସଅପ୍ ହୋଇଥିଲା। ସେହିଭଳି ଡ୍ୟାନ୍ସରେ ପାଷ୍ଟିକୁଡି ପ୍ରଥମ, ବଡକୁଟ୍ରୁ ଦ୍ୱିତୀୟ ଓ କୁମୁଡାସିଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏଥିରେ ଭିଜନ ନାଏକ, କାଶୀନାଥ ନାଏକ, ବିରେନ୍ଦ୍ର ନାଏକ ତଥା ଯୁବ ସଙ୍ଗଠନର ସଦସ୍ୟମାନେ ସହଯୋଗ କରିଥିଲେ। ଉତ୍ସବ ଆରମ୍ଭ ପୂର୍ବରୁ ଗ୍ରାମର ଗୁଡିଠାରେ ଜାନୀ ଦିଶାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ପରେ ଗ୍ରାମର ମହିଳାମାନେ ସିନ୍ଦେର ଝରଣାରୁ କଳସରେ ଜଳ ଧାରଣ କରି ଶୋଭାଯାତ୍ରାରେ ବାହାରି ମଞ୍ଚରେ ସ୍ଥାପନ କରିଯାଇଥିଲା।







ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ (ବାମ) । ଶିଶୁ ମନ୍ଦିର ନିକଟରେ ବିପଦସଙ୍କୁଳ ଟ୍ରାନ୍ସଫର୍ମର(ମଝି) । କର୍ଲାମୁଣ୍ଡା ବ୍ଲକ ସଦର ମୁଖ୍ୟରାସ୍ତା ଅଳ୍ପ ଉଚ୍ଚରେ ଥିବା ବିଦ୍ୟୁତ୍ ତାର ।

# ବିଦ୍ୟୁତ୍ ତାର ସମସ୍ୟା ସମ୍ବନ୍ଧରେ ଆଲୋଚନା

**କର୍ଲାମୁଣ୍ଡା,୧୬।୨ (ଡି.ଏନ.ଏ.)**

**ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜରୁରୀ ବୈଠକ**
- ବିଭିନ୍ନ ସ୍ଥାନରେ ବିପଦ ସଙ୍କୁଳରେ ବିଦ୍ୟୁତ୍ ତାର
- ନୀରବଦ୍ରଷ୍ଟା ସାଜିଛି ବିଦ୍ୟୁତ୍ ବିଭାଗ

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ବିଦ୍ୟୁତ ତାର ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି। ଏଥିଯୋଗୁ ଆଗାମୀ ଦିନରେ ଦୁର୍ଘଟଣା ଘଟିବା ଯଥେଷ୍ଟ ସମ୍ଭାବନା ରହିଛି। ବ୍ଲକ ସଦରଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ଶ୍ରେଣୀଗୃହକୁ ଲାଗି ରହିଥିବା ଟ୍ରାନ୍ସଫର୍ମର ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଥିବା ବେଳେ ବ୍ଲକ ସଦର ତହସିଲ କାର୍ଯ୍ୟାଳୟ ଛକଠାରୁ ଶିଶୁ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିବା ବିଦ୍ୟୁତ ତାର ରାସ୍ତାରୁ ପ୍ରାୟ ୧୫ ଫୁଟ୍ ଉଚ୍ଚରେ ରହିଛି। ଏହି ରାସ୍ତା ଦେଇ ଯାତ୍ରୀବାହୀ ବସ, ମାଲ ବୋଝେଇ ଟ୍ରକଗୁଡିକ ବହୁ କଷ୍ଟରେ ଯାତାୟାତ କରିଥାନ୍ତି। ସେହିଭଳି ସର୍ଗୁଲ ମାଲପଡା ଗାଁ ଶେଷ ମୁଣ୍ଡରେ ଥିବା ଟ୍ରାନ୍ସଫର୍ମର ମଧ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ପଟେଲଙ୍କୁ ଯୋଗାଯୋଗ କରାଯିବାରୁ କର୍ଲାମୁଣ୍ଡା ବ୍ଲକ ସଦରରେ କେବୁଲ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟପଟେ ସରସ୍ୱତୀ ଶିଶୁ ମନ୍ଦିର ଶ୍ରେଣୀ ଗୃହକୁ ଲାଗି ରହିଥିବା ଟ୍ରାନ୍ସଫରର୍ମକୁ ଅନତ୍ର ସ୍ଥାନାନ୍ତର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ରବିବାର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କ ଅଧକ୍ଷତାରେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ସୁଜିତ ପୁଟେଲ, ଜିପିଇଓ ଜଗଦିଶ ନାଏକ, ସଦର ପଞ୍ଚାୟତ ସରପଞ୍ଚ କୃଷ୍ଣଚନ୍ଦ୍ର ବାଗ ଓ ସମସ୍ତ ପିଇଓ, ଜିଆରଏସମାନେ ଜରୁରୀ କାଳୀନ ବୈଠକ ଯୋଗଦେଇ ବ୍ଲକର ସମସ୍ତ ଗାଁରେ ବିଦ୍ୟୁତ ତାରକୁ ନେଇ ଥିବା ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇ ସବିଶେଷ ତଥ୍ୟ ୫ ଦିନ ମଧ୍ୟରେ ସଂଗ୍ରହ କରାଯିବାକୁ ସ୍ଥିର ହୋଇଥିଲା। ସୂଚନା ଯୋଗ୍ୟ ଯେ, କର୍ଲାମୁଣ୍ଡା ବ୍ଲକ ସଦରରେ ୧୯୮୦ରେ ବିଦ୍ୟୁତ ସଂଯୋଗ ହୋଇଥିଲା। ଏହା ୪୦ ବର୍ଷ ବିତିଥିଲେ ହେଁ ପୁରୁଣା ବିଦ୍ୟୁତ ତାର ପରିବର୍ତ୍ତନ କରାଯାଇ ନ ଥିବା ଜଣାପଡିଛି।

# ସଂଶୋଧିତ ଚୂଡାନ୍ତ ଭୋଟର ତାଲିକା ୨୦୨୦ ଯୋଗାଣ ନିମନ୍ତେ ବୈଠକ

**ଭବାନୀପାଟଣା, ୧୬।୨ (ଡି.ଏନ.ଏ.)**

ଭବାନୀପାଟଣା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲାପାଳ ସୁଶାନ୍ତ କୁମାର ସିଂଙ୍କ ଅଧକ୍ଷତାରେ ସଂଶୋଧିତ ଚୂଡାନ୍ତ ଭୋଟର ତାଲିକା ୨୦୨୦ ଯୋଗାଣ ନିମନ୍ତେ ଜିଲାରେ ଥିବା ବିଭିନ୍ନ ରାଜନୈତିକ ଦଳ ଓ କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଚୂଡାନ୍ତ ତାଲିକା ୭୭-ଲାଞ୍ଜିଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ, ୮୦-ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଓ ୮୧-ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଯୋଗାଇ ଦିଆଯିବ। ଭୋଟରମାନେ ବିଏଲ୍‌ଓ (ବ୍ଲକ ଲେବୁଲ ଅଫିସର)ମାନଙ୍କ ପାଖରୁ ଏହି ସଂଶୋଧିତ ଭୋଟର ତାଲିକା ଦେଖି ପାରିବେ ଓ ଯଦି କୌଣସି ଭୁଲ କିମ୍ବା ତ୍ରୁଟି ଥାଏ ତେବେ ଆସନ୍ତା ଜୁନରେ ସେମାନେ ନିଜ ନାମ ସଂଶୋଧନ କରିପାରିବେ। ବିଭିନ୍ନ ରାଜନୈତିକ ଦଳକୁ ମାଗଣାରେ ଏହି ସଂଶୋଧିତ ଭୋଟର ତାଲିକା ଗୋଟିଏ କପି ଲେଖାଏଁ ଯୋଗାଇ ଦିଆଯିବ। ବୈଠକରେ ଡେପୁଟି କଲେକ୍ଟର ଜ୍ୟୋତ୍ସ୍ନାମୟୀ ମାଝି, ବିଜୁ ଜନତାଦଳ ତରଫରୁ ଅସେଶ୍ୱର ବାଗ, ଭାଜପା ତରଫରୁ ଜୟଶଂକର ନାଏକ, କଂଗ୍ରେସ ତରଫରୁ ଉତ୍ସବ ସାହୁ, ସିପିଆଇ ନବକିଶୋର ପଟ୍ଟନାୟକ, ବିଏସ୍‌ପି ଦଳ ତରଫରୁ ବୀରବର ଜେନା, କ୍ରାନ୍ତିମୋର୍ଚ୍ଚା ଦଳ ତରଫରୁ ଯୁବରାଜ ଛତ୍ରିଆ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା ନେଇ ବୈଠକରେ ଆଲୋଚନା କରାଯାଉଛି।



ଜିଲାସ୍ତରୀୟ ବୈଠକରେ ମଞ୍ଚାସୀନ ଅତିଥି ।

# ଦକ୍ଷିଣିକ ସାଂସ୍କୃତିକ ଶୈଣ୍ଡିକ ସମାଜର ଜିଲାସ୍ତରୀୟ ବୈଠକ

**କୋକସରା,୧୬।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ ରବିବାର କଳାହାଣ୍ଡି ଜିଲାସ୍ତରୀୟ ଦକ୍ଷିଣିକ ସାଂସ୍କୃତିକ ଶୈଣ୍ଡିକ ସମାଜର ସଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ କଳାହାଣ୍ଡି ଜିଲା ଦକ୍ଷିଣିକ ସାଂସ୍କୃତିକ ଶୈଣ୍ଡିକ ସମାଜ ସଭାପତି ଦୟାନିଧି ସାହୁ, ଜିଲା ସମ୍ପାଦକ ଥବିର ପ୍ରଶାଦ ସାହୁ, ଜିଲା କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ଚୈିଧୁରୀ, କୋକସରା ବ୍ଲକ ସଭାପତି ହେମନ୍ତ ଚନ୍ଦ୍ର ସାହୁ, ଜିଲା କୋଷାଧକ୍ଷ ଶେଷଦେବ ସାହୁ, ଜିଲା ସହ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସାମଜିକ, ରାଜନୈତିକ, ଅର୍ଥନୈତି, ଶିକ୍ଷା ସଚେତନେତା ସହ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚମ ଦକ୍ଷିଣିକ ସାଂସ୍କୃତିକ ଶୈଣ୍ଡିକ ସମାଜର ମହାସଭା ପାଇଁ କର୍ମକର୍ତ୍ତା ଚୟନ କରିବାକୁ ନିଷ୍ପତ୍ତି କରିଥିଲେ। ଏଥିସହ କିଭଳି କାର୍ଯ୍ୟ ପରିଚାଳନା କରାଯିବ ସେ ନେଇ ଆଲୋଚନା ହୋଇଥିଲା। ସଭାରେ କଳାହାଣ୍ଡି ଜିଲାର ସମସ୍ତ ବ୍ଲକ ସଭାପତି, ସମ୍ପାଦକ, କୋଷାଧକ୍ଷ ଓ ଆଞ୍ଚଳିକ କମିଟି କର୍ମକର୍ତ୍ତାମାନେ ଯୋଗଦେଇ ନିଜର ମତାମତ ଦେଇଥିଲେ। ମହାସଭା ପରିଚାଳନା ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ବ୍ୟାମକେଶ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧକ୍ଷ ଭାବରେ ତ୍ରିଲୋଚନ ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋକସରା ବ୍ଲକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସହସମ୍ପାଦକ ବସନ୍ତ କୁମାର ସାହୁ, ରଜନିକାନ୍ତ ଚୈିଧୁରୀ, ଉମେଶ ଚନ୍ଦ୍ର ସାହୁ, ପ୍ରେମଲାଲ ସାହୁ, କୈଳାଶ ଚନ୍ଦ୍ର ଚୈିଧୁରୀ, ରାକେଶ କୁମାର ସାହୁ, ସରତ ଚନ୍ଦ୍ର ସାହୁ, ଅର୍ଜୁନ ସାହୁ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ଅଚ୍ୟୁତ କୁମାର ସାହୁ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିବାବେଳେ ଶ୍ରବଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୪ ଚାଇନା ଫେରନ୍ତାଙ୍କ ଉପରେ ତୀକ୍ଷ୍ଣ ନଜର

**ଭବାନୀପାଟଣା,୧୬।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ କରୋନା ଭୂତାଣୁ ନେଇ ସତର୍କତା ଅବଲମ୍ବନ କରାଯାଇଛି। ଏଠାରେ ଏ ପର୍ଯ୍ୟନ୍ତ ସଂକ୍ରମଣର କୌଣସି ସନ୍ଦେହ କିମ୍ବା ରୋଗୀ ଚିହ୍ନଟ ହୋଇ ନ ଥିଲେ ହେଁ ଚାଇନା ଫେରନ୍ତା ୪ ଜଣଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଛି ଜିଲା ସ୍ୱାସ୍ଥ୍ୟ ବିଭାଗ। ଏମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିଠି ଲେଖିଛି। ପ୍ରକାଶ ଯେ, କଲମପୁର ବ୍ଲକ ଜଣେ ମହିଳା, କେସିଙ୍ଗା ବ୍ଲକ ଜଣେ ବ୍ୟକ୍ତି ଓ ଲାଞ୍ଜିଗଡ ବ୍ଲକର ଜଣେ ପୁରୁଷ ଓ ଜଣେ ମହିଳା ମାସେ ତଳେ ଚାଇନାରୁ ଫେରିଥିଲେ। କରୋନା ବିଶ୍ୱବ୍ୟାପୀ ଆତଙ୍କ ଖେଳାଇଥିବା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଚାଇନା ଫେରନ୍ତା ଏହି ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଆସନ୍ତା ୨୮ ଦିନ ପର୍ଯ୍ୟନ୍ତ ନଜର ରଖାଯିବ। ଏ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କଲମପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ କେସିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିଠି ଲେଖିଛି। ଏହି ୪ ଜଣଙ୍କ ମଧ୍ୟରେ ଏଯାଏ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇ ନ ଥିବାବେଳେ ଆଗୁଆ ସତର୍କ ରହିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗୁଲାଲ ଅଗ୍ରୱାଲଙ୍କୁ ପଚାରିବାରୁ କହିଛନ୍ତି, ଚାଇନାରୁ ଫେରିଥିବା ୪ ଜଣଙ୍କ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ଜଣାଇ ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତିରେ କରୋନା ଭୂତାଣୁ ନେଇ ଭୟର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

# ଧର୍ମଗଡ଼ ସାହିତ୍ୟ ସଂସଦର ବସନ୍ତ ମହୋତ୍ସବ

**ଧର୍ମଗଡ଼,୧୬।୨ (ଡି.ଏନ.ଏ.)**

ଓଡ଼ିଆ ଭାଷା ଆଗରୁ ଯେତେ ସମୃଦ୍ଧ ଥିଲା, ବର୍ତ୍ତମାନ ଆଧୁନିକତାର ଚାପରେ ତାହା ଆଉ ହୋଇପାରୁନାହିଁ। ଓଡିଆ ଭାଷାକୁ ସମୃଦ୍ଧ କରିବା ପାଇଁ ଆମେ ସମସ୍ତେ ପ୍ରୟାସ ଜାରି ରଖିବା ଉଚିତ। ଓଡ଼ିଆ ଆମର ମାତୃଭାଷା। ମାତୃଭାଷା ପ୍ରତି ଅନୁରକ୍ତି ଥିଲେ ସାହିତ୍ୟ ସ୍ୱତଃ ସମୃଦ୍ଧ ହୋଇଉଠେ। କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଖଇରପଦରଠାରେ ରବିବାର ଧର୍ମଗଡ ସାହିତ୍ୟ ସଂସଦ ଏବଂ ଖଇରପଦର କପେଳେଶ୍ୱର ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ବସନ୍ତ ମହୋତ୍ସବରେ ବିଶିଷ୍ଟ କବିମାନେ ଏହା କହିଛନ୍ତି ।

ସାହିତ୍ୟକୁ କିଭଳି ଭାବେ ପୁର୍ନଜୀବିତ କରାଯିବ ଏବଂ ଅଞ୍ଚଳରେ ସାହିତ୍ୟର ପ୍ରଚାର ପ୍ରସାର କରିବା ପାଇଁ ସାହିତ୍ୟ ବା ସାରସ୍ୱତ ସାଧନା କ୍ଷେତ୍ରରେ ଯେଉଁମାନେ ଚେଷ୍ଟା ଜାରି ରଖିଛନ୍ତି, ସେମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଅଧିକରୁ ଅଧିକ ସାହିତ୍ୟ ଜଗତକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଏହି ବସନ୍ତ ମହୋତ୍ସବ ଆୟୋଜିତ ହୋଇଛି। ବିଶିଷ୍ଟ ସାହିତ୍ୟିକ ତଥା ବରିଷ୍ଠ ଆଇନଜୀବୀ ଚିନ୍ତାମଣି ପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ବସନ୍ତର ଆଗମନରେ କବି ପ୍ରାଣର ପୁଳକ ଉଦଯିବିତ ହୋଇଉଠେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଜନ୍ମେଜୟ ପାତ୍ର ଉତ୍ସବ ଉଦ୍‌ଘାଟନ କରିଥିଲେ। ଏଥିରେ ସାହିତ୍ୟିକ ପ୍ରତାପ କିଶୋର ମୁଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଭଳି ସମାବେଶ ଦ୍ୱାରା ଅଞ୍ଚଳର ବହୁ ସାହିତ୍ୟ ପ୍ରେମୀମାନଙ୍କୁ ସହିତ୍ୟ ପ୍ରତି ଆହୁରୁ ପ୍ରୋତ୍ସାହନ ଯୋଗାଇବ ଏବଂ ପରବର୍ତ୍ତୀ ପିଢୀ ପାଇଁ ସାହିତ୍ୟିକ ବାତାବରଣ ସୃଷ୍ଟି କରିବା ବର୍ତ୍ତମାନ ପିଢୀର କର୍ତ୍ତବ୍ୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ସାହିତ୍ୟିକ ଡ.ତପନ କୁମାର ରଥ, ବିଶିଷ୍ଟ ବକ୍ତା ସତ୍ୟ ନାରାୟଣ ମୁଣ୍ଡଛିନା, କବି ମୀନା କୁମାରୀ ମୁଣ୍ଡ ପ୍ରମୁଖ ଯୋଗଦେଇ ଆଜିର ସାହିତ୍ୟରେ ମାନବୀୟ ମୁଲ୍ୟବୋଧ ଓ ସାମାଜିକ ଅଙ୍ଗିକାର ବଦ୍ଧତାରେ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଧର୍ମଗଡ ସାହିତ୍ୟ ସଂସଦ ସଭାପତି ଲିଙ୍ଗରାଜ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସଞ୍ଜୀବ କୁମାର ମୁଣ୍ଡ ସ୍ୱାଗତ ଭାଷଣ ଓ ଶିକ୍ଷାବିତ ଧବଳେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ କରାଯାଇଥିଲା। ଏଥିରେ ଅତିଥି ଭାବେ ଅଧ୍ୟାପକ ସୀମା ମିଶ୍ର, ରବୀନ୍ଦ୍ର ନାଥ ଖମାରୀ, ସତ୍ୟନାରାୟଣ ରାଜପୁତ, ହେମନ୍ତ ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। କପେଳେଶ୍ୱର ସାଂସ୍କୃତିକ ପରିଷଦ ଉପଦେଷ୍ଟା ସତ୍ୟ ନାରାୟଣ ପାତ୍ର, ଯୁବ କବି ମାନସ ମୁଣ୍ଡ, କବି ଶାନ୍ତନୁ ପରିଡା, ଅର୍ଜୁନ ପାଣିଗ୍ରାହୀ, କବି ରାଜେଶ ମୁଣ୍ଡ, ଡା.ନୃସିଂହ ନନ୍ଦ ସାମ୍ବଲ, ରମାକାନ୍ତ ନେଗୀ, ମନୋରଞ୍ଜନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ କବି ତଥା ଗାଳ୍ପିକ କ୍ଷୀତିଶ ଚନ୍ଦ୍ର ଜୋଷୀଙ୍କୁ ଧର୍ମଗଡ ସାହିତ୍ୟ ସଂସଦ ସମ୍ମାନ-୨୦୨୦ରେ ସମ୍ମାନିତ କରାଯାଇଥିବା ବେଳେ କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ପୁରସ୍କାରପ୍ରାପ୍ତ କବି ଜୟଦ୍ରଥ ସୁନା ଏବଂ କଳାହାଣ୍ଡି ବରପୁତ୍ର ସମ୍ମାନରେ ସମ୍ମାନିତ ସତ୍ୟ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।




ବସନ୍ତ ମହୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଏନ୍‌ୱାଇଏସ୍ ଧର୍ମଗଡ଼ ବିଜୟୀ

**ଭବାନୀପାଟଣା,୧୬।୨ (ଡି.ଏନ.ଏ.)**

**ପ୍ରଥମ କଳାହାଣ୍ଡି ସିନିୟର ଆନ୍ତଃଜିଲା କ୍ରିକେଟ ଲିଗ୍ ଦ୍ୱିତୀୟ ଦିବସ**

କଳାହାଣ୍ଡି ଜିଲା କ୍ରୀଡ଼ାସଂସ୍ଥା ଆନୁକୂଲ୍ୟରେ ଚାଲିଥିବା ପ୍ରଥମ କଳାହାଣ୍ଡି ସିନିୟର ଅନ୍ତଃଜିଲା କ୍ରିକେଟ୍ ଲିଗର ଶନିବାର ଦ୍ୱିତୀୟ ମ୍ୟାଚ୍ ଏନ୍‌ୱାଇଏସ୍ ଧର୍ମଗଡ ବନାମ ଏସ୍‌ସିସି ଭବାନୀପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏସ୍‌ସିସି ଭବାନୀପାଟଣା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୩୨.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୬ ରନ୍ କରିଥିଲା। ଜବାବ୍‌ରେ ଏନ୍‌ୱାଇଏସ୍ ଧର୍ମଗଡ ବ୍ୟାଟିଂ କରି ୨୮.୧ ଓଭରରେ ୫ ଉଇକେଟରେ ୧୬୭ ରନ୍ କରି ବିଜୟୀ ହୋଇଥିଲା। ବିପ୍ଳବ ସିଂ ଓ ରମେଶ ସାହୁ ଖେଳ ପରିଚାଳନା କରିଥିଲେ। ଓସିଏ ଡିଜିଟାଲ ସ୍କୋରର୍ ସେକ କୁତ୍‌ବୁଦ୍ଧିନ, ସ୍କୋରର୍ ଭାବେ ପ୍ରଭାତ କୁମାର ବ୍ରହ୍ମା, ମ୍ୟାଚ୍ ରେଫରି ଭାବେ ସାଜୁ ବାଲାନ, କ୍ରିକେଟ ସମ୍ପାଦକ ସଂନ୍ତ ସିଂ କାର୍ଯ୍ୟ ତୁଲାଇଥିଲେ। ଖେଳରେ ଅତିଥି ଭାବେ ପୂର୍ବତନ କଳାହାଣ୍ଡି କ୍ରିକେଟ ଦଳର କ୍ୟାପଟେନ୍ ତଥା ସିନିୟର ସିଲେକ୍ଟର ଜିରେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ରିଡାସଂସ୍ଥା ସାଧାରଣ ସମ୍ପାଦକ ତଥା ଓଡିଶା ଆଥେଲେଟିକ ଆସୋସିଏଶନ୍‌ର ସଭାପତି ଜଗମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଂସ୍ଥା ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିସିସିଆଇ କ୍ୟୁରେଟର ପଙ୍କଜ କୁମାର ପଟ୍ଟନାୟକ, ସଂସ୍ଥାର ଯୁଗ୍ମ ସମ୍ପାଦକ ସୁନିଲ କୁମାର ବେହେରା ଓ କାଳୀ ପ୍ରସାଦ ପଟ୍ଟନାୟକ, ନିର୍ମଳ ସିଂ, ଅବଦୁଲ କାଦର ଖାଁ, ଚକ୍ରଧର ସେଠୀ, ଅଭୟ ବାଗ, ଧିରେନ୍ କୁମାର ପଟ୍ଟନାୟକ, ବରିଷ୍ଠ ସଭ୍ୟ ଭିକାରୀ ମିଶ୍ର, ଅଶୋକ ପଟ୍ଟନାୟକ, ବିପିନ ମିଶ୍ର, ଜୟ ସାହୁ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

# ଚୋରି ଟଙ୍କା, ଗହଣା ଜବତ: ୨ କୋର୍ଟ ଚାଲାଣ

**କେସିଙ୍ଗା/ଭବାନୀପାଟଣା, ୧୬।୨ (ଡି.ଏନ.ଏ.)**

**ଆଲମିରା ଭାଙ୍ଗି ଚୋରି ଘଟଣା**
- କେସିଙ୍ଗା ଥାନାରେ ଅଭିଯୋଗ

କଳାହାଣ୍ଡି ଜିଲା କେସିଙ୍ଗା ଥାନାଠାରୁ ୩ କି.ମି. ଦୂର ୯ ନଂ. ୱାର୍ଡ ପାଢ଼ୀ କଲୋନୀଠାରେ ଗତ ଶୁକ୍ରବାର ଚୋରି ହୋଇଥିବା ଟଙ୍କା, ସୁନା ଓ ରୂପା ଉଦ୍ଧାର କରାଯାଇଛି। ଏହି ଘଟଣାରେ ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏଥିରେ ସାମିଲ ଜଣେ ନାବାଳକଙ୍କୁ ବାଳ ସୁଧାଗାରକୁ ପଠାଯାଇଛି। ଗିରଫମାନେ ହେଲେ ସୁରଜ କଟା (୨୩), ୯ ନଂ. ୱାର୍ଡର ହରେକୃଷ୍ଣ ମୁନା ପାଢ଼ୀ (୧୮) ଏବଂ ଜଣେ ନାବାଳକ ରହିଛନ୍ତି। ଚୋରଙ୍କଠାରୁ ୧ ଲକ୍ଷ ୧୩ ହଜାର ୪୧୫ ଟଙ୍କା ଓ ସୁନା, ରୂପା ମଧ୍ୟ ଜବତ କରାଯାଇଛି ।

ସୂଚନାଯୋଗ୍ୟ ଯେ, ପାଢ଼ୀ କଲୋନୀର ମଧୁସୂଦନ ଠାକୁର (୪୦) ଓ ତାଙ୍କ ସ୍ତ୍ରୀଙ୍କ ସହିତ ଗତ ଗୁରୁବାର ବିଶାଖାପାଟଣାକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିଲେ। ମଧୁସୂଦନଙ୍କ ଏକ ଦୋକାନ ମଧ୍ୟ ରହିଛି। ଦୋକାନ ଜିନିଷ ବିକ୍ରି ପାଇଁ ଶାଶୁଙ୍କୁ ଦାୟିତ୍ୱ ଦେଇଥିଲେ। ଗତ ଶୁକ୍ରବାର ଦୋକାନ ଖୋଲି ରାତ୍ରି ସାଢ଼େ ୯ଟାରେ ବନ୍ଦ କରି ଦୋକାନଠାରୁ ୩୦୦ ମିଟର ଦୂର ଘରକୁ ଯାଇଥିଲେ। ମଧୁସୂଦନ ଓ ତାଙ୍କ ସ୍ତ୍ରୀ ଘରେ ନ ଥିବା ସୁଯୋଗ ଦେଖି କେସିଙ୍ଗା ଷ୍ଟେଶନପଡାର ସୁରଜ, ୯ ନଂ. ୱାର୍ଡର ହରେକୃଷ୍ଣ ଓ ଜଣେ ନାବାଳକ ପ୍ରଥମେ ଦୋକାନରୁ ୧୫ ହଜାର ଟଙ୍କା ଚୋରି କରିଥିଲେ। ମଧୁସୂଦନଙ୍କ ଘରକୁ ଯାଇ ଲୁହା ଆଲମିରା ଭାଙ୍ଗି ନଗଦ ୨ ଲକ୍ଷ ଟଙ୍କା, ସୁନା ୬ ଭରି, ୧୦ ଭରି ରୁପା ଚୋରି କରି ନେଇଯାଇଥିଲେ। ବିଶାଖାପାଟଣାରୁ ଗତ ଶୁକ୍ରବାର ରାତି ୩ଟାରେ ମଧୁସୂଦନ ଓ ତାଙ୍କ ସ୍ତ୍ରୀ ଘରେ ପହଞ୍ଚିବା ବେଳେ ଘର ମୁଖ୍ୟ କବାଟ ଖୋଲା ଥିବା ଦେଖି ସନ୍ଦେହ କରିଥିଲେ। ଆଲମିରା ଦେଖିବା ବେଳେ ଭଙ୍ଗାଯାଇ ଟଙ୍କା, ସୁନା, ରୂପା ଚୋରି ହୋଇଥିବା ଜାଣିଥିଲେ । ଏ ସଂକ୍ରାନ୍ତରେ ମଧୁସୂଦନ ଗତ ଶନିବାର କେସିଙ୍ଗା ଥାନାରେ ଅଭିଯୋଗ କରିଥିଲେ। କେସିଙ୍ଗା ପୋଲିସ ତଦନ୍ତ କରି ୩ଜଣଙ୍କୁ ଗିରଫ କରିଥିଲେ । ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ. ୨୬/୨୦) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।



ପୋଲିସ ଗିରଫ ୨ ଜଣଙ୍କୁ ହାଜର କରିଛି । ଜବତ ଚୋରି ଟଙ୍କା, ଗହଣା ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦା।
-ସକ୍ରେଟିସ୍



## ସଂକ୍ଷେପରେ

### ହରଗୌରୀ ଯୁବକ ସଂଘର ନୂତନ କର୍ମକର୍ତ୍ତା

**କର୍ଲାମୁଣ୍ଡା,୧୬।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁର୍ଣ୍ଣୁଲାସ୍ଥିତ ହରଗୌରି ଯୁବକ ସଂଘର ନୂତନ କର୍ମକର୍ତ୍ତା ଚୟନ ରବିବାର ହୋଇଯାଇଛି । ଏହି ଅବସରରେ ବୈଠକରେ ଯୁବକ ସଂଘ ପ୍ରତିଷ୍ଠାତା ସଦସ୍ୟ ଜନ୍ମେଜୟ ସାହୁଙ୍କ ସଭାପତିତ୍ୱରେ ସଂଘର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ସହ ପରିବେଶ ସୁରକ୍ଷା, କ୍ରୀଡା ସଂସ୍କୃତି ସୁରକ୍ଷା ଦିଗରେ ଯୁବକ ସଂଘ ପ୍ରାଧାନ୍ୟ ଦେବାକୁ ଆଲୋଚନା ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଶୋଭାକର ଜାନୀ, ଉପସଭାପତି ଭାବେ ପ୍ରଫୁଲ୍ଲ କୁମାର ବଡମାଲି, ସମ୍ପାଦକ ପଦ୍ମନାଭ ବନଛୋର, ସହସମ୍ପାଦକ ତରୁଣ ଜାନୀ, କୋଷାଧ୍ୟକ୍ଷ କ୍ଷୀରସାଗର ସାହୁ, ସାଂସ୍କୃତିକ ସମ୍ପାଦକ ସୁଶାନ୍ତ ଜାନୀ, କ୍ରୀଡା ସମ୍ପାଦକ ଗୁରବାରୁ ସାହୁ, ସଭ୍ୟଭାବେ କୈତୁକ ସାହୁ, ହିରମଣୀ ଜାନୀ, ଦିବ୍ୟକାନ୍ତ ନାଗ, କ୍ଷୀରୋଦ ଚନ୍ଦ୍ର ବଡମାଲି, ଅନୁସାୟା ନାଏକ, ପୁଷ୍ପା ଜାନୀ ମନୋନୀତ ହୋଇଛନ୍ତି। ଉପଦେଷ୍ଟା କମିଟିରେ ଜନ୍ମେଜୟ ସାହୁ, କୈଚାତ ଜାନୀ, କଂସପ୍ରସାଦ ଜାନୀ, ହେମସାଗର ସାହୁ, ପଙ୍କଜ ସାହୁ ମନୋନୀତ ହୋଇଥିବା ଯୁବକ ସଂଘ ପକ୍ଷରୁ କୁହାଯାଇଛି ।

# ଗାଁ ସଫେଇ ପାଇଁ ଆଗକୁ ଆସିଲେ ଯୁବ ସମାଜ

**ନୂଆପଡା ଅଫିସ,୧୬।୨**

ସରକାରୀସ୍ତରରେ ସ୍ୱଚ୍ଛତା ଅଭିଯାନ ସକାଶେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହାର କାର୍ଯ୍ୟକାରୀତା ଏବଂ ସଚେତନତା ସକାଶେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଉଛି। ହେଲେ ବର୍ତ୍ତମାନ ଯୁବ ସମାଜ ସ୍ୱତଃପ୍ରବୃତ ଭାବେ ଆଗକୁ ଆସି ବିଭିନ୍ନ ଜାଗାରେ ସଫେଇ, ଲୋକଙ୍କୁ ପାନୀୟ ଜଳ ବ୍ୟବସ୍ଥା, ରୋଗୀ ସେବା ଭଳି ସାମାଜିକ ସେବା କାର୍ଯ୍ୟ କରୁଥିବା ଦେଖାଯାଇଛି। ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ସ୍ପୋର୍ଟ୍ସ ଆଣ୍ଡ ଆଥଲେଟିକ୍ସ କ୍ଲବ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ।

ନୂଆପଡା-ବଲାଙ୍ଗୀର ଜିଲା ସୀମାନ୍ତରେ ଥିବା କୋମନା ବ୍ଲକ ବୁଦ୍ଧିକୋମନା ଏକ ବଡ ଗାଁ। ଏଠାରେ ୩ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଥିବାବେଳେ ଅର୍ଦ୍ଧାଧିକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ବାସ କରୁଛନ୍ତି । ଲୋକଙ୍କ ଜୀବନ ଜିବିକା କହିଲେ କୃଷି ଉପରେ ନିର୍ଭର କରି ଚଳିଥାନ୍ତି। ଗାଁରେ ପଶ୍ଚିମ ଓଡିଶାର ଏକ ପ୍ରସିଦ୍ଧ ଶୈବପୀଠ ପାତାଳେଶ୍ୱର ମନ୍ଦିର ରହିଛି । ଗାଁକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବାକୁ ଏଠିକାର ସ୍ପୋର୍ଟ୍ସ ଆଣ୍ଡ ଆଥଲେଟିକ୍ସ କ୍ଲବ ଅଣ୍ଟା ଭିଡିଛି । ସ୍ଥାନୀୟ ଗ୍ରାମପଞ୍ଚାୟତ ସହାୟତାରେ ଯୁବକମାନେ କାନ୍ଧକୁ କାନ୍ଧ ମିଳାଇ ଗାଁ ସଫେଇ ପାଇଁ ଘରୁ ବାହାରିଛନ୍ତି । ଗାଁ ରାସ୍ତା ଦୁଇକଡରେ ଥିବା ଡ୍ରେନଗୁଡିକରେ ବହୁବର୍ଷ ଧରି ମଇଳା ଭର୍ତ୍ତି ହୋଇ ରହିଥିଲା। ଏହାକୁ ସଫା କରିବାକୁ ବାହାରିଛନ୍ତି । ସମସ୍ତଙ୍କ ହାତରେ କୋଦାଳ ସହ ଝାଡୁ ରହିଛି। ସକଳା ୯ଟାରୁ ବାହାରି ୧୨ଟା ଯାଏଁ ଶ୍ରମଦାନ କରୁଥିବା ଦେଖାଯାଇଛି। ରାସ୍ତାରେ କାମ କରିବା ସହ ବିଭିନ୍ନ ସମୟରେ ସଫେଇକୁ ନେଇ ନାନାଦି ସ୍ଲୋଗାନମାନ ଦେଉଛନ୍ତି । ପ୍ରତ୍ୟେକ ପରିବାର ମୁଖିଆଙ୍କୁ ଯାଇ ସଫେଇର ବାର୍ତ୍ତା ଦେଉଛନ୍ତି । ଏଥିରେ କ୍ଲବର ସଭାପତି ଶିବ ଶଙ୍କର ପଣ୍ଡା, ସମ୍ପାଦକ କ୍ଷୀରସିଂ ଶବର, ଆଲୋକ ଶବର, କାଳିଆ ହଂସ, ରାଜୁ ଶବର, ଗୋଲାର ଶବର, ମତିରାମ ଶବର, ଅମିତ ଶବର, ବାଦଲ ଶବର ପ୍ରମୁଖ ସାମିଲ ରହିଛନ୍ତି। ଏହା ଉପରେ କୌଣସି ସରକାରୀ ଅନୁଦାନ ପାଇ ନ ଥିବାବେଳେ ଆଗକୁ ପ୍ରଶାସନିକ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଅନ୍ୟାନ୍ୟ ସେବା ଭିତ୍ତିକ କାମ ତ୍ୱରାନ୍ୱିତ ହୋଇପାରିବ ବୋଲି ଯୁବକମାନେ ମତ ପ୍ରକାଶ କରିଛନ୍ତି ।



ଗାଁ ରାସ୍ତାରେ ସଫେଇ କାମ କରୁଥିବା ଯୁବକ ସଂଘ କର୍ମକର୍ତ୍ତାମାନେ।

**ବୁଦ୍ଧିକୋମନା-ସ୍ପୋର୍ଟ୍ସ ଆଥଲେଟିକ୍ସ କ୍ଲବ**

# କୋମନା ଜୁନିୟର କଲେଜରେ କ୍ୟାରିୟର କାଉନସେଲିଂ

**କୋମନା,୧୬।୨ (ଡି.ଏନ.ଏ.)**

ନୂଆପଡ଼ା ଜିଲା କୋମନାସ୍ଥିତ ପଞ୍ଚାୟତ ସମିତି ଜୁନିୟର ମହାବିଦ୍ୟାଳୟରେ ଯୁବ ସମ୍ବଳ କେନ୍ଦ୍ର, ନେହେରୁ ଯୁବ କେନ୍ଦ୍ର ନୂଆପଡା ପକ୍ଷରୁ ଯୁକ୍ତ ୨ ବିଜ୍ଞାନ ଏବଂ କଳା ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ସମ୍ବଳ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ସିଦ୍ଧେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଆସୁତୋଷ ଦାସ, ସଂକୀର୍ତନ୍ୟ ମିଶ୍ର, ଶେଷଦେବ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ସମାପ୍ତ କରିବା ପରେ ଛାତ୍ରୀଛାତ୍ରମାନେ କେଉଁ ବିଷୟ ଉପରେ ପାଠ ପଢି ପାରିବେ ଏବଂ ନିଜ କ୍ୟାରିୟର କିପରି ଭାବେ ନିର୍ଦ୍ଧାରଣ କରିବେ ସେ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ନେହେରୁ ଯୁବକେନ୍ଦ୍ର ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀ ଟିକେଶ୍ୱର ହଂସ, ବିକ୍ରମ ରଣା, ସଙ୍ଗୀତା ଶବର ପ୍ରମୁଖ ସହଯୋଗ କରିଥିଲେ ।




କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଟ୍ରେଡ ରିଟେଲ ଛାତ୍ରୀଙ୍କ ଇଣ୍ଡଷ୍ଟ୍ରି ପରିଦର୍ଶନ

**କର୍ଲାମୁଣ୍ଡା,୧୬।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଅଧ୍ୟୟନ ରତ ଧନ୍ଦାମୂଳକ ଶିକ୍ଷା (ଟ୍ରେଡ ରିଟେଲ) ୩୬ ଜଣ ଛାତ୍ରୀମାନେ ଶନିବାର ଇଣ୍ଡଷ୍ଟ୍ରି ପରିଦର୍ଶନ କରିଛନ୍ତି । ଏଥିରେ ଧନ୍ଦାମୂଳକ ଶିକ୍ଷା ଟ୍ରେନର ନୃପରାଜ ସାହୁ, ଖେଳ ଶିକ୍ଷକ କୃପାସିନ୍ଧୁ ପୁଟେଲଙ୍କ ନେତୃତ୍ୱରେ ନିକଟସ୍ଥ ଦେଉଳଗୁଡି ଛକରେ ରାଜକୁମାର ଅଗ୍ରୱାଲଙ୍କ କିରାନାଷ୍ଟୋର ଓ ଦିନେଶ ହାଡୱେର ଷ୍ଟୋରକୁ ପରିଦର୍ଶନ କରି ବ୍ୟବସାୟର 'ପଦ୍ଧତି' ଲାଭକ୍ଷତି ଉପରେ ଶିଖିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ବିଜୟ କୁମାର ପୁରୋହିତ ଛାତ୍ରୀମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପାଇଁ ଉତ୍ସାହିତ କରିଥିବା ବେଳେ କାର୍ଯ୍ୟକ୍ରମଟି ଓଡିଶା ସରକାର ଓ ସ୍କିଲ ଇଣ୍ଡିଆ, ଧନ୍ଦାମୂଳକ ଶିକ୍ଷାର ଟ୍ରେନିଂ ପାଟନର ଟାଇମସ୍ ସେଣ୍ଟର ଫର ଲରନିଙ୍ଗ ଲିମିଟେଡ ସହଯୋଗ କରିଥିଲେ।




ଅଧ୍ୟୟନରତ ଧନ୍ଦାମୂଳକ ଶିକ୍ଷାର ୩୬ ଜଣ ଛାତ୍ରୀ ଇଣ୍ଡଷ୍ଟ୍ରି ପରିଦର୍ଶନ କରୁଛନ୍ତି।

# ଉତ୍ତୁଙ୍ଗ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା,୧୬।୨ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଉତ୍ତୁଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ନାରାୟଣ ନିଆଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶଗଡା ସରପଞ୍ଚ ରକ୍ମିଣୀ ମାଝି, ମୁଖ୍ୟବକ୍ତା ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ, ସମ୍ମାନିତ ଅତିଥି ଏବିଇଓ ଠାକୁର ସାହୁ, ୱାର୍ଡ ସଭ୍ୟ ଧନୁର୍ଯ୍ୟ ସାହୁ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଧନଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କବି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।




ଜୁନାଗଡ଼ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅଧିକାରୀବୃନ୍ଦ ।

# ବିଦ୍ୟୁତ୍‌ଜନିତ ସମସ୍ୟା ସମାଧାନ ପାଇଁ ଜରୁରୀ ବୈଠକ

**ଜୁନାଗଡ,୧୬।୨ (ଡି.ଏନ.ଏ.)**

- ତତ୍ପରତା ଦେଖାଇଲା କଳାହାଣ୍ଡି ଜିଲା ପ୍ରଶାସନ
- ବସ୍‌ରେ ୧୧ କେଭି ବିଦ୍ୟୁତ୍ ତାର ଲାଗି ୧୦ଜଣଙ୍କ ମୃତ୍ୟୁ ଘଟଣା ପରେ

ଗତ ୯ ତାରିଖରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଡରାଜପୁର ଛକ ନିକଟରେ ସିଲକି ସିଟି ନାମକ ଏକ ଘରୋଇ ବସ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ୧୦ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଗୁରୁତର ହୋଇଥିଲେ। ଏହି ଘଟଣା ପରେ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ତତ୍ପରତା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ରବିବାର କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସଭାଗୃହଠାରେ ଜରୁରୀକାଳିନ ବୈଠକ ହୋଇଥିଲା। ଏଥିରେ ଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ବିଦ୍ୟୁତ ବିଭାଗ ଏସ୍‌ଡିଓ ମନୋଜ କୁମାର ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, ଜିପିଓ ସିର୍ଦ୍ଧେଶ୍ୱର ମେହେର ପ୍ରମୁଖ ଯୋଗଦେଇ ବିଦ୍ୟୁତଜନିତ ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋଚନା କରିଥିଲେ। ଜୁନାଗଡ ବ୍ଲକ ଅଞ୍ଚଳରେ ବିପଦଜନକ ଅବସ୍ଥାରେ ଝୁଲି ରହିଥିବା ୧୧ କେଭି ବିଜୁଳି ତାର, ଅଳ୍ପ ଉଚ୍ଚତା ବିଦ୍ୟୁତ ପୋଲ, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଉପର ଦେଇଯାଇଥିବା ବିଦ୍ୟୁତ ତାର, କ୍ଷତିଗ୍ରସ୍ତ ବିଦ୍ୟୁତ ପୋଲ, ରାସ୍ତା ଅତିକ୍ରମ ହୋଇଯାଇଥିବା ବିଦ୍ୟୁତ ତାର, ଇଲେକ୍ଟ୍ରିସବ୍‌ଷ୍ଟେସନ ଚାରିଆଡେ ପାଚେରି ଦେବା ଆଦି ବିଷୟରେ ସୂଚନା ଦେବା ପାଇଁ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ପଟ୍ଟନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସମସ୍ତ ପଞ୍ଚାୟତର ପିଇଓ, ସରପଞ୍ଚ, ସମିତିସଭ୍ୟ, ଜିଆରଏସ୍, କନିଷ୍ଠ ଯନ୍ତ୍ରୀ, ବିଦ୍ୟୁତ ବିଭାଗର ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଉପରୋକ୍ତ ବିଦ୍ୟୁତ ଜନିତ ସମସ୍ୟାର ରିପୋର୍ଟ ଦେବା ପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ଏକ ଫର୍ମାଟ ସେମାନଙ୍କୁ ଦିଆଯାଇଥିଲା। ଏହି ଫର୍ମାଟରେ ସେମାନେ ନିଜ ପଞ୍ଚାୟତର ବିଦ୍ୟୁତ ଜନିତ ସମସ୍ୟା ଉପରେ ରିପୋର୍ଟ ଦେବେ। ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ ଧନ୍ୟବାଦ ଦେଇଥିଲେ।

# ଗୋହିରାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା,୧୬।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଗୋହିରାପଦର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମହାଆଡମ୍ବରେ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ଗୋଷ୍ଠୀ ଶିକ୍ଷାଧିକାରୀ ନିରୁପମା ଦୋରା, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସଚିଦାନନ୍ଦ ନାଏକ, ରାଜକୁମାର ସିଂଦେଓ, ବୁରାଟ କ୍ଲଷ୍ଟର ସିଆରସିସି ଡିସିଲାଲ ପଧାନ, ବିଦ୍ୟାଳୟ ପରିଚାଳନା କମିଟି ଚେୟାର ପର୍ଶନ କାହ୍ନୁଚରଣ ଗଉଡ ଓ ଯୁବ ଉଦ୍ୟୋଗି ଖୁଲୁରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ହରିଅର୍ଜ୍ଜୁନ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସୁଦର୍ଶନ ମହାନ୍ତି ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚରେ ଅବସରପ୍ରାପ୍ତ ଶିକ୍ଷକ ତଥା ନାଟ୍ୟଗୁରୁ ଶକ୍ତି ଶେଖର ଦାଶ, ଅବସରପ୍ରାପ୍ତ ଶିକ୍ଷକ ଓ ସଙ୍ଗୀତ ଗୁରୁ ଲକ୍ଷ୍ମଣ ବାଗ, ଗ୍ରାମର ଯୁବ ଉଦ୍ୟୋଗୀ, ସମାଜସେବୀ ଖୁଲୁରାମ ସାହୁ ଓ ବିଦ୍ୟାଳୟର ସହକାରୀ ଶିକ୍ଷକ ହରିଅର୍ଜ୍ଜୁନ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବାର୍ଷିକ କ୍ରୀଡାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଶାନ୍ତପୁର ପଞ୍ଚାୟତ ସରପଞ୍ଚ ଟିକେଧର ସାହୁ ସଭାରେ ସଭାପତିତ୍ୱ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ହରିଅର୍ଜ୍ଜୁନ ସିଂହ, ଗୋକୁଳାନନ୍ଦ ସାହୁ, ପ୍ରଶାନ୍ତ କୁମାର ସା ଓ ଶିକ୍ଷୟିତ୍ରୀ ତପସ୍ୱିନୀ ମହାପାତ୍ର, ସୁପ୍ରଭା ବାଗ ଓ କୁଞ୍ଜଲତା ନାୟକ ସହାୟତା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦର୍ଶନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

# ଅଧାପନ୍ତରିଆରେ ଭାଲୁଯୋର ପୋଲ

**ଭବାନୀପାଟଣା,୧୬।୨ (ଡି.ଏନ.ଏ.)**



ନିର୍ମାଣାଧୀନ ପୋଲ ।

**ଜୟପାଟଣା ବ୍ଲକ**

- କଚ୍ଛପ ଗତିରେ ଦୁର୍ଗମ ଶାସ୍ତୁଗୁଡା ଅଞ୍ଚଳର ବିକାଶ
- ପୋଲ ପୂର୍ଣ୍ଣାଙ୍ଗ, ସଂଯୋଗ ସମ୍ପୂର୍ଣ୍ଣ ପାଇଁ ଟଙ୍କାର ଅଭାବ

ଦୁର୍ଗମ ଅଞ୍ଚଳରେ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ସତ୍ତ୍ୱେ ଆଜି ବି ଦୁର୍ଗମ ଅଞ୍ଚଳରେ ବିକାଶ ଚିନ୍ତାକୁ ନେଇ ସରକାରଙ୍କ ସ୍ୱର ଶୀଥିଳ ହୋଇ ଉଠୁଥିବା ବେଳେ ଦିନକୁ ଦିନ ସାମ୍ପ୍ରତିକ ବିକାଶ ଧାରାରୁ ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳର ବନବାସୀଙ୍କୁ ଏକ ସାଙ୍କେତିକ ଜୀବନ ନିର୍ବାହ କରିବାକୁ ପଡୁଛି। ସୂଚନା ମୁତାବକ, କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମାଓବାଦୀପ୍ରବଣ ଇଲାକା ଧନଶୂଳୀର ଶାସ୍ତୁଗୁଡା ନିକଟରେ ପ୍ରବାହିତ ଭାଲୁଯୋର ନଦୀ ଉପରେ ଗାଁର ଆବଶ୍ୟକତାକୁ ନଜରରେ ରଖି ସରକାର ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଅନେକ ଦିନ ଧରି ସ୍ୱପ୍ନ ଦେଖାଇ ଚାଲିଲେ। ଶେଷରେ ୨୦୧୩-୧୪ ଆର୍ଥିକ ବର୍ଷରେ ୪୨ ଲକ୍ଷର ଟେଣ୍ଡର ଆହ୍ୱାନ କରି କାମ ଆରମ୍ଭ କରାଯାଇଥିଲା। ନଦୀର ଏକ ତୃତୀୟାଂଶ ସେତୁ ନିର୍ମାଣ ହୋଇଥିଲେ ମଧ୍ୟ ଗତ ୫ ବର୍ଷ ହେଲା ତାହା ଅଧାପନ୍ତରିଆ ଭାବେ ପଡି ରହିଛି। ୨୦୧୯ରେ ବିଜୁ କେବିକେ ଯୋଜନାର ଗଚ୍ଛିତ ପାଣ୍ଠିକୁ ଟେଣ୍ଡର ଆହ୍ୱାନ କରାଯାଇ ୪୭ ଲକ୍ଷ ଟଙ୍କାର ସେତୁ କାର୍ଯ୍ୟ ପୁଣି ଆରମ୍ଭ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସେତୁ କାର୍ଯ୍ୟ ଚାଲିଥିବା ବେଳେ ଲୋକଙ୍କ ମଧ୍ୟରେ ସଂଯୋଗର ଆଶା ଦ୍ୱିଗୁଣିତ ହୋଇ ସାରିଛି। ବ୍ରିଜର ପୂର୍ଣ୍ଣାଙ୍ଗ ସମ୍ପର୍କରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବାଞ୍ଛାବଟ ପାଣ୍ଡେଙ୍କୁ ପଚାରିବାରୁ ବ୍ରିଜ୍ ପୂର୍ଣ୍ଣାଙ୍ଗ ଓ ସଂଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ୪୫ ଲକ୍ଷ ଟଙ୍କାର ଆବଶ୍ୟକତା ପଡିବ ବୋଲି ପ୍ରକାଶ କରିଥିଲେ। ଏହି ଅର୍ଥ ଯୋଗାଡ଼ ପାଇଁ ପିଡି ଓ କଳାହାଣ୍ଡି ଜିଲାପାଳ ସେମାନଙ୍କ ଉଦ୍ୟମ ଜରି ରହିଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ସେତୁ ସହ ସଂଯୁକ୍ତ ଥିବା ଭାଲୁଯୋର, ଡଙ୍ଗରୀଗୁଡା, ଢୁଲୁପଖାନ, ଭାଟିପାସ, ବାଙ୍ଗଟିସାହାଜ, ନଳାଚୁଆଁ ଆଦି ଗ୍ରାମର ଲୋକେ ବର୍ଷା ଆସିଲେ ଏକ ବିଚ୍ଛିନ୍ନ ଜୀବନ ଆଶଙ୍କା ମଧ୍ୟରେ ଗତି କରିଥାନ୍ତି। କେବଳ ସେତିକି ନୁହେଁ ବର୍ଷ ବର୍ଷ ଧରି ଅବହେଳା ଓ ଅଣଦେଖାର ଶିକାର ହୋଇ ଆସୁଥିବା ଭିତରପିଣ୍ଡି, ଉପରଆଟିଗାଁ, କରାଘାଟି, ଦାବ୍ରିଘାଟି, କର୍ଲାକୋଟ, ଟେଣ୍ଡକାଚୁଆଁ, ପଟାକୁସୁମୀ ଆଦି ଅଞ୍ଚଳର ଲୋକଙ୍କୁ ବିକାଶ ଧାରା ସାଙ୍ଗରେ ସଂଯୋଗ କରିବା ସହିତ ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟସେବା, ଶିକ୍ଷା ଭଳି ମୌଳିକ ଅଧିକାରକୁ ନିଶ୍ଚିତ କରିବା ପାଇଁ ଦାବି ହେଉଛି।

# ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ: ଝଗ୍ରାହୀ ଚାମ୍ପିୟନ

**କୋମନା,୧୬।୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ସିଲେଟପାଣି ଖେଳ ପଡିଆରେ ଚାଲିଥିବା ୨ମ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝଗ୍ରାହୀ ଦଳ ବାଲିଖମାର ଦଳକୁ ହରାଇ ଚାମ୍ପିୟନ ହୋଇଛି। ଝଗ୍ରାହୀ ଓ ବାଲିଖମାର ଦଳ ମଧରେ ଫାଇନାଲ ମ୍ୟାଚ ହୋଇଥିଲା। ଝଗ୍ରାହୀ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ୧୨୫ ରନର ବିଜୟ ଲକ୍ଷ ନେଇ ବାଲିଖମାର ଦଳ ବ୍ୟାଟିଂ ପାଇଁ ପଡିଆକୁ ଓହ୍ଲାଇ ୯.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୭ ରନ କରିବାରେ ସକ୍ଷମ ହୋଇଥିଲେ। ଫଳରେ ଝଗ୍ରାହୀ ଦଳ ୬୭ ରନରେ ବାଲିଖମାର ଦଳଠାରୁ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ହିତେନ ଗହିର ଓ ରୋହିତ ନାୟକ ପରିଚାଳନା କରିଥିବା ବେଳେ ଗଉତମ ଓ ପ୍ରତାପ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ । ଗୁଡୁ, ସୁରେନ୍ଦ୍ର ଓ ଟିଲୁ ଫାଇନାଲ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଦର୍ଲିପଡା ସରପଞ୍ଚ ରୁପଧର କୁଲଦୀପ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ହେମସାଗର ବେହେରା, ତାତୁରାମ ମାଝି, ଚନ୍ଦ୍ରମଣି ଶବର, କୁଶ ମାଝି, ବୃନ୍ଦା ପ୍ରଧାନ, ନକୁଲ ପ୍ରଧାନ, ଶିବ ପାତ୍ର, ମତିରାମ କୁଲଦୀପ ଓ ମିଲକୁ ମାଝି ପ୍ରମୁଖଙ୍କ ଉପସ୍ଥିତିଥିଲେ। ବିଜେତା ଝଗ୍ରାହୀ ଦଳ ଏବଂ ରନର୍ସ ବାଲିଖମାର ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। କୁନା ବେହେରା ଉଦଯାପନୀ ସମାରୋହର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ୟଙ୍ଗ ବୟ କ୍ଲବର ରାଜୁ, ଧନୁ, ଫୁଲୁ, ଜିତେଶ, ମୁକେଶ, ପିଙ୍କୁ, କିର୍ତ୍ତି, ମୁନା, ରଞ୍ଜିତ, କିଶୋର, ଟୁନୁ, ବବଲୁ, ଲୋକନାଥ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗ୍ରହଣରେ ଉଭୟ ଦଳର ଖେଳାଳି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୭ ଫେବୃୟାରୀ ୨୦୨୦



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଲପଡା, ୧୬।୨(ଡି.ଏନ.ଏ.):** ବେଲପଡା ବ୍ଲକ ସିହିନୀ ସରକାରୀ ନୋଡ଼ାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଯୁଗେନ୍ଦ୍ର ଭୁଏଁଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ଯୁବରାଜ ବିଭାରଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ବୈଜୟନ୍ତୀ ପାଣିଗ୍ରାହୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣମୋହନ ମାହାଣା, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଦିବାକର ନାଏକ, ସମିତି ସଭ୍ୟା ବାସନ୍ତୀ ବାଗ, ସିଆରସିସି ରାଧାକାନ୍ତ ଦୀପ ଯୋଗ ଦେଇଥିଲେ । ମାସିକ ପତ୍ରିକା ଲିଳାବତୀର ପୃଷ୍ଠା ଅତିଥି ଗଣଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# 'ନିଜ କାମ କରିବା ହିଁ ଦେଶପ୍ରେମ'

## ବିଚାର ପକ୍ଷରୁ ମାସିକ ଆଲୋଚନାଚକ୍ର

**ବଲାଙ୍ଗୀର ଅଫିସ, ୧୬।୨**

ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପରିସରରେ ବିଚାର ପକ୍ଷରୁ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦେଶପ୍ରେମ: ଏକ ପର୍ଯ୍ୟାଲୋଚନା ଶୀର୍ଷକ ଆଲୋଚନାଚକ୍ରରେ ପଥରଚେପା ଆଦର୍ଶ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର ଆଲୋଚକଭାବେ ଯୋଗ ଦେଇଥିଲେ । ନିଜ କାମ କରିବା ହିଁ ଦେଶପ୍ରେମ ବୋଲି ସେ କହିଥିଲେ । ରାଷ୍ଟ୍ରବାଦ୍, ଜାତୀୟତାବାଦ୍, ଜାତି, ଧର୍ମ, ବର୍ଣ୍ଣ ସମ୍ପ୍ରଦାୟ ଭିତରେ ମଣିଷ ସମାଜ ଭାଗ ଭାଗ ହେବା ଦ୍ୱାରା ସମାଜରେ ଅସ୍ଥିରତା ସୃଷ୍ଟି ହେଉଛି ବୋଲି କହିଥିଲେ।



ବିଚାର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ବକ୍ତବ୍ୟ ରଖୁଛନ୍ତି ।

ଏହି ଆଲୋଚନାଚକ୍ରରେ ଅଧାପକ କୌତୁକ ପନ୍ଦର, ପ୍ରାଧାପକ ରବିଶଙ୍କର ପାଣ୍ଡିଆ, ଗୋପାଳ ନାୟକ, ପଦ୍ମଚରଣ ଆଚାର୍ଯ୍ୟ, ବୀରେନ୍ଦ୍ର କୁମାର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, କୁନା ବାଗ, ବ୍ୟାସଦେବ ନନ୍ଦ, ଅଧାପକ ହେମନ୍ତ କୁମାର ମଲ୍ଲିକ ତାଙ୍କର ବିଚାର ଉପସ୍ଥାପନ କରିଥିଲେ । ଆଲୋଚନାଚକ୍ରକୁ ବିଚାରର ସଂଯୋଜକ ଚିତ୍ତରଞ୍ଜନ ଦାଶ ସଂଯୋଜନା କରିଥିଲେ। ସଭାରେ ପ୍ରଫେସର ମଧୁସୂଦନ ପତି, ବାଞ୍ଛାନିଧି ରଥ, ନୀଳମଣି ମିଶ୍ର, ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ଦତ୍ତାନନ୍ଦ ପଣ୍ଡା, ପ୍ରଭାସ ପାଣିଗ୍ରାହୀ, ଚୈତନ୍ୟ ଦାସ ଠାକୁର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ସନାତନ ଠାକୁର ଧନ୍ୟବାଦ ଦେଇଥିଲେ।



ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା।

# ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା

**ଟିଟିଲାଗଡ଼, ୧୬।୨ (ଡି.ଏନ.ଏ.)**

ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଆସିଥିବା ଟିଟିଲାଗଡ ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପଠାରେ ସମ୍ପନ୍ନ ହୋଇଛି। ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଅରବିନ୍ଦ ମେହେଟ୍ଟୋ ଏବଂ ଲକ୍ଷ୍ମୀକାନ୍ତ ମହାପାତ୍ରା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ସର୍ବସମ୍ମତିକ୍ରମେ ବରିଷ୍ଠ ଶିକ୍ଷାବିତ ଅଶ୍ୱିନୀ ମହାନ୍ତି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। କବି ଭିକାରି ମିଶ୍ର ସମ୍ପାଦକ, ସେବକ ଚରଣ ଦାଶ ଏବଂ ବୈରୀରଞ୍ଜନ ମିଶ୍ର ଉପସଭାପତି, ସହସମ୍ପାଦକ ହିମାଂଶୁ ମିଶ୍ର, ବୃନ୍ଦାବନ ଷଡଙ୍ଗୀ, କୋଷାଧକ୍ଷ ରତ୍ନାକର ସାହୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସେହିପରି ଏଲ.ଏନ. ଶତପଥୀ, ଗୌରଚନ୍ଦ୍ର ବେହେରା, ଅନ୍ତର୍ଯ୍ୟାମୀ ସାହୁ, କୈଳାସ ବେହେରା, ଗୋକୁଳ ଅଗ୍ରୱାଲ, ବନମାଳୀ ଦାଶ, ଅକ୍ଷୟ ବେହେରା, ଘିନୁ ଆଡଯୁଆଡ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଅରବିନ୍ଦଲାଲ ମେହେଟ୍ଟୋ, ଲକ୍ଷ୍ମୀକାନ୍ତ ମହାପାତ୍ର, ବିଶ୍ୱରାମ ଠାକୁରଙ୍କୁ ଉପଦେଷ୍ଟା କମିଟୀରେ ରଖାଯାଇଛି। ନୂତନ କମିଟି ସମାଜର ବରିଷ୍ଠ ନାଗରିକଙ୍କ ସେବା ତଥା ବିଭିନ୍ନ ସମସ୍ୟାର ନିରାକରଣ ପାଇଁ କାର୍ଯ୍ୟ କରିବ ବୋଲି ମହାନ୍ତି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ

## ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ, ୧୬।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ଧର୍ମକ୍ଷେତ୍ର ହରିଶଙ୍କରଠାରେ ହେବାକୁ ଥିବା ମହାଶିବ ରାତ୍ରୀ ପାଇଁ ପ୍ରସ୍ତୁତି ବୈଠକ ପାଟଣାଗଡ ଏନଏସି ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୋମନାଥ ପଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଶିବରାତ୍ରୀ ଦିନ ନୀତିକାନ୍ତି ସହିତ ସୂଚନା କେନ୍ଦ୍ର, ପାନୀୟ ଜଳଯୋଗାଣ, ସ୍ୱଚ୍ଛତା, ପ୍ରାଥମିକ ଚିକିତ୍ସା, ଆଲୋକ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା ଓ ସଂକୀର୍ତ୍ତନ କରିବା ନେଇ ଆଲୋଚନା ହୋଇଥିଲା। ନିର୍ଦ୍ଧାରିତ ସମୟରେ ମନ୍ଦିରରେ ଧ୍ୱଜା ରୋହଣ, ମହାଦୀପ ଉଠିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ପାଟଣାଗଡ ଉପଖଣ୍ଡ ମେଡିକାଲ ଅଫିସର ଡା.ଦିଲୀପ ବିଶ୍ୱାଳ, ଏନଏସି ଇଓ ସୁକାନ୍ତ ବେହେରା, ଦେବୋତ୍ତର କମିଟି ସଦସ୍ୟ ଅନ୍ତର୍ଯ୍ୟାମୀ ମେହେର, ସୁନୀଲ ଗୋଏଲ, ରାଣା ପ୍ରଧାନ, ଇନ୍ଦୁଭୂଷଣ ଠାକୁର, ଆନନ୍ଦ ପାତ୍ର, ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକ, ଜିପିଇଓ ସୁଶାନ୍ତ ପାଣି, ଇଲେକ୍ଟ୍ରି ସେକସନ ଅଫିସର ପବିତ୍ର ପଧାନ, ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରୁ, ହରିଶଙ୍କର ମନ୍ଦିର ସବ୍‌କମିଟି ସଭାପତି ବିପ୍ର ବିଶି, ଶଶି ପୁଝାରୀ, ଗୁପ୍ତେଶ୍ୱର କୁଅଁର, ଅଭୟ ତ୍ରିପାଠୀ, ନରସିଂହ ପୁଝାରୀ, ମନ୍ଦିର ପରିଚାଳକ ବିପିନ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।



ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ବିଇଡି କଲେଜ ସୁବର୍ଣ୍ଣ ଜୟନ୍ତୀ ଲାଗି ଦ୍ୱିତୀୟ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୧୬।୨**

ସ୍ଥାନୀୟ ବିଇଡି କଲେଜ ସୁବର୍ଣ୍ଣ ଜୟନ୍ତୀ ପାଇଁ କଲେଜ ପରିସରରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଇଓ ନେପାଳ ଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ପୁରାତନ ଛାତ୍ର ଦ୍ୱିତିରଞ୍ଜନ ମହାଲିଙ୍ଗ କଲେଜର ଇତିହାସ ବିଷୟରେ କହିଥିଲେ। ଆଗାମୀ ଦିନରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବା ପାଇଁ ପୁରାତନ ଛାତ୍ରୀଛାତ୍ର ତଥା ବୁଦ୍ଧିଜୀବୀ ମାନଙ୍କୁ ଯୋଡିବା ପାଇଁ ଫେସବୁକ, ହ୍ୱାଟ୍ସ ଏପ୍ ତଥା ବିଭିନ୍ନ ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ସ ମିଡିଆ ମାଧମରେ ପ୍ରସାର କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପୁରାତନ ଛାତ୍ର କିଶୋର ହନୁମାନ, ରାମ ଗୋପାଲ ଖମାରୀ ଶର୍ମା ମତ ଦେଇଥିଲେ ।

# ନକ୍‌ଟାସରକୁ ଟାଇଟଲ୍



ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ।

## ରବି ନାରାୟଣ କୁମୁରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

**ବଲାଙ୍ଗୀର ଅଫିସ, ୧୬।୨**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲିଠାରେ ନବଜ୍ୟୋତି ୟୁଥ୍ କ୍ଲବ ଆନୁକୂଲ୍ୟରେ ରବିନାରାୟଣ କୁମୁରା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ନକ୍‌ଟାସର ଓ ଚୁଡାପାଲି ଦଳ ମୁହାଁମୁହିଁ ହୋଇଥିଲେ। ମ୍ୟାଚ ଅମୀମାଂସିତ ରହିବା ପରେ ଟାଇବ୍ରେକର ଜରିଆରେ ନକ୍‌ଟାସର ଦଳ ଚୁଡାପାଲି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ସଦର ବ୍ଲକ ଅଧକ୍ଷ ତଥା କ୍ରୀଡା ଓ ସଂସ୍କୃତି ସଙ୍ଗଠକ ଗୋଲାପ ବାଗ, ମୁଖ୍ୟବକ୍ତା ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ଗୌରହରି ଦାସ, ସମ୍ମାନିତ ଅତିଥି କ୍ରୀଡାପ୍ରେମୀ କାଳିଆ ବେହେରା, ଲୋକନାଥ କୁମରା, ବଂଶୀଧର କୁମୁରା, ନୃପ ଭୋଇ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ନକ୍‌ଟାସର ଦଳର ସୁରେଶ ପାଣ୍ଡେଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି, ଚୁଡାପାଲିର ରିଙ୍କୁ କବାଟଙ୍କୁ ମ୍ୟାଚ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ସଭାକୁ ଶରତ ନନ୍ଦ ସଂଯୋଜନା କରିଥିଲେ। ଖେଳକୁ ସୁଶାନ୍ତ ନାଗ, ସୁଧାଂଶୁ ସେଠ, ଜଳନ୍ଧର ସାହୁ, ଦୀପକ ସାହୁ ପରିଚାଳନା କରିଥିଲେ । ଚାମ୍ପିୟନ ଏବଂ ରନର୍ସ ଅପ ଦଳକୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ମନୋଜ ବେହେରା, ସଞ୍ଜୟ ନାଏକ, ଉତ୍ତମ ନାଏକ, ପ୍ରଦୀପ ଧରୁଆ, ରିଙ୍କୁ କବାଟ ସହଯୋଗ କରିଥିଲେ । ଶେଷରେ ଗୋପବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ ।

# ଆନ୍ତଃ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



ଅତିଥିମାନଙ୍କ ସହ କୃତୀ ପ୍ରତିଯୋଗୀମାନେ ।

**ବଲାଙ୍ଗୀର ଅଫିସ, ୧୬।୨**

ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ଆନ୍ତଃ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସଭାପତି ନୟନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ ଯୋଗଦେଇ ଏଭଳି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ଉନ୍ମୋଚନ ହୋଇପାରିବ ବୋଲି କହିଥିଲେ । କଳା ପ୍ରଶିକ୍ଷକ ମହେନ୍ଦ୍ର ମଲ୍ଲିକ, ପ୍ରଭାସ ଷଡଙ୍ଗୀ ବିଚାରକ ଭାବେ ଯୋଗଦେଇଥିଲେ। ବରିଷ୍ଠ ବିଭାଗରେ ବିଶ୍ୱାତ୍ମବିଦ୍ୟାମନ୍ଦିରର ସୁଚକ ପଧାନ ପ୍ରଥମ, ସେଞ୍ଚୁରିଆନ ସ୍କୁଲର ଅତୁଲ୍ୟ ଲୁହାର ଦ୍ୱିତୀୟ, ଟାଉନ୍ ବାଳକ ଉଚ୍ଚବିଦ୍ୟାଳୟର ଚିନ୍ମୟ ଭୋଇ ତୃତୀୟ ହୋଇଥିଲେ । କନିଷ୍ଠ ବିଭାଗରେ ପୃଥ୍ୱୀରାଜ ହାଇସ୍କୁଲର ଶ୍ରୀୟାଂସ ସ୍ୱାଇଁ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ସକ୍ଷମ କୁମରେ ବେହେଂରା ଦ୍ୱିତୀୟ ଓ ପଥରଚେପା ଆଦର୍ଶ ବିଦ୍ୟାଳୟର ସମୀକ୍ଷା ବାଗ ତୃତୀୟ ହୋଇଥିଲେ ।

# ଆନ୍ତଃଜିଲା ଭଲିବଲ, ଖୋଖୋ, କବାଡ଼ି ପ୍ରତିଯୋଗିତା

**ଟିଟିଲାଗଡ଼, ୧୬।୨ (ଡି.ଏନ.ଏ)**

ବଲାଙ୍ଗୀର ଜୀଲା ଟିଟିଲାଗଡ କରାଟେ ସଂଘ ପକ୍ଷରୁ ଏକଦିବସୀୟ ଆନ୍ତଃଜିଲା ଭଲିବଲ, ଖୋଖୋ ଏବଂ କବାଡି ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଢେଇ, ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡା ଯୋଗଦେଇ ଖେଳାଳିମାନିଙ୍କୁ ଉତ୍ସାହିତ କରିଥିଲେ। କବାଡିରେ ଲୋଇସିଂହା ଚାମ୍ପିୟନ, ଟିଟିଲାଗଡ ହାଡପଦା ପଡା ରନର୍ସ ଅପ, ଭଲିବଲରେ ବଲାଙ୍ଗୀର ଚାମ୍ପିୟନ, ଟିଟିଲାଗଡ ରନର୍ସ ଅପ, ଖୋଖୋରେ ହଲଦୀ ଚାମ୍ପିୟନ, ଟିଟିଲାଗଡ ରନର୍ସ ଅପ ଘୋଷିତ ହୋଇଛନ୍ତି। ଓଡିଶା ଭଲିବଲ ଟିମ ଟ୍ରେନର ଆଲୋକ ଦାଶ ତଥା ରାଜୀବଲୋଚନ ବେହେରା, ନାସିର ଖା, ଅଞ୍ଜନ ବେହେରା, ବିକାଶ ଦୀପ, ଧ୍ରୁବଲେ ଦଳବେହେରା, ମାନସ ଦଳବେହେରା, ରଞ୍ଜିତ ସ୍ୱାଇଁ, ବୈଷ୍ଣବ କବାଟ, ଅଜୁ ଜାନୀ ଖେଳ ପରିଚାଳନା କରିଥିଲେ। ଟିଟିଲାଗଡ କରାଟେ ସଂଘ ପକ୍ଷରୁ ସଭାପତି ଅମରଜିତ ବାଗ, ସମ୍ପାଦକ କେଦାର କବାଟ, ଉପସଭାପତି ଅଚ୍ୟୁତ ସାହୁ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ପୃଷ୍ଟି, କୋଷାଧକ୍ଷ ପ୍ରମୋଦ ପାଲ, କରାଟେ କୋଚ ସୁରେଶ ଜାଲ, ଉପଦେଷ୍ଟା ଟିକେଲାଲ ସାହୁ, ସନ୍ତୋଷ ଅଗ୍ରୱାଲ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଧୁମାଭଟାରେ କୋଶଳ କୃଷକ ସମାବେଶ

**ବେଲପଡା, ୧୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁମାଭଟାରେ ଜୟ କୋଶଳ କୃଷକ ସଂଗଠନ ଆବାହକତ୍ୱରେ ବ୍ଲକସ୍ତରୀୟ କୃଷକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ କୃଷକ ଯୋଗଦେଇ କୃଷି କ୍ଷେତ୍ରରେ ହେଉଥିବା ବିଭିନ୍ନ ସୁବିଧା, ଅସୁବିଧା ଓ ମଣ୍ଡିରେ ଦଲାଲିରାଜ, ଜଳସେଚନର ଅସୁବିଧା ବିଷୟରେ କହିଥିଲେ। କୋଶଳ ରାଜ୍ୟ ସମନ୍ୱୟ ସମିତି ମୁଖ୍ୟ ସଂଯୋଜକ ପ୍ରମୋଦ କୁମାର ମିଶ୍ର ସମାବେଶରେ ଯୋଗଦେଇ ଚାଷୀମାନଙ୍କ ସମସ୍ୟା ସରକାର ଶୁଣୁ ନ ଥିବାରୁ କୋଶଳ ରାଜ୍ୟ ଗଠନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ପଶ୍ଚିମ ଓଡିଶା ଜୟ କିଶାନ କୃଷକ ସଂଗଠନର ସମ୍ପାଦକ ରମେଶ ମହାପାତ୍ର ସମାବେଶରେ ବକ୍ତବ୍ୟ ରଖି ଚାଷୀମାନେ ମଣ୍ଡିରେ କଟନି ଛଟନୀର ଶିକାର ହେଉଥିବା କହିଥିଲେ। ସଭାରେ ଦନାର୍ଦ୍ଦନ ସିଂ, ଗିରୀଧାରୀ ଭୋଇ, ରବି ମିଶ୍ର, ରଣରାଜ ସିଂଦେଓ, ଡୋଳାମଣି ଚୌଧୁରୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ହଲଦୀ, ମୁରିବାହାଲ ବିଜୟୀ

## ଡଙ୍ଗରବୁଡ଼ା ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ନାମେଣ୍ଟ

**ମୁରିବାହାଲ, ୧୬।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଲଦୀ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଜୟ ଡଙ୍ଗରବୁଡ଼ା ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଦ୍ୱିତୀୟ ଦିବସରେ ୨ଟି ମ୍ୟାଚ ଖେଳା ଯାଇଥିଲା । ହଲଦୀ ଇଲେଭେନ ବ୍ରଦର୍ସ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ ହଲଦୀ ଓ ପତ୍ରାପାଲି ମଧ୍ୟରେ ହୋଇଥିଲା । ଏଥିରେ ହଲଦୀ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମୁରିବାହାଲ ଓ ଭାଟିପଡା ଟିଟିଲାଗଡ ମଧ୍ୟରେ ହୋଇଥିଲା। ଏଥିରେ ଟ୍ରାଇବ୍ରେକର ୬-୫ ଗୋଲରେ ମୁରିବାହଲ ବିଜୟ ଲାଭ କରିଥିଲା। ମୁଖ୍ୟଅତିଥି ଭାବେ ବିଟାବନ୍ଧ ସରପଞ୍ଚ ଅଗସ୍ତି ବାଗ, ସମ୍ମାନୀତ ଅତିଥି ଆୟୁର୍ବେଦିକ ଡାକ୍ତର ପ୍ରଫେସର ପୂର୍ଣ୍ଣାନନ୍ଦ କମ୍ପ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଖେଳକୁ ଆଶୀର୍ବାଦ ସା, ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା ଓ ରମାରଞ୍ଜନ ସେଟ ପ୍ରମୁଖ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟ ପରିଚାଳନାରେ ଆୟୋଜକ କମିଟି ସଭାପତି ସଞ୍ଜୟ ଜାନୀ, ସମ୍ପାଦକ ପପୁ ଯାଦବ, ସୁବାଷ ପଟ୍ଟନାୟକ, ସୁଧିର ମହାକୁର, କୁନା ଝାଙ୍କର, ରବିପୋମ, ସୁନୀଲ ହାତୀ, ରାଜୁ ହାତୀ, ବିକ୍ରମହାତୀ, ପିଣ୍ଟୁ ବାଗ, ଚକ୍ର ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି ।



ଉଦ୍‌ଘାଟନୀ ଦିବସରେ ଉଭୟ ଦଳର ଖେଳାଳିମାନଙ୍କ ସହ ଅତିଥି ଓ ଆୟୋଜକ।

# ଅମଲାମାନେ ଶାସନ କଳର ଅବିଚ୍ଛେଦ୍ୟ ଅଙ୍ଗ

## ରାଜସ୍ୱ ଅମଲା ସଂଘର ସାଧାରଣ ପରିଷଦ ବୈଠକ

**ବଲାଙ୍ଗୀର ଅଫିସ, ୧୬।୨**

ଓଡିଶା ରାଜସ୍ୱ ଅମଳା ସଂଘର ସାଧାରଣ ପରିଷଦ ବୈଠକ ରବିବାର ସ୍ଥାନୀୟ କଦଳୀମୁଣ୍ଡା ନର୍ସରୀଠାରେ ସଂଘ ସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟତମ ଅତିଥିଭାବେ ସଂଘ ପୂର୍ବତନ ଉପଦେଷ୍ଟା ରଞ୍ଜନ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରଶାସନିକ କାର୍ଯ୍ୟରେ ଅମଲା ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସେମାନେ ସରକାରୀ ଶାସନ କଳର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ସଭାପତି ମିଶ୍ର ସଂଘକୁ ଜିଲାସ୍ତରକୁ କିଭଳି ରାଜ୍ୟ ସ୍ତର ପର୍ଯ୍ୟନ୍ତ ମଜଭୂତ କରାଯାଇପାରିବ ସେ ଉପରେ କହିଥିଲେ । ସମ୍ପାଦକ ଚୈତନ୍ୟ ବାଗ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ରାମନାରାୟଣ ମିଶ୍ର, କୋଷାଧକ୍ଷ ସୁରେନ୍ଦ୍ର ବାବୁ, ଉପଦେଷ୍ଟା ସରୋଜ କୁମାର ନନ୍ଦ, ଅନିରୁଦ୍ଧ ବୁଡେକ, ଟିକେଲାଲ ବେହେରା ବକ୍ତବ୍ୟ ରଖି ରାଜସ୍ୱ ଅମଲାଙ୍କ ପ୍ରତି ସରକାରୀ ଅବହେଳା, ମହଙ୍ଗାଭତ୍ତା, ଏରିଅର ପ୍ରାପ୍ୟ ଓ ଜାନୁୟାରୀ ପରିବର୍ତ୍ତେ ଜୁଲାଇ ମାସ ଠାରୁ ମହଙ୍ଗା ଭତ୍ତା ପ୍ରଦାନ କରିବା ଉପରେ କହିଥିଲେ। ଏହି ଅବସରରେ ଜିଲାପାଳ ଡାକୁଆ ଓ ଉପଜିଲାପାଳ ମିଶ୍ର ଓ ସଂଘ କାର୍ଯ୍ୟକାରିଣୀ ସଦସ୍ୟମାନେ ସ୍ୱତନ୍ତ୍ର ଭାବେ ପ୍ରକାଶିତ ଏକ କ୍ୟାଲେଣ୍ଡରକୁ ଉନ୍ମୋଚନ କରିଥିଲେ। ରଶ୍ମିତା ନାଗ ଓ ସରୋଜ ବାବୁ ମଞ୍ଚ ପରିଚାଳନା କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାରେ ଯୁଗ୍ମ ସମ୍ପାଦକ ଦିଲୀପ ମିଶ୍ର, ପ୍ରସନ୍ନ ମେହେର, ଉପସଭାପତି କାମଦେବ ଭୋଇ, ଦୟାନନ୍ଦ ମହାପାତ୍ର, ଅଫିସ ସମ୍ପାଦକ ସୁଧାକର ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଶରତ ସାହୁ, ଅଶୋକ କୁମାର ମିଶ୍ର, ବିବେକାନନ୍ଦ ନାଏକ, ସୁଶାନ୍ତ ସାହୁ, ଜୟନ୍ତ ବେହେରା, ସଞ୍ଜୟ ମିଶ୍ର, ସୌଦାମିନୀ ମିଶ୍ର, ବ୍ରଜମୋହନ ଠାକୁର, ପଞ୍ଚାନନ ପୂଜାରୀ, କୀର୍ତ୍ତିଚନ୍ଦ୍ର ମିଶ୍ର, ମଳୟ ଆନନ୍ଦ ତ୍ରିପାଠୀ, ଗଙ୍ଗାଧର ତ୍ରିପାଠୀ, ଚନ୍ଦନ ଶତପଥି, ବିରଞ୍ଚି ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।





ଜିଲାପାଳ ଅରିନ୍ଦମ ଡାକୁଆ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ସହ ଅମଲା ସଂଘ ସଦସ୍ୟମାନେ ସ୍ୱତନ୍ତ୍ର କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି ।